R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୮
ତିଥି : ସପ୍ତମୀ
୨୪ ମେ' ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 228
24 May 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur





# ବାହା ହେଲେ କି କଙ୍ଗନା !

ବଲିଉଡ୍ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାନାୱତଙ୍କ ଗୁପ୍ତ ବିବାହକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । ନିକଟରେ ଏକ ଭାଇରାଲ୍ ଭିଡିଓରେ ସେ ମଙ୍ଗଳସୂତ୍ର ଓ ସବୁଜ ଚୁଡ଼ି ପିନ୍ଧି ଏକ ପାରମ୍ପରିକ ବିବାହିତ ମହିଳା ରୂପରେ ନଜର ଆସିଥିଲେ, ଯାହାକୁ ଦେଖି ପ୍ରଶଂସକଙ୍କ ମଧ୍ୟରେ ତାଙ୍କ ଗୁପ୍ତ ବିବାହର ଗୁଜବ ସୃଷ୍ଟି ହୋଇଥିଲା । ତେବେ ଏହି ଆଲୋଚନା ଉପରେ ବିରାମ କଙ୍ଗନା ନିଜ ଇନଷ୍ଟାଗ୍ରାମ୍ ଷ୍ଟୋରିରେ ଲଗାଇଛନ୍ତି । କଙ୍ଗନା କହିଛନ୍ତି କି, ସେ ପ୍ରତିଦିନ ସହର ଓ ଏହାର ଆଖପାଖ ଅଞ୍ଚଳରେ ସୁଟିଂ କରୁଛନ୍ତି ଏବଂ ଚଳଚ୍ଚିତ୍ରର ଚରିତ୍ର ମେକଅପ୍‌ରେ କେହି ଜଣେ ତାଙ୍କର ଏହି ଫଟୋ ଉଠାଇ ଭାଇରାଲ୍ କରିଦେଇଛନ୍ତି । ଏହି କାରଣରୁ ତାଙ୍କ ପାଖକୁ ଅନେକ ଫୋନ କଲ୍ ଆସୁଛି, କିନ୍ତୁ ଜଣେ ଅଭିନେତ୍ରୀ ବିଭିନ୍ନ ପ୍ରକାରର ଭୂମିକା ଗ୍ରହଣ କରୁଥିବାରୁ ବିବାହିତ ମହିଳା ରୂପରେ ନଜର ଆସିବା କୌଣସି ବଡ଼ କଥା ନୁହେଁ ବୋଲି କଙ୍ଗନା ମତ ଦେଇଛନ୍ତି । ଏହାସହ ସେ କେବେହେଲେ ଲୁଚିଛପି ବିବାହ କରିବେ ନାହିଁ ବୋଲି ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ନିର୍ଦ୍ଦେଶକ ବିକାଶ ବହଲ ମଧ୍ୟ ଏହି ଖବରକୁ ନିଶ୍ଚିତ କରି କହିଛନ୍ତି ଯେ, ୨୦୧୪ ମସିହାର ସୁପରହିଟ୍ ଫିଲ୍ମ 'କ୍ୱିନ୍' ର ସିକ୍ୟୁଏଲ୍ 'କ୍ୱିନ୍ ୨'ର କାହାଣୀ ପ୍ରସ୍ତୁତ ହୋଇ ସୁଟିଂ ଆରମ୍ଭ ହୋଇସାରିଛି ଏବଂ ଏହା ସେହି ସେଟ୍‌ର ଲୁକ୍ ଅଟେ ।

# ରୋବଟ ନିର୍ମିତ ଷ୍ଟେସନ

ଟେକ୍ନୋଲୋଜି ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଚୀନ୍ ସାରା ବିଶ୍ୱକୁ ପୁଣି ଥରେ ଚକିତ କରିଦେଇଛି, ଯାହାକି ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚୀନ୍ ଗସ୍ତରେ ଯାଇଥିବା ବିଶିଷ୍ଟ କୋଟିପତି ତଥା ଉଦ୍ୟୋଗୀ ଏଲନ୍ ମସ୍କ ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'X' ରେ ଚୀନ୍‌ର ଏକ ମେଗା ପ୍ରୋଜେକ୍ଟର ଭିଡିଓ ସେୟାର କରିଛନ୍ତି । ଯାହା ଚୀନ୍‌ର "ଚୋଙ୍ଗକିଙ୍ଗ ଇଷ୍ଟ ରେଳଷ୍ଟେସନ"ର ଅଟେ । ଏହି ଷ୍ଟେସନକୁ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରେଳଷ୍ଟେସନ କୁହାଯାଉଛି ଏବଂ ଏହାର ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଏତେ ବଡ଼ ବିଶାଳ ଭିତ୍ତିଭୂମିକୁ ମାତ୍ର ୩୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ



ରୂପେ ପ୍ରସ୍ତୁତ କରାଯାଇଛି । ଯେଉଁଥିରେ ମଣିଷ ଅପେକ୍ଷା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଚାଳିତ ରୋବୋଟ୍‌ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଦକ୍ଷିଣ-ପଶ୍ଚିମ ଚୀନ୍‌ର ପ୍ରସିଦ୍ଧ ଚୋଙ୍ଗକିଙ୍ଗ ସହରରେ ନିର୍ମିତ ଏହି ରେଳଷ୍ଟେସନ ପ୍ରାୟ ୧୨.୨ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଚୋଙ୍ଗକିଙ୍ଗ ହେଉଛି ସେହି ଆଧୁନିକ ତଥା ଚମତ୍କାର ସହର ଯେଉଁଠାରେ ମେଟ୍ରୋ ଟ୍ରେନ୍‌ଗୁଡ଼ିକ ସିଧାସଳଖ ଆପାର୍ଟମେଣ୍ଟ ବିଲ୍ଡିଂ ଏବଂ ବହୁତଳ ପ୍ରାସାଦ ମଧ୍ୟ ଦେଇ ଗତି କରୁଥିବାର ଦେଖାଯାଏ । ବିଭିନ୍ନ ଆନ୍ତର୍ଜାତୀୟ ରିପୋର୍ଟ ଅନୁସାରେ, ଏହି ମେଗା ଷ୍ଟେସନର ନିର୍ମାଣ କାର୍ଯ୍ୟରେ ବହୁ ସଂଖ୍ୟାରେ ସ୍ୱୟଂଚାଳିତ ମେସିନ୍ ଏବଂ ରୋବୋଟ୍‌ଙ୍କର ଏକ ସମ୍ପୂର୍ଣ୍ଣ ସେନା ନିୟୋଜିତ କରାଯାଇଥିଲା, ଯାହା ଦ୍ୱାରା ଅତି କମ୍ ସମୟ ମଧ୍ୟରେ କାମ ଶେଷ ହୋଇପାରିଛି ।

# ଭିନ୍ନ ମଣିଷ ଭିନ୍ନ ସ୍ୱର



ମାନବ ସ୍ୱର ହେଉଛି ଆମ ବ୍ୟକ୍ତିତ୍ୱର ସବୁଠାରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ, ଯାହାଦ୍ୱାରା ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ପରିଚିତ ଲୋକେ ଆମକୁ ତୁରନ୍ତ ଚିହ୍ନିପାରନ୍ତି । ତେବେ 'ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍'ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବିବର୍ତ୍ତନ ପ୍ରକ୍ରିୟାରେ ଅନ୍ୟ ମାଙ୍କଡ଼ ଓ ବାନରମାନଙ୍କଠାରେ ଦେଖାଯାଉଥିବା 'ଭୋକାଲ୍ ମେମ୍ବ୍ରେନ୍' ଏବଂ ବାୟୁ ଥଳୀ ଗୁଡ଼ିକ ଶରୀରରୁ ବିଲୁପ୍ତ ହେବା ଫଳରେ ମଣିଷଠାରେ ଏକ ସ୍ଥିର ସ୍ୱର ପେଟିକା ବିକଶିତ ହୋଇଛି । ଯାହା କୋଳାହଳପୂର୍ଣ୍ଣ ଧ୍ୱନି ବଦଳରେ ସ୍ପଷ୍ଟ ଏବଂ ନିୟନ୍ତ୍ରିତ ସ୍ୱର ସୃଷ୍ଟି କରିବାରେ ସାହାଯ୍ୟ କରେ । ସ୍ୱରତନ୍ତ୍ରୀରୁ ବାହାରୁଥିବା ଏହି ଧ୍ୱନି ଗଳା, ପାଟି ଏବଂ ନାକ ରୂପକ ଇକୋ ଚାମ୍ବର ଦେଇ ଗତି କରିବା ସମୟରେ ଏକ ସ୍ୱତନ୍ତ୍ର ରୂପ ନେଇଥାଏ । ଏହି ପ୍ରକ୍ରିୟାରୁ ବଞ୍ଚିଯାଉଥିବା ସବୁଠାରୁ ସ୍ଥାୟୀ ଧ୍ୱନି ଆବୃତ୍ତିକୁ ବୈଜ୍ଞାନିକମାନେ "ଫର୍ମାଣ୍ଟସ୍" କହିଥାନ୍ତି, ଯାହା ପ୍ରତ୍ୟେକ ବ୍ୟକ୍ତିର ସ୍ୱରକୁ ଭିନ୍ନ କରିଥାଏ । ଏହି ଫର୍ମାଣ୍ଟସ୍ ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତିର ସ୍ୱର ନଳୀର ଲମ୍ବ, ପାଟିର ଆକୃତି, ତାଳୁର ବକ୍ରତା, ଗଳାର ଗଭୀରତା, ମୁଣ୍ଡଖପୁରି ଓ ସାଇନସ୍‌ର ଗଠନ ଉପରେ ନିର୍ଭର କରିଥାଏ । ସମାନ ଉଚ୍ଚତାର ଦୁଇଜଣ ପୁରୁଷ କିମ୍ବା ଶାରୀରିକ ଗଠନର ଭିନ୍ନତା ଯୋଗୁଁ ମହିଳା ଓ ପୁରୁଷଙ୍କ ସ୍ୱର ସମ୍ପୂର୍ଣ୍ଣ ଅଲଗା ଶୁଣାଯାଏ । ଏପରିକି ଏହି ଆନୁବଂଶିକ ଜିନ୍‌ଗୁଡ଼ିକର ପ୍ରଭାବ କାରଣରୁ ଗର୍ଭସ୍ଥ ଶିଶୁ ମଧ୍ୟ ନିଜ ମା'ର ସ୍ୱରକୁ ସହଜରେ ଚିହ୍ନି ପ୍ରତିକ୍ରିୟା ପ୍ରକାଶ କରିଥାଏ ।

# ସୋସିଆଲ କୋଟ୍ସ



ରଣବୀର ସିଂ ବହୁତ ଭଲ ଅଭିନେତା । ସେ ନିଜକୁ ନେଇ ବହୁତ ସିକ୍ୟୁଅର ସବୁବେଳେ । ଧୁରନ୍ଧରରେ ତାଙ୍କ ଅଭିନୟ ଖୁବ ଭଲ ହୋଇଛି ।

**ଅଞ୍ଜୁମ ସର୍ମା, ଅଭିନେତା**



ରକଷ୍ଟାରର ସିକୁଏଲ ପ୍ରସ୍ତୁତ ପାଇଁ କୌଣସି ଯୋଜନା ନାହିଁ । ଯାହାକୁ ପସନ୍ଦ ଆସୁଛି ସେମାନେ ନିର୍ମାଣ କରିପାରନ୍ତି । ମୋର କିଛି କହିବାର ନାହିଁ ।

**ଇମ୍ତିଆଜ ଅଲ୍ଲୀ, ଫିଲ୍ମମେକର**



ଧୁରନ୍ଧର ଭଳି ଫିଲ୍ମ ଆମ ପାଇଁ ଗର୍ବ । ସେଭଳି ଫିଲ୍ମ ସଫଳତା ଡିଜର୍ଭ କରୁଛି ନାଁ କି ଇର୍ଷା । ଏହାକୁ ସମସ୍ତଙ୍କର ଭଲପାଇବା ମିଳିବା ଦରକାର ।

**ଅମିତ ବହଲ, ଅଭିନେତା**

# ଗୋଟିଏ ଚକ ଥିବା ସାଇକେଲ

ସୋସିଆଲ ମିଡିଆରେ ବର୍ତ୍ତମାନ ଜଣେ ଯୁବକଙ୍କ ଭିଡିଓ ବେଶ୍ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ସେ କେରଳରୁ ନେପାଳ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଧରଣର ଗୋଟିଏ ଚକ ବିଶିଷ୍ଟ ସାଇକେଲ୍ ଚଲାଇ ଯାଉଥିବା ଦେଖିବାକୁ ମିଳୁଛି । ଏହା କୌଣସି ସାଧାରଣ ସାଇକେଲ ନୁହେଁ, କାରଣ ଏହାର ଆଗ ପାର୍ଶ୍ୱଟି ଶୂନ୍ୟରେ ଉପରକୁ ଟେକି ହୋଇ ରହିଛି ଏବଂ ସେ କେବଳ ପଛ ଚକ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାରସାମ୍ୟ ରକ୍ଷା କରି ରାସ୍ତାରେ ଆଗକୁ ବଢୁଛନ୍ତି । ଟ୍ରାଫିକ୍ ଜାମ୍ ଏବଂ ଖରାପ ରାସ୍ତା ସତ୍ତ୍ୱେ ମଧ୍ୟ ସେ ବିନା କୌଣସି ଭୟ କିମ୍ବା ଦ୍ୱିଧାରେ, ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଘଣ୍ଟା ଘଣ୍ଟା ଧରି ଏହିପରି ସାଇକେଲ୍ ଚଲାଇବା ଦେଖି ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି । ସୋସିଆଲ ମିଡିଆରେ ଏହାକୁ ନେଇ ୟୁଜର୍ସଙ୍କ ମଧ୍ୟରେ ଅନେକ ମଜାଦାର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଅଦ୍ଭୁତ ସନ୍ତୁଳନ ଏବଂ ଦୁଃସାହସିକତାର ପ୍ରତୀକ ସାଜିଥିବା ଏହି ଯୁବକଙ୍କ ଯାତ୍ରା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି ।



## ଓଡ଼ିଆ ରୁଚି

# ଛେନା ଗୋଲାପଜାମୁ



**ସାମଗ୍ରୀ-** କ୍ଷୀର ୪ଲିଟର, ଚିନି ୪କପ, କିସମିସ, ମଇଦା ଦୁଇ ଚାମଚ, ବେକିଂ ପାଉଡର ୧ ଚାମଚ, ଗୁଜୁରାତି ।

**ପ୍ରଣାଳୀ-** ଅଧା କ୍ଷୀରରେ ଛେନା ଓ ଅଧା କ୍ଷୀରରେ ଖୁଆ ତିଆରି କରନ୍ତୁ । ବର୍ତ୍ତମାନ ଛେନା, ଖୁଆ, ମଇଦା, ବେକିଂ ପାଉଡରକୁ ମିଶାଇ ଭଲଭାବେ ଚକଟି ଦିଅନ୍ତୁ । ଏହି ଚକଟାରେ ଛୋଟଛୋଟ ଗୁଳା ତିଆରି କରି ଗୁଜୁରାତି ଗୁଣ୍ଡ ଓ କିସମିସ ଦେଇ ଗୋଲ କରନ୍ତୁ । ସିରା ପ୍ରସ୍ତୁତ କରନ୍ତୁ, ଛେନା ଗୁଳାକୁ ତେଲରେ ଛାଣନ୍ତୁ । ଏହା ବାଦାମୀରଙ୍ଗ ହୋଇଗଲେ ତେଲ କଡେଇରୁ କାଢି ସିରା କଡେଇରେ ପକାନ୍ତୁ । ପ୍ରସ୍ତୁତ ହୋଇଯିବ ଛେନା ଗୋଲାପ ଜାମୁ ।

# ଇତିହାସ

୧୮୧୯- ବ୍ରିଟେନ ରାଣୀ ଭିକେଟୋରିଆଙ୍କ ଜନ୍ମ ।
୧୮୯୬- ଶହିଦ କରତାର ସିଂହ ସରାଭାଙ୍କ ଜନ୍ମ ।
୧୮୭୫- ଅଲିଗଡ଼ରେ ମହମ୍ମଦିନ ଏଙ୍ଗଲୋ ଓରିଏଣ୍ଟାଲ ସ୍କୁଲର ପ୍ରତିଷ୍ଠା ।
୧୯୧୫- ଟେଲିସ୍କ୍ରାଇବର ଆବିଷ୍କାର କଲେ ଥମସ୍ ଅଲ୍‌ବା ଏଡିସନ ।
୧୯୫୪- ପ୍ରଥମ ମହିଳା ଏଭରେଷ୍ଟ ଆରୋହଣକାରୀ ବଛେନ୍ଦ୍ରୀ ପାଲଙ୍କର ଜନ୍ମ ।
୨୦୦୦- ସିନେ ଦୁନିଆର ପ୍ରସିଦ୍ଧ ଗୀତିକାର ମଜରୁହ ସୁଲତାନପୁରୀଙ୍କ ନିଧନ ।
୨୦୦୨- ରୁଷ ଓ ଆମେରିକା ମଧ୍ୟରେ ମସ୍କୋ ସନ୍ଧି ସ୍ୱାକ୍ଷର ।



**ମେଷ:** ସମ୍ପର୍କ ହାନି, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ଶତ୍ରୁ ସମସ୍ୟା, ଶାରୀରିକ ସୁସ୍ଥତା, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦୂର ଯାତ୍ରା, ବ୍ୟବସାୟରେ ଶତ୍ରୁତା, ବନ୍ଧୁ ଲାଭ, ସନ୍ତାନ ଖୁସି, ଚିଡ଼ିଚିଡ଼ା ସ୍ୱଭାବ ହେତୁ କଷ୍ଟ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ବୃଷ:** ଭ୍ରମଣ କଷ୍ଟ, ନୂତନ କାର୍ଯ୍ୟ ଲାଭ, ଅତିଥି ସତ୍କାର, ପାରିବାରିକ ସମସ୍ୟା, କର୍ମକ୍ଷେତ୍ରରେ ସଫଳ, ପଦବୀ ଲାଭ, ଅନୁଷ୍ଠାନରୁ ଖୁସି, ମନ ଅସ୍ଥିର, ବନ୍ଧୁ ଲାଭ, ଅର୍ଥ ସମସ୍ୟା, ସମ୍ପତ୍ତି ଲାଭ, ଶୁଭ ଖବର, ବିଦ୍ୟାରେ ସଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୫, ଆରାଧନା- ମା' ଭୁବନେଶ୍ୱରୀ ।

**ମିଥୁନ:** କାର୍ଯ୍ୟରେ ସଫଳ, ନୂତନ ବନ୍ଧୁ ଲାଭ, ଶତ୍ରୁ ପରାଜିତ, ସମ୍ପତ୍ତି ଲାଭ, ବ୍ୟବସାୟିକ ଖୁସି, ଶାରୀରିକ ସୁସ୍ଥତା , ବିଶିଷ୍ଟ କାର୍ଯ୍ୟରେ ସଫଳ, ପୁରାତନ ବିବାଦ ସମାଧାନ, ଅର୍ଥ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ପ୍ରାପ୍ତି । ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।

**କର୍କଟ:** ଅର୍ଥ ସମସ୍ୟା, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭ ଖବର, ଯାନ୍ତ୍ରିକ ତ୍ରୁଟି, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସହଯୋଗ, ଶରିର ସୁସ୍ଥ, ସୁମିଷ୍ଟ ଭୋଜନ ପ୍ରାପ୍ତି, ସନ୍ତାନ ସମସ୍ୟା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ସିଂହ:** କାର୍ଯ୍ୟରେ ସଫଳ, ନୂତନ କାର୍ଯ୍ୟରେ ଲାଭ, ପାରିବାରିକ ଖୁସି, ମାନସିକ ଶାନ୍ତି, ଅର୍ଥ ଲାଭ, ଦ୍ରବ୍ୟ ପ୍ରାପ୍ତି, ବିବାଦ ସମାଧାନ, ନୂତନ ଚୁକ୍ତି, ସମ୍ପତ୍ତି ଲାଭ, କଳହ ସମାଧାନ, ଶୁଭ ଖବର, ପିଲାଙ୍କ ଚିନ୍ତା । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମା' ଭଗବତୀ ।

**କନ୍ୟା:** ଅଯଥା ବ୍ୟୟ, କାର୍ଯ୍ୟ ବିଳମ୍ବ, ହଠାତ୍ ଦୂର ଯାତ୍ରା, ଉଚ୍ଚ ସ୍ଥାନରୁ ପତନ ଭୟ, ଲୋକସମ୍ପର୍କ ବୃଦ୍ଧି, ପୁରାତନ ମାମଲାରେ କଷ୍ଟ, ଅଳ୍ପ ଧନ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ଶୁଭ ଖବର, ଦାମ୍ପତ୍ୟ ଖୁସି, ବିବାଦମୁକତ । ଉତ୍ତରାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା:** ଯାତ୍ରାରେ ସଫଳ, ସମ୍ମାନ ଲାଭ, ବନ୍ଧୁ ସମସ୍ୟା, ମାନସିକ ଶାନ୍ତି, ପଦବୀ ଲାଭ, ଗୃହେ ସହଯୋଗ, ଅର୍ଥ ଲାଭ, ମାମଲା ସମାଧାନ, ପାରିବାରିକ ଖୁସି, ବ୍ୟବସାୟରେ ଲାଭ, ପୁରାତନ ବନ୍ଧୁ ମିଳନ, ସନ୍ତାନ ଖୁସି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଖୁସି ଖବର, ବ୍ୟବସାୟରେ ଲାଭ, ଅର୍ଥ ଲାଭ, ପାରିବାରିକ ସମସ୍ୟା, ପଦବୀ ଲାଭ, ଯାତ୍ରା ସଫଳ, ଆଶା ପୂର୍ଣ୍ଣ, ସମ୍ପତ୍ତି ଲାଭ, ଅଳ୍ପ ଶତ୍ରୁ ସମସ୍ୟା, ପୁରୁଣା ମାମଲାର ସମାଧାନ, ବନ୍ଧୁ ଲାଭ, ଦାମ୍ପତ୍ୟ ଖୁସି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** କାର୍ଯ୍ୟରେ ବାଧା, ଅର୍ଥ ସମସ୍ୟା, କର୍ମକ୍ଷେତ୍ରରେ ପରିଶ୍ରମ, ହେବା କାର୍ଯ୍ୟରେ ବିଳମ୍ବ, ମାନସିକ ଶାନ୍ତି, ବନ୍ଧୁ ସାହାଯ୍ୟ, ଉଚ୍ଚ ଆଶାରେ ବିଫଳ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟିକ କଷ୍ଟ, ଧର୍ମ କାର୍ଯ୍ୟରେ ଉତ୍ସାହ, ପାରିବାରିକ ଖୁସି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ପ୍ରତିକାର-ଗୁରୁଜନଙ୍କ ସେବା ।

**ମକର:** ଅପମାନ, ଶାରୀରିକ ଅସୁସ୍ଥ, ପାରିବାରିକ ଖୁସି, ଉଚ୍ଚ ଆଶା ବିଫଳ, ଦେବ ଦର୍ଶନ, ଯାତ୍ରାରେ ସତର୍କ, ଦ୍ରବ୍ୟ ନଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାରେ ସଫଳ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ପ୍ରୀତି ବୃଦ୍ଧି, କାର୍ଯ୍ୟରେ ସଫଳ, ବନ୍ଧୁ ଲାଭ, ଧର୍ମ କାର୍ଯ୍ୟରେ ସନ୍ତୁଷ୍ଟ, ପଦବୀ ଲାଭ, ବ୍ୟବସାୟରେ ଉନ୍ନତି, ଶାରୀରିକ ସୁସ୍ଥ, ଅର୍ଥ ଲାଭ, ସମ୍ପତ୍ତି କ୍ରୟ, ମାମଲାରେ ଖୁସି, ପାରିବାରିକ ଖୁସି, ଭ୍ରାତୃ ସ୍ନେହ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟ ଲାଭ, ପୁରାତନ ରୋଗରୁ ଉପସମ, ବ୍ୟବସାୟରେ ଲାଭ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି, ଶତ୍ରୁ ପରାଜିତ, ନୂତନ ସୁଯୋଗ ପ୍ରାପ୍ତି, ଯାନବାହନ କ୍ରୟ, ଶାରୀରିକ ସୁସ୍ଥ, ଦାମ୍ପତ୍ୟ ଖୁସି । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ବାଟମଙ୍ଗଳା ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ନବମୀ**
**୨୪.୫.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୮
ତିଥି : ସପ୍ତମୀ
୨୪ ମେ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 228
24 May 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପୁଣି ବଢ଼ିଲା ପେଟ୍ରୋଲ ଡିଜେଲ | ୯ ଦିନରେ ୩ ଥର ବୃଦ୍ଧି

### ପେଟ୍ରୋଲରେ ୯୨ ପଇସା, ଡିଜେଲରେ ୯୬ ପଇସା ଅଧିକ

ଭୁବନେଶ୍ୱର, ୨୩।୫ (ସବ୍ୟୁ) : ୯ ଦିନ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ୩ ଥର ବୃଦ୍ଧି ଘଟିଲାଣି । ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଥିବାରୁ ତୈଳ କମ୍ପାନୀ ଗୁଡିକ ଏହାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଆଜି ପେଟ୍ରୋଲରେ ୮୭ ପଇସା ଓ ଡିଜେଲ ୯୧ ପଇସା ବୃଦ୍ଧି ହୋଇଛି । ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୬ ଟଙ୍କା ୩୩ ପଇସା ଓ ଡିଜେଲ ଦାମ ଲିଟର ପିଛା ୯୭ ଟଙ୍କା ୮୨ ପଇସା ହୋଇଛି । ଅପରପକ୍ଷରେ ସ୍ପିଡ୍ ପେଟ୍ରୋଲ ପିଛା ୧୧୫ ଟଙ୍କା ୪୭ ପଇସା ହୋଇଛି ।

ଦିଲ୍ଲୀରେ ପେଟ୍ରୋଲ ୯୯ ଟଙ୍କା ୫୧ ପଇସା ହୋଇଥିବା ବେଳେ ଡିଜେଲ୍ ଲିଟର ପିଛା ୯୨ ଟଙ୍କା ୪୯ ପଇସା,



କୋଲକାତାରେ ପେଟ୍ରୋଲ ୧୧୦ ଟଙ୍କା ୬୪ ପଇସା, ଡିଜେଲ ୯୭ ଟଙ୍କା ୨ ପଇସା, ମୁମ୍ବାଇରେ ପେଟ୍ରୋଲ ୧୦୮ ଟଙ୍କା ୪୯ ପଇସା, ଡିଜେଲ ୯୫ ଟଙ୍କା ୨ ପଇସା, ଚେନ୍ନାଇରେ ପେଟ୍ରୋଲ ୧୦୫ ଟଙ୍କା ୩୧ ପଇସା ଓ ଡିଜେଲ ୯୬ ଟଙ୍କା ୬୮ ପଇସା ହୋଇଛି । ମେ ୧୫ରେ ପ୍ରଥମେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରାଯାଇଥିଲା । ଏହାର ୪ ଦିନ ପରେ ପେଟ୍ରୋଲରେ ଲିଟର ପିଛା ୯୭ ପଇସା ଓ ଡିଜେଲରେ ୯୧ ପଇସା ବୃଦ୍ଧି ହୋଇଛି । ୪ ଦିନ ପରେ (୯ ପୃଷ୍ଠାରେ)

- ଭୁବନେଶ୍ୱରରେ ପେଟ୍ରୋଲ ମୂଲ୍ୟ ୧୦୬ ଟଙ୍କା
- ଡିଜେଲ ଲିଟର ପିଛା ୯୭.୮୨ ଟଙ୍କା
- ଆଗକୁ ଆହୁରି ବଢ଼ିବା ନେଇ ସୂଚନା
- ମହଙ୍ଗା ହେବ ଅତ୍ୟାବଶ୍ୟକ ସାମଗ୍ରୀ

### ଛୁଟି ଦିନରେ ଅଫିସ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ

## ଆଇନ ଶୃଙ୍ଖଳା ନେଇ ଆଲୋଚନା

ଭୁବନେଶ୍ୱର, ୨୩।୫ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚତୁର୍ଥ ଶନିବାର ଛୁଟି ଦିନରେ ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହିତ ଉଚ୍ଚ ପଦାଧିକାରୀ ମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ।

ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଚ ସ୍ତରୀୟ ବୈଠକରେ ପୋଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଥିଲେ ।



ଆଜି ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସହିତ ସେହି ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ । ତେଣୁ ପୋଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ ।

## ଅସହ୍ୟ ତାତି : ତ୍ରାହି ତ୍ରାହି ଡାକିଲେଣି

ଭୁବନେଶ୍ୱର, ୨୩।୫ (ସବ୍ୟୁ): ପଶ୍ଚିମରେ ୪୫ ଡିଗ୍ରୀ ତଳକୁ ଖସୁନି ପାରଦ । ସପ୍ତାହେ ହେବ ଗ୍ରୀଷ୍ମ ଲହରୀରେ ସିଝୁଛି ଅଧା ଓଡ଼ିଶା । ଆଜି ବି ପଶ୍ଚିମ ଓଡ଼ିଶାର ୫ ସହରରେ ପାରଦ ୪୫ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି । ସତେ ଯେମିତି ଲାଗୁଛି, ଆକାଶରୁ ଅଗ୍ନି ବର୍ଷା ହେଉଛି ।

- ପଶ୍ଚିମରେ ୪୫° ତଳକୁ ଖସୁନି
- ପୁଣି ଆଗକୁ ବଢିଲା ମୌସୁମୀ
- ୫ ସହରରେ ୪୫° ଉପରେ ପାରଦ

ଏଥିସହ ଉପକୂଳରେ ଆର୍ଦ୍ରତା ବା ଜଳୀୟବାଷ୍ପ ୫୦%ରୁ ଅଧିକ ରହିବା ଯୋଗୁ ଅନୁଭୂତ ତାପମାତ୍ରା ପଶ୍ଚିମ ଠାରୁ ବାଳିଯାଉଛି । ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ପାଗ (୯ ପୃଷ୍ଠାରେ)



ଫଟୋ: ଅତୁଲ୍ୟ

### ରାଜ୍ୟ କର୍ମଚାରୀଙ୍କ ପାଇଁ ସଂଶୋଧିତ ବଦଳି ନୀତି

## ମନଇଚ୍ଛା ହେବନି ବଦଳି, ବାତିଲ ଲାଗି ପଡ଼ିବନି ଚାପ

ଭୁବନେଶ୍ୱର, ୨୩।୫ (ସବ୍ୟୁ) : ସରକାରୀ କର୍ମଚାରୀ ବଦଳି ଓ ନିଯୁକ୍ତି ପ୍ରକ୍ରିୟା ଲାଗି ସରକାର ପୂର୍ବରୁ ପ୍ରଚଳିତ ଥିବା ନୀତିରେ ବଡ ସଂଶୋଧନ କରିଛନ୍ତି । ବଦଳି ପାଇଁ ବଢୁଥିବା ରାଜନୈତିକ ଚାପ ହ୍ରାସ ପାଇଁ ପଦକ୍ଷେପ ନିଆଯାଇଛି । କର୍ମଚାରୀଙ୍କ ପାଇଁ ସାମଗ୍ରିକ ବଦଳି ନୀତି କଡାକଡି ପାଳନ କରିବାକୁ ବିଭାଗ ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି, ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସଂଶୋଧିତ ବଦଳି ନୀତି ସରକାର ଉଲ୍ଲେଖ କରିଛନ୍ତି ଯେ, ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ଏହାକୁ ପାଳନ କରାଯାଉ । କୌଣସି ପ୍ରକାର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୈତିକ ଚାପ ପ୍ରୟୋଗ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ସରକାର (୯ ପୃଷ୍ଠାରେ)




### ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

## ଆଇନ୍ ଶୃଙ୍ଖଳାକୁ ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୨୩।୫ (ସବ୍ୟୁ) : ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି ଦ୍ରୁତ ଗତିରେ ଅବନତି ହେଉଥିବା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି ।

ନବୀନ ଉଲ୍ଲେଖ କରିଛନ୍ତି ଯେ ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ତିଗିରିଆ ବ୍ଲକ୍‌ରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ହିଂସା ସୃଷ୍ଟି କରାଯାଇ ଅଟକ ରଖାଗଲା । ବିଜେପି ସମର୍ଥିତ ଗୁଣ୍ଡାମାନେ ଏହି କାଣ୍ଡ ଭିଆଇଲେ । ସେ ଗତ ୨୨ ତାରିଖରେ ତିଗିରିଆ ପଞ୍ଚାୟତ ସମିତି ବୈଠକରେ ଯୋଗ ଦେବାକୁ ଯାଇଥିଲେ । ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳର ରାଜନୈତିକ ସଂଘର୍ଷ ନୁହେଁ । ଏହା ସିଧାସଳଖ ଆମ ଗଣତାନ୍ତ୍ରିକ ପ୍ରକ୍ରିୟାକୁ (୯ ପୃଷ୍ଠାରେ)




## ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ

କୋରାପୁଟ, ୨୩।୫ (ସବ୍ୟୁ) : କୋରାପୁଟ ଜିଲ୍ଲା ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ହେବାରୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟ କୋଠା ପରିସର ମଧ୍ୟରେ ସର୍ଟସର୍କିଟ ହୋଇ ନିଆଁଲାଗିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଖବର ପାଇ ଲମତାପୁଟ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହି ଅଗ୍ନିକାଣ୍ଡରେ ୪ ଜଣ କର୍ମଚାରୀ ଫସିଥିବା କୁହାଯାଇଛି । ପୂର୍ବରୁ ବି ଏହି କାର୍ଯ୍ୟାଳୟ ପରିସର ମଧ୍ୟରେ ଏପରି ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା । ଏବେ ଏହି ଅଗ୍ନିକାଣ୍ଡ (୯ ପୃଷ୍ଠାରେ)

## କୋଇଲା ଖଣି ବିସ୍ଫୋରଣରେ ୯୦ ମୃତ

ନୂଆଦିଲ୍ଲୀ, ୨୩।୫ : ଚୀନର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ପ୍ରାୟ ୯୦ ଲୋକଙ୍କର ପ୍ରାଣ ହାନୀ ଘଟିଛି । ଏବେବି ଖଣି ଭିତରେ ଶ୍ରମିକ ଫସି ରହିଥିବା ସୂଚନା ମିଳିଛି । ରାଷ୍ଟ୍ରପତି ସି ଜିନ୍ ପିଙ୍ଗ ଘଟଣା ସ୍ଥଳରେ ଶୀଘ୍ର ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଛଡା ଦୁର୍ଘଟଣାର କାରଣର ତଦନ୍ତ ଓ ଦାୟିତ୍ୱବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଚୀନ ରାଜଧାନୀ ବେଜିଙ୍ଗର ୫୨୦ କିଲୋମିଟର ଦୂରରେ ଅବସ୍ଥିତ ଟାଙ୍ଗଝି (୯ ପୃଷ୍ଠାରେ)

## ଇବୋଲା ରୋଗ ଉପରେ ସମୀକ୍ଷା

# ବିମାନବନ୍ଦରରେ ସୁଦୃଢ଼ ହେବ ସ୍କ୍ରିନିଂ ବ୍ୟବସ୍ଥା



ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ସହିତ ଠିକ୍ ସୂଚନା ପ୍ରଚାର ହେବ । ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ । ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ।

ଲୋକସେବା ଭବନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ

**ଦେଶରେ କୌଣସି ସନ୍ଦିଗ୍ଧ କେସ ଚିହ୍ନଟ ହୋଇନି**

। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ, ଏନଏଚଏମ ଏମଡି ଡ଼. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ଼ ବିଜୟ ମହାପାତ୍ର , ସ୍ୱତନ୍ତ୍ର ସଚିବ ଡ଼ ନୀଳକଣ୍ଠ ମିଶ୍ର , ଭୁବନେଶ୍ୱର ଏୟାରପୋର୍ଟର ଡ଼ିଜିଏମ ଅପରେସନ ଉମାକାନ୍ତ ପଟେଲ , ବରିଷ୍ଠ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ପୁଣି ଥାର୍ ଆତଙ୍କ, ୩ ଆହତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ କ୍ରମାଗତ ଭାବେ ଥାର୍ ଗାଡ଼ି ଆତଙ୍କ ସୃଷ୍ଟି କରୁଛି । ଶନିବାର ନୂଆପଲ୍ଲୀ ଅଞ୍ଚଳର ଏକ ଗ୍ୟାରେଜ ଭିତରକୁ ଥାର୍ ଗାଡ଼ି ମାଡ଼ିଯିବାରୁ ତିନିଜଣ ଆହତ ହୋଇଛନ୍ତି । ଗ୍ୟାରେଜ୍‌ରେ ଥାର୍ ପଶିଯିବା ଖବର ପାଇ ପୋଲିସ ପହଞ୍ଚିବା ବେଳକୁ ଗାଡ଼ିରେ ଥିବା କିଛି ଯୁବକ ଫେରାର ହୋଇଯାଇଥିଲେ । ପୋଲିସ ଥାର୍ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି । ଆହତ ୩ଜଣଙ୍କୁ ପୋଲିସ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି । ଥାର ଗାଡ଼ି ଭିତରୁ ମଦ ବୋତଲ ଜବତ ହୋଇଥିବା ସୂଚନା ମିଳିଛି । ନିଶାଶକ୍ତ ଅବସ୍ଥାରେ ଗାଡ଼ି ଦ୍ରୁତଗତିରେ ଚଳାଉଥିବାରୁ ତାହା ଭାରସାମ୍ୟ ହରାଇ ଗ୍ୟାରେଜ ଭିତରକୁ ମାଡ଼ିଯାଇଥିଲା ।

## ବିଏଡ଼, ବିଏଚ୍ଏଡ଼ ଓ ଏମ୍ଏଡ଼ ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ

# ୩୧ରେ ବିଏଡ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୩୧ ତାରିଖରେ ଦୁଇ ବର୍ଷିଆ ବିଏଡ଼ ପାଠ୍ୟକ୍ରମ ପାଇଁ ଆୟୋଜନ ହେବ ପ୍ରବେଶିକା ପରୀକ୍ଷା । ଜୁନ୍ ୩ ତାରିଖରେ ବିଏଚଏଡ଼ (ହିନ୍ଦୀ) ଓ ଏମଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ଷ୍ଟେଟ ସିଲେକ୍ସନ ବୋର୍ଡ଼(ଏସଏସବି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି ।

ଚଳିମାସ ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଡ଼ ପ୍ରବେଶିକା ପରୀକ୍ଷା ହେବ । ସେହିପରି ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଚଏଡ଼ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

ଆସନ୍ତା ୨୭ ତାରିଖ ଦିନ ୧୧ ଘଟିକା ଠାରୁ ବିଏଡ଼, ବିଏଚଏଡ଼ ଓ ଏମଏଡ଼ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ଼ ଉପଲବ୍ଧ

- ୨୭ରୁ ଏସ୍ଏସ୍‌ବି ୱେବସାଇଟରେ ଆଡ଼ମିଟ କାର୍ଡ଼
- ଜୁନ୍ ୪ରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି

ହେବ । ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି)ର ଓ୍ୱେବସାଇଟକୁ ଯାଇ ନିଜର ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ ।

ଜୁନ୍ ୪ ତାରିଖରେ ଏସଏସବି ୱେବସାଇଟ୍‌ରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ । ପ୍ରୋଭିଜିନାଲ ଆନ୍ସର କି' କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ ରୁ ୭ ତାରିଖ ମଧ୍ୟରେ ଆନ୍ସର କି' ଚାଲେଞ୍ଜ ପାଇଁ ଆବେଦନ କରିପାରିବେ । ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ ।

## ବାପା ଓ ପୁଅଙ୍କ ମୁଣ୍ଡରେ ବନ୍ଧୁକ, ବେକରେ ଛୁରି ଲଗାଇ ଲୁଟ

ଭଦ୍ରକ,(ସବ୍ୟୁ): : ବାପାଙ୍କ ମୁଣ୍ଡରେ ବନ୍ଧୁକ ଓ ପୁଅ ବେକରେ ଛୁରି ଲଗାଇ ଦୁର୍ବୃତ୍ତ ଲୁଟିନେଇଛନ୍ତି ନଗଦ ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର । ଶୁକ୍ରବାର ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଆମ୍ବ୍ରଳି ପଞ୍ଚାୟତ ତଳାଙ୍ଗ ଗ୍ରାମରେ ଘଟିଛି ଏହି ଲୁଟ ।ସୂଚନା ମୁତାବକ, ଉକ୍ତ ଗ୍ରାମର ଗଙ୍ଗାଧର ମଲିକ ଚରମ୍ପା କେନାଲ ରୋଡ଼ା ଘର କରି ରହିଛନ୍ତି । ଶୁକ୍ରବାର ରାତିରେ ଗଙ୍ଗାଧର ଓ ତାଙ୍କ ପରିବାର ବାରଣ୍ଡାରେ ବସି ଖାଉଥିଲେ । ସେହି ସମୟରେ ୮ ରୁ ୯ ଜଣ ଲୁଟେରା ତାଙ୍କ ଘରକୁ ପଶି ଗଙ୍ଗାଧରଙ୍କ ମୁଣ୍ଡରେ ବନ୍ଧୁକ ଓ ତାଙ୍କ ପୁଅ ବେକରେ ଛୁରି ଲଗାଇ ଭୟଭୀତ କରି ଘର ଭିତରକୁ ନେଇଥିଲେ । ବାପ ପୁଅଙ୍କ ସମେତ ଗଙ୍ଗାଧରଙ୍କ ସ୍ତ୍ରୀଙ୍କୁ ଗୋଟିଏ ଘରେ ଅଟକ ରଖି ଜମି କିଣିବା ପାଇଁ ରଖିଥିବା ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇ ବାହାର ପଟୁ କବାଟ ବନ୍ଦ କରି ପଳାଇ ଯାଇଥିଲେ ।

## ତ୍ରିକୋଣୀ ପ୍ରେମ : ରାସ୍ତାରେ ଭଉଣୀଙ୍କୁ ହାଣି ଯୁବକ ଗିରଫ

ବାଲେଶ୍ୱର, (ସବ୍ୟୁ): ସବୁଠି ଏବେ ପ୍ରେମକୁ ନେଇ ଘଟୁଛି ତୁମୁଳକାଣ୍ଡ । ଏଭଳି ଏକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଛି ବାଲେଶ୍ୱର ସଦର ଥାନା ଅଞ୍ଚଳରୁ । ଯେଉଁଠି ତ୍ରିକୋଣ ପ୍ରେମର ଏକ କରୁଣ ପରିଣତି ଦେଖିବାକୁ ମିଳିଛି । ପ୍ରେମିକାକୁ ନିଜର କରିବା ଏବଂ ବିବାଦର ମୀମାଂସା କରିବା ନାଁରେ ଆସି ଦ୍ୱିତୀୟ ପ୍ରେମିକର ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଛି ପ୍ରଥମ ପ୍ରେମିକ । ବିଚ ରାସ୍ତାରେ ଧାରୁଆ କଟୁରୀରେ ଗୋଡ଼ାଇ ଗୋଡ଼ାଇ ହାଣିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସଦର ଥାନା ଅନ୍ତର୍ଗତ ରେଲୱେ ଷ୍ଟେସନ ପଛ ପାଖ ଅଞ୍ଚଳରେ । ଜଣେ ଯୁବତୀ ଜଣଙ୍କର ଦୁଇ ଜଣ ପ୍ରେମିକ ଥିଲେ । ପ୍ରଥମ ପ୍ରେମିକ ପ୍ରେମିକାଙ୍କୁ ଧମକଚମକ ଦେବା ସହ ହଇରାଣ ହରକତ କରୁଥିଲେ । ଏହାର ସମାଧାନ ପାଇଁ ପ୍ରଥମ ପ୍ରେମିକ ପ୍ରେମିକାକୁ ଏକାକି ଡାକିଥିଲେ । ହେଲେ ପ୍ରେମିକା ଜଣଙ୍କ ଏକା ନଆସି, ନିଜ ସହ ଦ୍ୱିତୀୟ ପ୍ରେମିକଙ୍କ ମାଆ ଏବଂ ମାମୁଁ ଙ୍କୁ ସାଙ୍ଗରେ ଆଣିଥିଲେ । ଏଥିରେ ଚିଡ଼ିକି ଉଠିଥିଲା ପ୍ରଥମ ପ୍ରେମିକ । ପୂର୍ବ ଯୋଜନା ମୁତାବକ ପ୍ରଥମ ପ୍ରେମିକ ନିଜ ସହ ତେଲେଙ୍ଗା କଟୁରୀ ଓ ଅନ୍ୟାନ୍ୟ ଧାରୁଆ ହତିଆର ଧରି ଆସିଥିଲା । କଥା କଟାକଟିରୁ ସୀମା ପାର୍ ହୋଇ ସେ ବିଚ ରାସ୍ତାରେ ଦ୍ୱିତୀୟ ପ୍ରେମିକଙ୍କ ମାଆ ଓ ମାମୁଁ ଅର୍ଥାତ ଭାଇଭଉଣୀଙ୍କୁ ଗୋଡ଼ାଇ ଗୋଡ଼ାଇ କ୍ରୁର ଭାବେ ହାଣି ପକାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଗୁରୁତର ୨ ଜଣଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ, ପୀଡ଼ିତା ପକ୍ଷରୁ ଲିଖିତ ଅଭିଯୋଗ ପାଇବା ପରେ ସହଦେବଖୁଣ୍ଟା ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରଥମ ପ୍ରେମିକ କୁହାଯାଉଥିବା ଜତିନ ପ୍ରଧାନ ନାମକ ଜଣେ ଯୁବକକୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ।

## ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ଗ୍ରୀଷ୍ମ କବିତା ଆସର

କଟକ,(ସବ୍ୟୁ): ଓଡ଼ିଆ ସାହିତ୍ୟରେ ଋତୁଚକ୍ରର ପ୍ରଭାବ ଅନେକ। ସେହିପରି ଗ୍ରୀଷ୍ମ ଋତୁର ବର୍ଣ୍ଣନା ଗଳ୍ପ କବିତାରେ ଆଲୋଚନା କରାଯାଇଛି ବୋଲି ଖପୁରିଆ ସ୍ଥିତ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସ୍ୱତନ୍ତ୍ର ଗ୍ରୀଷ୍ମ ସାହିତ୍ୟ ଆସର, କବିତା ପାଠୋତ୍ସବ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ! ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ ପରିସରରେ ସଂସଦ ର ସ୍ଥାୟୀ ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ଉଦଘାଟକ ଭାବେ ବଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ , ବିଶିଷ୍ଟ ଅତିଥି ଭାବରେ କବି କ୍ଷୀରୋଦ ଜେନା ଓ ସମାନିତ ଅତିଥି ଭାବେ କବି ରଘୁନାଥ ତ୍ରିପାଠୀ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଗ୍ରୀଷ୍ମଋତୁର ପ୍ରଭାବ ଉପରେ ଆଲୋଚନା କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହଯୋଗୀ ସଂପାଦକ କବି ଅଶ୍ୱିନୀ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନି- ୧ କ୍ଷେପଣାସ୍ତ୍ରର ପରୀକ୍ଷଣ



ବାଲେଶ୍ୱର, (ସବ୍ୟୁ) :ଶୁକ୍ରବାର ସନ୍ଧ୍ୟାପ୍ରାୟ ୬.୩୦ମିନିଟ୍ ସମୟରେ ଧାମରା ହ୍ୱିଲର ଦ୍ୱୀପ ସ୍ଥିତ ଅବଦୁଲକାଲାମ କ୍ଷେପଣ । ସ୍ର ଉତ୍କ୍ଷେପଣ କେନ୍ଦ୍ରରୁ ଅଗ୍ନି -୧ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଯାଇଛି । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭୦୦ କି.ମି. ରୁ ୧୨୦୦ କି.ମି. ପର୍ଯ୍ୟନ୍ତ ରହିଛି । ଆଜିର ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

## ଢେଙ୍କାନାଳ ଯୋଗାଣ ବିଭାଗ ପକ୍ଷରୁ ଟେଣ୍ଡରରେ ଅନିୟମିତତା

# କାର୍ଯ୍ୟାଦେଶ ଉପରେ ରୋକ ଲଗାଇଲେ ହାଇକୋର୍ଟ

କଟକ, (ସବ୍ୟୁ):ଏକ ସରକାରୀ ଟେଣ୍ଡରରେ ସର୍ବନିମ୍ନ ଦରଦାତା ଭାବେ ଚୟନ ହେବା ପରେ ମଧ୍ୟ ତାଙ୍କର ବିଡ୍ ବାତିଲ କୁ ନେଇ ଆସିଥିବା ଅଭିଯୋଗ ସଂକ୍ରାନ୍ତୀୟ ମାମଲା ଟି ବିଚାର ପାଇଁ ଆସିଥିବା ବେଳେ ହାଇକୋର୍ଟ ଅଧିକ ଦରଦାତା ବିଡ ର କାର୍ଯ୍ୟାଦେଶ ଉପରେ ଅନ୍ତରୀଣ ରୋକ ଲଗାଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଆବେଦକାରୀ ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ଆଇନଜିବୀ ସତ୍ୟରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପ୍ରତିପକ୍ଷ ଆଲୋକ ଙ୍କ ସପକ୍ଷରେ କୌଣସି ୱର୍କ ଅର୍ଡର ଜାରି ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତିତ ଯଦି ପୂର୍ବରୁ ୱର୍କ ଅର୍ଡର ଜାରି ହୋଇଥାଏ, ତେବେ ତାହାକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ପ୍ରାଥମିକ ଶୁଣାଣି ପରେ ଖଣ୍ଡପୀଠ ମନେ କରିଛନ୍ତି ଯେ ଟେଣ୍ଡର ନିୟମର କିଛି ସର୍ତ୍ତକୁ କର୍ତ୍ତୃପକ୍ଷ ଭୁଲ ଭାବେ ବ୍ୟାଖ୍ୟା କରିଥାଇପାରନ୍ତି।ତେଣୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉପରୋକ୍ତ ଆଦେଶ ଦେବାସହ ଏଥିରେ ପକ୍ଷଭୁକ୍ତ ରାଜ୍ୟ ଯୋଗାଣ ନିଗମ ଅଧିକାରୀ, ଆଲୋକ ନାଥ ଙ୍କ ସହ ଅନ୍ୟ ଦୁଇ ପ୍ରତିପକ୍ଷଙ୍କୁ ଆସନ୍ତା ଜୁଲାଇ ୮ ତାରିଖ ସୁଦ୍ଧା ଜବାବ ରଖିବାକୁ ନୋଟିସ ଜାରି କରିଛନ୍ତି। ମାମାଲାର ବିବରଣୀ ରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲାପାଳ ଙ୍କ ଅଧୀନରେ ଥିବା ଯୋଗାଣ ବିଭାଗ ପକ୍ଷରୁ ଚାଉଳ ଓ ଗହମ ଭଳି ଶସ୍ୟ ଜାତୀୟ ମାଲ ପରିବହନ ପାଇଁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା । ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ସର୍ବନିମ୍ନ ବିଡର୍ ଭାବେ ଏହି ଟେଣ୍ଡର ପାଇଥିଲା।ତେବେ ପରବର୍ତ୍ତୀ ସମୟରେ ଟେଣ୍ଡର କମିଟି ଏହି ଟେଣ୍ଡର କୁ ରଦ୍ଦ କରିଦେଇ ଦ୍ୱିତୀୟ ସର୍ବନିମ୍ନ ବିଡର୍ ଆଲୋକ ନାଥକୁ ମାଲ ପରିବହନ କରିବାର ସୁଯୋଗ ଦେଇଥିଲେ।

ଦ୍ୱିତୀୟ ସର୍ବନିମ୍ନଙ୍କ ଅଭିଯୋଗ ଆଧାରରେ ଭୁଲ ସତ୍ୟପାଠ ଦାଖଲ କରିଥିବା ଦର୍ଶାଇ ତାଙ୍କର ବିଡ୍ ବାତିଲ କରାଯାଇଥିଲା ବୋଲି ଆବେଦନକାରୀ ତାଙ୍କ ପିଟିସନ୍ ରେ ଉଲ୍ଲେଖ କରିଥିଲେ।ଟେଣ୍ଡର ନିୟମ ଅନୁସାରେ ସମ୍ପୃକ୍ତ ଜିଲ୍ଲା ଓ ତାହାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବ୍ୟବସାୟ ନ ଥିବା ସଂସ୍ଥା ସମ୍ପର୍କର ସତ୍ୟପାଠ ଦେବାକୁ ଥିଲା। ଆବେଦନ କାରି ମଧ୍ଯ ସେହି ନିୟମ ଅନୁଯାୟୀ ଶପଥପାଠ ଦାଖଲ କରିଥିଲେ। ତେବେ ଟେଣ୍ଡର କମିଟି କେଉଁ ଆଧାରରେ ତାଙ୍କର ଟେଣ୍ଡର ବାତିଲ କରିଛନ୍ତି ବୋଲି ପିଟିସନ୍ ରେ ଉଲ୍ଲେଖ କରିଥିଲେ।

## ସିମୁଳିଆ: ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ଅଭିଯୋଗ

ବାଲେଶ୍ୱର,(ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ସିମୁଳିଆ ଅଂଚଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ପରିବାର ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି । ସିମୁଳିଆ ଥାନା ଅନ୍ତର୍ଗତ କୁଣିଆରି ଗାଁର ବୁଦ୍ଧିରାମ ରାଉଳ(୮୨) ବାଡ଼ିକୁ ପରିବା ଆଣିବାକୁ ଦିନ ୧୧ଟାରେ ଯାଇଥିଲାବେଳେ ଗରମ ଓ ଗୁଳିଗୁଳି ଯୋଗୁଁ ସେଠାରେ ପଡ଼ିଯାଇଥିଲେ । କିଛି ସମୟ ପରେ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ବାଡ଼ିରୁ ଉଦ୍ଧାର କରି ତୁରନ୍ତ ସିମୁଳିଆ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଂଶୁଘାତ ଯୋଗୁଁ ବୁଦ୍ଧିରାମର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ସିମୁଳିଆ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲେ ।

# ଅଚ୍ୟୁତ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୩ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରାଇଓଭା ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓ ମେନେସ୍କୁ ଏବଂ ଅନ୍ୟାନ୍ୟ ବହୁ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ। କ୍ରାଇଓଭା ବିଶ୍ୱବିଦ୍ୟାଳୟର ସିନେଟ୍ ପ୍ରଯୁଜ୍ୟ ଆଇନ ଅଧିନରେ ଏହାର ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲା। ଗତ ମାସରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିନେଟ୍‌ର ପୂର୍ଣ୍ଣାଙ୍ଗ ବୈଠକରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ସମ୍ମାନପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

## କମିଶନରେଟ୍ ପୋଲିସ ପଞ୍ଝାରେ ଲୁଟେରା ଗ୍ୟାଙ୍ଗ୍

# ୩ ଗିରଫ, ୧୫ ବାଇକ୍ ଜବତ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସକୁ ବଡ଼ ସଫଳତା ମିଳିଛି । ଦିନ ଦ୍ୱିପ୍ରହରରେ ଜନତାଙ୍କୁ ଚୂନ ଲଗାଇ ବାଇକ୍ ଲୁଟୁଥିବା ଗ୍ୟାଙ୍ଗକୁ ଧରିଛି ନୟାପଲ୍ଲୀ ଥାନା ପୋଲିସ । ଏହି ଲୁଟେରା ଗ୍ୟାଙ୍ଗର ୩ ଜଣଙ୍କୁ



ପୋଲିସ କାବୁ କରିଥିବାବେଳେ ୧୫ ଗାଡ଼ି ଜବତ ହୋଇଛି ।

ନଆପଲ୍ଲୀ ଥାନା ଅଞ୍ଚଳରୁ ଚଳିତ ମାସ ୨୦ତାରିଖ ଦିନ ଏକ ବାଇକ୍ ଲୁଟ୍ ହୋଇଥିଲା । ଥାନାରେ ଏତଲା ହେବାପରେ ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ସେ ତଦନ୍ତକୁ ତ୍ୱରାନ୍ୱିତ କରି ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଲୁଟେରାମାନେ ହେଲେ ନୟାଗଡ଼ର ଆକାଶ ପ୍ରଧାନ, ପୁରୀର ରନିକର ସାହୁ ଓ ଗ୍ୟାରେଜ୍ ମାଲିକ ବୁଦ୍ଧିବାମନ ସାହୁ । ଆକାଶ ଓ ରନିକର ମିଶି ବାଇକ୍ ଲୁଟ୍ କରିବା ପରେ ବୁଦ୍ଧିବାମନକୁ ନେଇ ଦେଉଥିଲେ । ସେ ଗ୍ୟାରେଜ୍ ମାଲିକ ହୋଇଥିବାରୁ ଇଞ୍ଜିନ ଓ ଚେଚିସ୍ ନମ୍ବର ଲିଭାଇ ନୂଆ ନମ୍ବର ଲେଖିଥାଏ । ନକଲି କାଗଜପତ୍ର କରି ତିନିଜଣ ମିଶି ଗାଡ଼ିଗୁଡ଼ିକୁ ବାହାର ରାଜ୍ୟରେ ବିକ୍ରି କରନ୍ତି ।

ଭୁବନେଶ୍ୱରର ବିଭିନ୍ନ ମେଡିକାଲ, ହାଟ ଓ ଗହଳି ସ୍ଥାନମାନଙ୍କରେ ପାର୍କିଂ ହେଉଥିବା ବାଇକ୍‌କୁ ଡୁପ୍ଲିକେଟ୍ ଚାବିରେ ଲୁଟି ନେଇଥାନ୍ତି । ଆକାଶ ଓ ରନିକର ଲୁଟ୍ କରିବା ପରେ ବାଇକ୍‌କୁ ପୁରୀ ବୁଦ୍ଧିବାମନ ପାଖକୁ ନେଇଥାନ୍ତି । ସେ ଡୁପ୍ଲିକେଟ ଆର୍‌ସି, ଡୁପ୍ଲିକେଟ ସ୍ମାର୍ଟକାର୍ଡ଼ ତିଆରି କରିଥାଏ । ଏଥିସହ ଇଞ୍ଜିନ ଓ ଚେଚିସ୍ ନମ୍ବର ଲିଭାଇ ବଦଳାଇ ଦେଇଥାଏ । ଜବତ ହୋଇଥିବା ୧୫ ଗାଡ଼ି ମଧ୍ୟରେ ଜଣେ ପୋଲିସଙ୍କ ଗାଡ଼ି ଥିବା ଜଣାପଡ଼ିଛି । ଡିସିପି ଜଗମୋହନ ମିନା ନଆପଲ୍ଲୀ ଥାନାରେ ସାମ୍ବାଦିକ ସମ୍ମିଳନୀ କରି ଗ୍ୟାଙ୍ଗ ସମ୍ପର୍କରେ ସୂଚନା ଦେବା ସହ କେତେକ ମାଲିକଙ୍କୁ ତାଙ୍କ ଗାଡ଼ି ଫେରାଇଛନ୍ତି । ଆକାଶ ନାଁରେ ପୂର୍ବରୁ ୩୦ ମାମଲା ଥିବାବେଳେ ବୁଦ୍ଧିବାମନ ଓ ରନିକର ନାମରେ ୩ଟି ଲେଖାଏଁ ମାମଲା ଥିବା ଡିସିପି କହିଛନ୍ତି ।

ଡିସିପିଙ୍କ କହିବା ଅନୁଯାୟୀ ୨୦୨୫ ମସିହାରେ ୩୫ ମାମଲାର ଅଭିଯୁକ୍ତଙ୍କୁ ଜେଲ୍ ହୋଇଛି । ସେହିପରି ୨୦୨୬ ମାର୍ଚ୍ଚ ସୁଦ୍ଧା ୪୦ ଜଣଙ୍କୁ ଜେଲ୍‌ଦଣ୍ଡ ହୋଇଛି । ଦୁଇବର୍ଷରେ ଜେଲ୍ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଅଧିକ ଲୁଟେରା ଅଛନ୍ତି । ୨୦୨୬ ମସିହାରେ ଲିଙ୍ଗରାଜ ଥାନା ଅଞ୍ଚଳରେ ଜଣେ ବାଇକ୍ ଚୋରକୁ ୧୦ ବର୍ଷ ସଜା ହେବା ବିରଳ ଘଟଣା ବୋଲି ଶ୍ରୀ ମିନା ସାମ୍ବାଦିକମାନଙ୍କୁ କହିଥିଲେ । ଗିରଫ ୩ ଲୁଟେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ତାଳପଦାରେ କାନ୍ତକବିଙ୍କ ସ୍ମାରକୀ ନିର୍ମାଣ ଖୁବ୍‌ଶୀଘ୍ର : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଭଦ୍ରକ ଜିଲ୍ଲା ଅନ୍ତର୍ଗତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ବିଜଡିତ ସାଧନାପୀଠକୁ ବରପୁତ୍ର ଐତିହ୍ୟ ଯୋଜନାରେ ସାମିଲ କରାଯାଇଛି । ଖୁବଶୀଘ୍ର ଏହାର କାର୍ଯ୍ୟାରମ୍ଭ ହେବ ବୋଲି ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ।

ଆଜି(ଶନିବାର) ମନ୍ତ୍ରୀ ଶ୍ରୀ ସୁରଜ କହିଲେ, ଏହି ଐତିହ୍ୟ ଗ୍ରାମ ତାଳପଦାରେ କାନ୍ତକବିଙ୍କ ସମେତ ତାଙ୍କର କୁଳଦେବତା ଶ୍ରୀ ଗୋପୀନାଥ ମନ୍ଦିର, ତାଙ୍କ ସ୍ମୃତି ବହନ କରୁଥିବା ଅନ୍ୟାନ୍ୟ ସ୍ଥାନର ଶୋଭା ବର୍ଦ୍ଧନ କରାଯିବ । ଯେଉଁଠି କାନ୍ତକବି ରହୁଥିଲେ, ତାଙ୍କ ପରିବାର ଲୋକେ ସେଠାରେ ରହୁଥିବାରୁ ସେ ସ୍ଥାନର ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯିବ । କାନ୍ତକବିଙ୍କ ପରିବାରର ବିଶିଷ୍ଟ ବ୍ୟକ୍ତିମାନଙ୍କ ସ୍ମୃତିରକ୍ଷା ପାଇଁ ସ୍ମାରକୀ ଓ ମ୍ୟୁଜିଅମ ମଧ୍ୟ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ପ୍ରତିଶ୍ରୁତି ଦେଇଥିଲେ ।

ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାନ୍ତକବିଙ୍କ ପରିବାର ପକ୍ଷରୁ କାନ୍ତକବିଙ୍କ ପୌତ୍ର ତଥା 'ସମୟ'ର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର ଓ କାନ୍ତକବିଙ୍କ ନାତୁଣୀ ବୋହୂ ନମିତା ପଟ୍ଟନାୟକ, ଭଦ୍ରକ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଓ କବି ଦୀନବନ୍ଧୁ ପତି ଉପସ୍ଥିତ ଥିଲେ । ଭଦ୍ରକର ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡି ବିଡ଼ିଓ ନିରଞ୍ଜନ ବାରିକ, ତିହିଡି ତହସିଲଦାର ସୁଭାଶିଷ ସାହୁ ପ୍ରଭୃତି ଯୋଗଦେଇ ଏହି ଯୋଜନା ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

## ବିଦ୍ୟୁତ ବିଭାଗର ବେପରୁଆ କାର୍ଯ୍ୟପ୍ରଣାଳୀ

# ଟ୍ରାନ୍ସଫର୍ମର ଅଗ୍ନିକାଣ୍ଡ ପରେ ରାସ୍ତାକୁ ଓହ୍ଲାଇଲେ ଲୋକେ

ଫୁଲନଖରା ,(ସବ୍ୟୁ) :ଭୁବନେଶ୍ୱର ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ଫୁଲନଖରା ବିଦ୍ୟୁତ ସେକସନ ଅଧୀନସ୍ଥ ଅଞ୍ଚଳରେ ଗୁରୁବାର ରାତିରେ ଘଟିଥିବା ଅଭାବନୀୟ ବିଦ୍ୟୁତ ଦୁର୍ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ କ୍ଷୋଭର ପରିସ୍ଥିତି ସୃଷ୍ଟି କରିଛି । ଅଞ୍ଚଳର ଏକ ଟ୍ରାନ୍ସଫର୍ମର ହଠାତ ଭୟଙ୍କର ଭାବେ ପୋଡ଼ିଯାଇଥିବା ବେଳେ ଏଲଫି ବିଦ୍ୟୁତ ତାର ମଧ୍ୟ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା । ଏହାଫଳରେ ସମଗ୍ର ଅଞ୍ଚଳ ଅନ୍ଧକାରରେ ବୁଡିଯାଇଥିବା ବେଳେ ଲୋକମାନେ ଭୟଭୀତ ଅବସ୍ଥାରେ ରାତି କାଟିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଘଟଣା ପରେ ବିଦ୍ୟୁତ ବିଭାଗ ଓ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କୁ ଖବର ଦିଆଯାଇଥିଲେ ମଧ୍ୟ କୌଣସି ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିନଥିଲେ । ପିସିଆର୍ ଭ୍ୟାନ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ଘଟଣା ପରଠାରୁ ଏପର୍ଯ୍ୟନ୍ତ ବିଦ୍ୟୁତ ବିଭାଗର କୌଣସି ଉଚ୍ଚପଦସ୍ଥ ଅଧିକାରୀ ସ୍ଥଳ ପରିଦର୍ଶନ ନ କରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଛି । ଏହି ଅବ୍ୟବସ୍ଥା ଓ ଅବହେଳା ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ଲୋକମାନେ ଫୁଲନଖରା ବିଦ୍ୟୁତ ସେକସନ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସେକସନ ଅଫିସରେ ତାଲା ଝୁଲୁଥିବା ବେଳେ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ନ ଆସିବା ଲୋକମାନଙ୍କ କ୍ଷୋଭକୁ ଆହୁରି ବଢ଼ାଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲୋକମାନେ ବିଦ୍ୟୁତ ସମସ୍ୟାରେ ହଇରାଣ ନ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଫୁଲନଖରା ବିଦ୍ୟୁତ ସେକସନ ଓ ଟିପିସିଓଡିଏଲ କାର୍ଯ୍ୟପ୍ରଣାଳୀ ସେହି ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଭାବେ ଅବମାନନା କରୁଥିବା ଅଭିଯୋଗ ହୋଇଛି । ବ ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ଘରୋଇ ବ୍ୟବହାର ପାଇଁ ଥିବା ଟ୍ରାନ୍ସଫର୍ମରରୁ ବେଆଇନ ଭାବେ କମର୍ସିଆଲ ସଂଯୋଗ ଦିଆଯାଉଥିବାରୁ ଅତ୍ୟଧିକ ଓଭରଲୋଡ ସୃଷ୍ଟି ହେଉଛି । ଫଳରେ ବାରମ୍ବାର ଟ୍ରାନ୍ସଫର୍ମର ପୋଡ଼ିବା, ତାର ଜଳିବା ଓ ଦୀର୍ଘ ସମୟ ବିଦ୍ୟୁତ ବିଚ୍ଛିନ୍ନ ରହିବା ଭଳି ଘଟଣା ଘଟୁଛି । ଏନେଇ ପୂର୍ବରୁ ଲିଖିତ ଭାବେ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଲୋକମାନେ କହିଛନ୍ତି । ବିଶେଷକରି ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ବେଳେ ବୃଦ୍ଧ ଓ ରୋଗୀମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି । ତଥାପି ଟିପିସିଓଡିଏଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ନ ଦେବା ଘଟଣା ସାଧାରଣ ଲୋକଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି ।ଯଦି ତୁରନ୍ତ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାନଯାଏ ଓ ଦାୟୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ରାଜରାସ୍ତାକୁ ମୁହଁ ଦେବ ବୋଲି ଗ୍ରାମବାସୀ କହିଛନ୍ତି ।

## ୩୪ ନମ୍ବର ୱାର୍ଡ ସମସ୍ୟା ବୁଝିଲେ ବିଧାୟକ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଗୋଇଲୁଣ୍ଡି ବଡ ସାହି ସ୍ଥିତ ଶ୍ରୀ ହନୁମାନ ମନ୍ଦିର ନିକଟରେ ୱାର୍ଡ ବସିବାଙ୍କ ଦ୍ୱାରା ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦୀର୍ଘ ଦିନ ହେଲା ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ନମ୍ବର ୩୪ରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଯଥା ୱାର୍ଡର ସମସ୍ତ ରାସ୍ତା, ନାଳ, ପରିମଳ, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ, ସୁଭଦ୍ରା ଯୋଜନା, ଆୟୁଷ୍ମାନ କାର୍ଡ, ବାସହୀନଙ୍କୁ ଘର ଇତ୍ୟାଦି ସମସ୍ୟା ବୁଝିଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର । ବିଭିନ୍ନ ସମସ୍ୟା ବୁଝିବା ପରେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିସନର ଆଶ୍ରିବାଦ ପରିଡା, ନିର୍ବାହୀ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକରୀଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ ବିଧାୟକ । ବିଧାୟକଙ୍କ ଏହିପରି କାର୍ଯ୍ୟକ୍ରମକୁ ୱାର୍ଡ ବାସିନ୍ଦା ପ୍ରଶଂସା କରିବା ସହିତ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ୱାର୍ଡ ପରିଦର୍ଶନରେ ୱାର୍ଡ ବାସିନ୍ଦା ସିମାଞ୍ଚଳ ପଣ୍ଡା, କମାପଲ୍ଲୀ ମଣ୍ଡଳର ଆଶିଷ ଦାସ, ଡି କାହ୍ନାଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ଟ୍ରାନ୍ସଫର୍ମର

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଅଗ୍ନିକାଣ୍ଡ ଘଟି ଯାଇଥିବା ବେଳେ ସାନ କଣସ୍ଥଳିରେ ଅଗ୍ନିକାଣ୍ଡ ଘଟି ଯାଇଥିବା ଜଣାପଡିଛି ।

ଖବର ପାଇ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ନିଆଁ ଲିଭାଇ ଥିଲେ । ଏହି ଅଗ୍ନିକାଣ୍ଡ ଘଟଣା ଆଜି ପ୍ରାୟ ସାଢ଼େ ଏଗାରଟା ବେଳେ ଘଟିଥିବା ବେଳେ ଗ୍ୟାସ ବାଷ୍ପ ପ୍ରୟୋଗ କରି ଅଗ୍ନି ଲିଭାଇ ଥିଲେ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ଠାକୁର ପ୍ରସାଦ ଦଳେଇ ସୂଚନା ଦେଇଛନ୍ତି । ସେହିପରି ଆଜି ସ୍ଥାନୀୟ ଗାନ୍ଧୀନଗର ୫ ଲାଇନ ସୁନିଲ ରାଓ ନାମକ ଜନୈକ ବ୍ୟକ୍ତି ଘରେ ରୋଷେଇ ଗ୍ୟାସ ସିଲିଣ୍ଡର ଗ୍ୟାସ ଲିକ ହେଉ ଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଡିଭାଇନ୍ ହାୟର ସେକେଣ୍ଡାରୀ ସ୍କୁଲର ଉଲ୍ଲେଖନୀୟ ସଫଳତା

# ୯୬.୩୩% ନମ୍ବର ରଖି ପ୍ରଥମ ସ୍ଥାନରେ ଆକାଶ ପ୍ରଧାନ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଡିଭାଇନ ହାୟର ସେକେଣ୍ଡାରୀ ସ୍କୁଲ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ହୋଇଥିବା ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ବେଶ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ବ୍ୟାଚରେ ୪୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ବେଶ କୃତିତ୍ୱର ସହ ଖୁବ୍ ଭଲ ନମ୍ବର ରଖିଛନ୍ତି ଯାହାକି ଏକ ଇତିହାସ ସୃଷ୍ଟି କରିଛି ମୟୂରଭଞ୍ଜ ଜିଲ୍ଲାରେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୯୦%ରୁ ଅଧିକ ନମ୍ବର ରଖିଥିବା ୧୫ଜଣ ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରୁ ଆକାଶ ପ୍ରଧାନ ୯୬.୩୩%, ଶୁଭମ ସ୍ୱସ୍ତିକ କର ୯୫.୫୦%, ମୋହିତ କୁମାର ହେମ୍ବ୍ରମ ୯୩.୫୦%, ସୋନାଲୀ ବେହେରା ୯୩.୩୩%, ଗଜେନ୍ଦ୍ର ସିଂ ୯୩.୧୭%, ନିଲିଶା ଜେନା ୯୩%, ସୁନୟନା ପାତ୍ର ୯୨.୮୩%, ଜସ୍ମିତ ମହାନ୍ତ ୯୨.୬୭%, ଲକ୍ଷ୍ମୀପ୍ରିୟା ରଣା ୯୨.୫୦%, ଚନ୍ଦନ ମହାନ୍ତ ୯୨%, ପ୍ରଣବ କୁମାର ସୋ ୯୧.୬୧%, ତନ୍ମୟରଣା ୯୧.୩୩%, ଗଣେଶ ଚନ୍ଦ୍ର ମହାନ୍ତ ୯୦.୮୩%, ରମ୍ୟ ରଞ୍ଜନ ପାତ୍ର ୯୦.୫୦% ଏବଂ ଜିଜ୍ଞାଶୁ ଦଳେଇ ୯୦% ନମ୍ବର ରଖି ଅନୁଷ୍ଠାନ ପାଇଁ ଆଣିଛନ୍ତି ଅନେକ ଗୌରବ ।




ଉଲ୍ଲେଖଯୋଗ୍ୟ ଏହିକି ଯେ, ଅନ୍ୟ ସମସ୍ତ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୮୫% ରୁ ଅଧିକ ନମ୍ବର ରଖିଛନ୍ତି ୧୬ଜଣ , ୮୦ % ରୁ ଅଧିକ ନମ୍ବର ରଖିଛନ୍ତି ୬ ଜଣ ଏବଂ ୪ଜଣ ୭୦% ରୁ ଅଧିକ ନମ୍ବର ରଖି ଗୌରବାନ୍ୱିତ କରିଛନ୍ତି ଅନୁଷ୍ଠାନକୁ । ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଛାତ୍ର-ଛାତ୍ରୀଙ୍କୁ ପରିଶ୍ରମୀ ହେବା ପାଇଁ ପରାମର୍ଶ ଦେଇଥିବା ବେଳେ ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଛାତ୍ର-ଛାତ୍ରୀଙ୍କର ଏହି ସଫଳତାରେ ନିଜର ଖୁସି ବ୍ୟକ୍ତ କରିବା ସହ ସେମାନଙ୍କର ସମୁଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ର. ଦିବ୍ୟଶଙ୍କର ପାଲ ଛାତ୍ର-ଛାତ୍ରୀଙ୍କର କଠିନ ପରିଶ୍ରମ ଦ୍ୱାରା ପାଇଥିବା କୃତିତ୍ୱକୁ ପ୍ରଶଂସା କରିବା ସହ ସେମାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଭିଭାବକ ଓ ଅଭିଭାବିକା ମାନେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ଉଚ୍ଚମାନର ପ୍ରୟୋଗାତ୍ମକ ତଥା ଅତ୍ୟାଧୁନିକ ଶିକ୍ଷାଦାନର ପ୍ରଣାଳୀକୁ ଉଚ୍ଚ ପ୍ରଶଂସା କରିଥିଲେ ।

ବିଶେଷ ଭାବରେ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଛାତ୍ର-ଛାତ୍ରୀଙ୍କୁ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସମର୍ଦ୍ଧିତ କରିବା ସହ ତାଙ୍କ ସହ ଆସିଥିବା ଅଭିଭାବକ ତଥା ଅଭିଭାବିକା ମାନଙ୍କୁ ମଧ୍ୟ ବିଶେଷ ଭାବେ ସମ୍ମାନିତ କରଯାଇଥିଲା । ଶେଷରେ ସମସ୍ତଙ୍କ ପ୍ରଚେଷ୍ଟାକୁ ନିର୍ଦ୍ଦେଶକ ଭୂରି ଭୂରି ପ୍ରଶଂସା କରିଥିଲେ ।

## ପାନୀୟ ଜଳ ଯୋଗାଣ ଠପ୍, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ) : ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଗୁଡ଼ା ଏନଏସିର ୱାର୍ଡ-୫ ଅନ୍ତର୍ଗତ ସିମାଞ୍ଚଳନଗର, ନୃସିଂହ ମନ୍ଦିର ସାହି, ମହାରଣାସାହିରେ ଦୁଇ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି ତିନି ସାହିର ପ୍ରାୟ ଚାରି ଶହେ ପରିବାର ପିଇବାକୁ ପାଣି ନପାଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଲୋକଙ୍କୁ ବାଧ୍ୟ ହୋଇ ଆଖପାଖରୁ ବହୁ କଷ୍ଟରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ପଡୁଛି । ଏନେଇ ସ୍ଥାନୀୟ ପିଏଚଡି ଅଧିକାରୀଙ୍କୁ ଲୋକେ ଯୋଗାଯୋଗ କରିବାରେ ବିଫଳ ହୋଇ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ପ୍ରତି ଜଳକଷ୍ଟ ଭୋଗୁଥିବା ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଏଣୁ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦୃଢ ଦାବି ହେଉଛି ।

## ପ୍ରଜ୍ଞା ନୃତ୍ୟାୟନର ଚତୁର୍ଥ ନବ ପ୍ରତିଭା ଉତ୍ସବ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ବୁଗୁଡା ନୂଆଁ ବସଷ୍ଟାଣ୍ଡ ନିକଟସ୍ଥ ମୀନାବଜାର ପଡିଆରେ ଚତୁର୍ଥ ନବ-ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞା ନୃତ୍ୟାୟନର ବୁଗୁଡା ଶାଖା ପରିଚାଳକ ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବକୁ ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଉଦଘାଟନ କରିଥିବାବେଳେ ଏଥିରେ ଅତିଥିଭାବେ ପ୍ରାକ୍ତନ ସାଂସଦ କୁମୁଦିନୀ ପଟ୍ଟନାୟକ, ଅଧିବକ୍ତା ହର ପ୍ରସାଦ ଦାଶ, ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଦଶା ତପସ୍ୱିନୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ, ପ୍ରମୁଖ ଯୋଗ ଦେଇ ନୃତ୍ୟ କଳାକାରଙ୍କୁ ଉତ୍ସାହିତ କରିଥିଲେ । ଏ ଅବସରରେ ନୃତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥି ସହ ଉଦଘୋଷକ ବଳରାମ ପ୍ରଧାନଙ୍କ ସଂଯୋଜନାରେ ପ୍ରଜ୍ଞା ନୃତ୍ୟାୟନର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ବେଳେ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ ।

## ମା' ନିଜ ବାଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କଲେ ସାଂସଦ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସାଂସଦୀୟ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପବିତ୍ର କେରାଣ୍ଡିମାଳ ପର୍ବତ ଶିଖରରେ ବିରାଜମାନ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ନିଜ ବାଙ୍କେଶ୍ୱରୀଙ୍କ ପୀଠରେ ଭକ୍ତିମୟ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା ଓ ଦିବ୍ୟ ଦର୍ଶନ କରି ଅଞ୍ଚଳବାସୀ ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ମଙ୍ଗଳ କାମନା କରିବା ସହିତ ଜଗତର ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରିଥିଲେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ । ମା'ଙ୍କ ପବିତ୍ର ଚରଣରେ ନମନ କରି ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରିଥିଲେ । ଏହି ଅବସରରେ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସହିତ ମିଶି ସେମାନଙ୍କ ସମସ୍ୟା, ସୁଖ ଦୁଃଖରେ ସାମିଲ ହେଲେ ସାଂସଦ ଶ୍ରୀ ପାଣିଗ୍ରାହୀ । ଏହି ଅବସରରେ ଦିଗପହଣ୍ଡି ଅଂଚଳର ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ବିପିନି ପ୍ରଧାନଙ୍କ ସମେତ ବହୁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ମା' ନିଜ ବାଙ୍କେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସାଂସଦଙ୍କ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ପରିଦର୍ଶନରେ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ସାଂସଦ ଶ୍ରୀ ପାଣିଗ୍ରାହୀ କୃତଜ୍ଞତା ଜଣାଇଥିଲେ ।

## ସାମୂହିକ ଶ୍ରୀଗୁରୁ ଭାଗବତ ପାରାୟଣ

ବାରିପଦା, (ସବ୍ୟୁ) : ଛଉପଡିଆ ନିକଟସ୍ଥ ବାରିପଦା ମ୍ୟୁନିସିପାଲିଟି ଦ୍ୱାରା ନିର୍ମିତ ଓ ପୂଜ୍ୟ ଗୁରୁଜୀଙ୍କ କରକୋମଳରେ ଉଦଘାଟିତ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଆଜି ସହରବାସୀଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ବିଭିନ୍ନ ବର୍ଗର ଲୋକ, ସ୍କୁଲ ଓ କଲେଜ ପିଲାମାନଙ୍କ ପାଇଁ ସେଲ୍ଫି ପଏଣ୍ଟ ହୋଇଥିବାବେଳେ ଅନ୍ୟ କିଛି ଲୋକଙ୍କର ଭାଗବତ ପଠନ ସ୍ଥାନ



ପାଲଟିଯାଇଛି। ସନ୍ଧ୍ୟା ସମୟରେ ଏହି ସ୍ତମ୍ଭ ପାଖରେ ଅନେକ ଲୋକଙ୍କର ସମାଗମ ହୋଇଥାଏ। ଗୁରୁବାର ସନ୍ଧ୍ୟାରେ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ତରଫରୁ ଆୟୋଜିତ ସାମୂହିକ ଶ୍ରୀଗୁରୁ ଭାଗବତ ପାରାୟଣରେ ଛୋଟ ଛୋଟ ପିଲାଙ୍କ ସହ ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସାମୂହିକ ପାରାୟଣ ପୂର୍ବରୁ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଶ୍ରୀଗୁରୁ ଭାଗବତ ପାରାୟଣ ପରେ ଉପସ୍ଥିତ ସମସ୍ତ ଶ୍ରୋତାଗଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଉପସ୍ଥିତ ଶ୍ରୋତା ଓ ଶ୍ରଦ୍ଧାଳୁଙ୍କ ଆଗ୍ରହ ଏବଂ ଅନୁରୋଧ କ୍ରମେ ଏହି ଶ୍ରୀଗୁରୁ ଭାଗବତ ପାରାୟଣ ପ୍ରତି ଗୁରୁବାର ସନ୍ଧ୍ୟାରେ ସ୍ତମ୍ଭ ସମ୍ମୁଖରେ କରାଯିବ ବୋଲି ଜଣାଯାଇଛି।

## ମୟୂରଭଞ୍ଜ ବିଜେପିର ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ଶିକ୍ଷା ଶିବିର

ବାରିପଦା, (ସବ୍ୟୁ) : ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲାର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର ଶନିବାର ସନ୍ଧ୍ୟାରେ ଏଠାରେ ଉଦ୍‌ଯାପିତ ହୋଇଯାଇଛି । "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬ ନାମରେ ନାମିତ ଏହି କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ "ଶ୍ରୀରାମ ପ୍ୟାଲେସ୍‌ରେ ଶୁକ୍ରବାର ପୂର୍ବାହ୍ନରେ ଉଦଘାଟିତ ହୋଇ ଦୁଇଦିନ ଧରି ଚାଲିଥିବା ଜଣାଯାଇଛି । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଦଳୀୟ ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିବା ବେଳେ ଏହି ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢ଼େଇ, ବିଧାୟକ ସନାତନ ବିଜୁଳି, ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଞ୍ଜିନିୟର ବିଶ୍ୱେଶ୍ୱର ଟୁଡୁ, ଉଦଳା ଏନ୍ଏସି ଅଧକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାହ୍ନୁ ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଜିଲ୍ଲା ବର୍ଗ ପ୍ରଭାରୀ ଠାକୁର ରଣଜିତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ ।




ଶନିବାର ଦିନ ବର୍ଗ(ଶିବିର)ର ଦ୍ୱିତୀୟ ଦିବସରେ ଏମାନଙ୍କ ସାଙ୍ଗକୁ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସଂଗଠନ ପ୍ରଭାରୀ ସିପ୍ରା ବାଜପେୟୀ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ବର୍ଗ ସହ-ପ୍ରଭାରୀ ନବୀନ ରାମ ପ୍ରମୁଖ ମଧ୍ୟ ଯୋଗଦେଇଥିବା ବେଳେ ବିଜେପି ରାଷ୍ଟ୍ରୀୟ ନେତା ଦୀନେଶାନନ୍ଦ ଗୋସ୍ୱାମୀ ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଯାପନୀ ଅଭିଭାଷଣ ଦେଇଥିଲେ । ବର୍ଗରେ ଜିଲ୍ଲାର ପ୍ରାୟ ଦୁଇ ଶହ ପ୍ରମୁଖ କାର୍ଯ୍ୟକର୍ତ୍ତା ଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିବା ଏବଂ ଶିବିର ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି ।

## ଗଞ୍ଜାମ ପଞ୍ଚାୟତ ସମିତି ନବମ ସାଧାରଣ ଅଧିବେଶନ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକଙ୍କ ପ୍ରତିନିଧି ମାନସ ନାୟକ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଜିଲ୍ଲାପରିଷଦ -୧୫ ର ସଦସ୍ୟ ସନାତନ ବେହେରା, ଜିଲ୍ଲାପରିଷଦ -୧୪ର ସଦସ୍ୟା ରଶ୍ମିତା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ପଞ୍ଚାୟତରାଜ ଜନପ୍ରତିନିଧି ମାନେ ନିଜ ନିଜ ଅଞ୍ଚଳରେ କ୍ଷୁଦ୍ର ଓ ଉଠା ଜଳସେଚନ, ପାନୀୟ ଜଳ ଯୋଗାଣ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, କୃଷି ଓ ବିଦ୍ୟାଳୟ ଆଦିରେ ଥିବା ବିଭିନ୍ନ ସମସ୍ୟା ଉଥାପନ କରିଥିଲେ । ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଜନପ୍ରତିନିଧିମାନେ ଉଥାନ କରିଥିବା ବିଭିନ୍ନ ସମସ୍ୟାର ସାମ୍ପ୍ରତିକ ସ୍ଥିତି ଓ କେବେ ସୁଦ୍ଧା ସେଗୁଡିକର ସମାଧାନ ହୋଇପାରିବ ସେ ବିଷୟରେ ବୈଠକକୁ ଅବଗତ କରିଥିଲେ । ଗଞ୍ଜାମ ବ୍ଲକ ଚାଷ ପାଇଁ ଜଣାଶୁଣା ତେଣୁ ଚାଷୀ ଭାଇଭଉଣୀ ମାନଙ୍କର ସମସ୍ୟା ସମାଧାନକୁ ସବୁବେଳେ ପ୍ରାଥମିକତା ଦେବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଚଳିତବର୍ଷ ଟମାଟୋ ଅଳ୍ପଦରରେ ବିକ୍ରି ହୋଇଥିଲା । ସେଥିଉପରେ ବିଶେଷ ଦୃଷ୍ଟି ଦେଇ ଚାଷ ପ୍ରତି ଲୋକମାନେ ଉତ୍ସାହିତ ହେଲା ଭଳି ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ବୈଠକରେ ପରାମର୍ଶ ଦିଆ ଯାଇଥିଲା । ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ସେମାନଙ୍କ ବିଭାଗର ଗଞ୍ଜାମ ବ୍ଲକ ସମ୍ପର୍କୀୟ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ଅବସରରେ ଦଶମ ପରୀକ୍ଷାରେ ଉତ୍କୃଷ୍ଟ ନମ୍ବର ରଖି ଗଞ୍ଜାମ ବ୍ଲକ ପାଇଁ ସୁନାମ ଆଣିଥିବା କୃତି ଛାତ୍ର-ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଫୁଲବାଣୀରେ ପ୍ରାକୃତିକ ବିପର୍ଯ୍ୟୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପ୍ରସ୍ତୁତି ବୈଠକ




ଫୁଲବାଣୀ, (ସବ୍ୟୁ): ଆସନ୍ତା ୨୦୨୬ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ) ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଏବଂ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଆସନ୍ତା ମୌସୁମୀ ଋତୁରେ ବନ୍ୟା ସ୍ଥିତି ଉପରେ ନଜର ରଖିବା ପାଇଁ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ସକ୍ରିୟ କରାଯିବା ସହିତ ଦୁର୍ଗମ ଅଞ୍ଚଳରେ ଆଗୁଆ ଖାଦ୍ୟ ଓ ସୁରକ୍ଷିତ ପାନୀୟ ଜଳ ମହଜୁଦ ରଖାଯିବ । ଏହା ସହିତ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଉଦ୍ଧାର କାର୍ଯ୍ୟ ପାଇଁ ଡଙ୍ଗା ଓ ପାଓ୍ୱାର ବୋଟ୍ ମୁତୟନ, ଆଶ୍ରୟ ସ୍ଥଳୀ ଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିମଳ ସେବା ଏବଂ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବ ।

ବିଶେଷ କରି ଓଡ୍ରାଫ, ଏନଡିଆରଏଫ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କ ସହ ପ୍ରଶାସନିକ ସମନ୍ୱୟ ରକ୍ଷା କରି ସମସ୍ତ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବୈଠକରେ ଅଧିକାରୀମାନେ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ଜିଲ୍ଲା ଆପାତ୍ତକାଳୀନ ଅଧିକାରୀ ବିରଞ୍ଚି ଧାରୁଆ ପରିଚାଳନା କରିଥିଲେ । ଏହି ଅବସରରେ ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର, ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଜୁନ୍ ୧ ତାରିଖରୁ ୬ ଦିନିଆ ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବ

ବାରିପଦା, (ସବ୍ୟୁ) : ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆସନ୍ତା ମାସ ଜୁନ ୧ତାରିଖରୁ ୬ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି। ୧ମ ସନ୍ଧ୍ୟାରେ ଡଃ ବସନ୍ତ କୁମାର ମହାପାତ୍ରଙ୍କ ରଚିତ ଓ ଧୀର ବଶାଙ୍କ ନିର୍ଦ୍ଦେଶିତ "ମୁଠାଏ ମାଟି, ୨ୟ ସନ୍ଧ୍ୟାରେ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଓ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ "ନିଷ୍ପତ୍ତି, ୩ୟ ସନ୍ଧ୍ୟାରେ ଡଃ କୁମରମଣି ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ "ଚକ୍ରବ୍ୟୁହ, ୪ର୍ଥ ସନ୍ଧ୍ୟାରେ ରଣଜିତ ପଟ୍ଟନାୟକଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ "ଗୋଇଠା ବାବା, ୫ମ ସନ୍ଧ୍ୟାରେ ସୋମନାଥ ସାହୁଙ୍କ ରଚିତ ଓ ମହେଶ ସାହୁ (ତପୁବାବା)ଙ୍କ ନିର୍ଦ୍ଦେଶିତ "ମିଡିଲ କ୍ଲାସ ଏବଂ ଶେଷ ସନ୍ଧ୍ୟାରେ ଡଃ ପଞ୍ଚାନନ ପାତ୍ରଙ୍କ ରଚିତ ଓ ଡଃ ପ୍ରକାଶ ଚନ୍ଦ୍ର ଦାଶଙ୍କ ନିର୍ଦ୍ଦେଶିତ "ନଈର ଠିକଣା ନାଟକ ପରିବେଷିତ ହେବ ବୋଲି ପରିବାରର ସମ୍ପାଦକ ଅସିତ କୁମାର ଗିରି ଜଣାଇଛନ୍ତି। ଏହି ଅବସରରେ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶେଷ ପ୍ରସ୍ତୁତି ବୈଠକରେ ସମସ୍ତ ନିର୍ଦ୍ଦେଶକ, ସହ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ପରିବାରର ସଦସ୍ୟ ଓ କଳାକାର ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ସୁଚିନ୍ତିତ ମତ ରଖିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ନାଟକ ଆରମ୍ଭ ହେବ ଏବଂ ବିନା ଦେୟରେ ସମସ୍ତେ ନାଟକ ଦେଖିପାରିବେ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି। ବହୁ ସଂଖ୍ୟାରେ ଉପସ୍ଥିତ ରହି ନାଟକ ଗୁଡ଼ିକୁ ଉପଭୋଗ କରିବା ସହ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ସଭାପତି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।



## ଓଡ଼ିଶା ଐତିହ୍ୟ-ସାଂସ୍କୃତିକ ପ୍ରତିନିଧି ଦଳର ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ



ବାଲିଚନ୍ଦ୍ରପୁର, (ସବ୍ୟୁ): ଆନ୍ତର୍ଜାତିକ ନାଳନ୍ଦା ବିଶ୍ୱବିଦ୍ୟାଳୟ ସହିତ ଯୋଡ଼ିହୋଇ ଓଡ଼ିଶାର ବିଶ୍ୱବିଖ୍ୟାତ ପୁଷ୍ପଗିରିର ବୌଦ୍ଧକୀର୍ତ୍ତି, ଐତିହ୍ୟ ଓ ସଂସ୍କୃତି ସଂପର୍କରେ ଅଧିକ ଗବେଷଣାତ୍ମକ ଅଧ୍ୟୟନ ଲାଗି ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଓଡ଼ିଶାରୁ ପରିଦର୍ଶନରେ ଯାଇଥିବା ଐତିହ୍ୟ-ସାଂସ୍କୃତିକ ପ୍ରତିନିଧିମଣ୍ଡଳୀ ସଦସ୍ୟମାନେ କହିଛନ୍ତି । ବିହାରର ରାଜଗୃହଠାରେ ପ୍ରତିଷ୍ଠିତ ଦେଶର ଏକ ଗୌରବାବହ ଶିକ୍ଷା ପ୍ରତିଷ୍ଠାନ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଓଡ଼ିଶାର ପୁରାତନ ତଥା ବିଶ୍ୱବିଖ୍ୟାତ ବୌଦ୍ଧପୀଠ ପୁଷ୍ପଗିରି ମହାବିହାର ଅଂଚଳରୁ ଯାଇଥିବା ବୌଦ୍ଧ ଐତିହ୍ୟ-ସାଂସ୍କୃତିକ ପ୍ରତିନିଧି ଦଳ ।

ପ୍ରାଚୀନ ଉଡ୍ରଦେଶ ତଥା କଳିଙ୍ଗ-ଉତ୍କଳରେ ବିକଶିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସହିତ ଉତ୍ତର ଭାରତର ପ୍ରାଚୀନତମ ବୌଦ୍ଧ ବିଶ୍ୱବିଦ୍ୟାଳୟ ନାଳନ୍ଦା ସହିତ ଥିଲା ବୌଦ୍ଧିକ ସଂପର୍କ । ଏପରିକି ଚୀନର ବିଖ୍ୟାତ ପରିବ୍ରାଜକ ହୁଏନ୍‌ସାଂ ନାଳନ୍ଦାଠାରେ ଅଧ୍ୟୟନ ଓ ଅଧ୍ୟାପନା ଶେଷ କରିବା ପରେ ପୁଷ୍ପଗିରି ବୌଦ୍ଧବିହାରକୁ ଉଚ୍ଚତର ଅଧ୍ୟୟନ ପାଇଁ ଆସିଥିଲେ । ଓଡ଼ିଶାର ପ୍ରତିନିଧିମଣ୍ଡଳୀରେ ଯାଇଥିବା ବୌଦ୍ଧ ଐତିହ୍ୟ ଗବେଷକ ପ୍ରକାଶ ଚନ୍ଦ୍ର ନାୟକ, ରତ୍ନଗିରି ବୁଦ୍ଧବିହାର ଅଂଚଳର ମୁରବି ଚୌଧୁରୀ ଅତୁଲ କୁମାର ମଙ୍ଗରାଜ ମହାପାତ୍ର, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଇନ୍‌ଟାକର ସଦସ୍ୟ ବିପିନ ବିହାରୀ ମହାନ୍ତି, ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି ଏବଂ ବୌଦ୍ଧଲାମା ଦାୱା ଟି ତାମଙ୍ଗ ପ୍ରମୁଖ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହିତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ. ଏଲୋରା ତ୍ରିବେଦୀ, ଏକାଡେମିକ୍ ଡାଇରେକ୍ଟର ଡ. ବିଶ୍ୱଚିନ୍ତାମଣି ଅମ୍ବିକା ପ୍ରସାଦ ପାଣି, ନାଳନ୍ଦା ବିଶ୍ୱବିଦ୍ୟାଳୟର ମୁଖ୍ୟ ଗ୍ରନ୍ଥାଗାରିକ ଡ. ଏସ୍. ଶ୍ୟାମସୁନ୍ଦର ରାଓଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଥିଲେ । ଡ. ପାଣିଙ୍କ ସମେତ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ବିଶିଷ୍ଟ ବିଦ୍ୱାନ ତଥା ସ୍କୁଲ ଅଫ୍ ବୁଦ୍ଧିଷ୍ଟ ଷ୍ଟଡ଼ିଜର ଡିନ୍ ପ୍ରଫେସର ଗୋଦାବରୀଶ ମିଶ୍ର ଓ ପ୍ରତ୍ନତତ୍ତ୍ୱ ବିଭାଗରେ ଅଧ୍ୟାପକ ତୋଷବନ୍ତ ପ୍ରଧାନ ପ୍ରମୁଖ ଅଧ୍ୟାପନା କରୁଛନ୍ତି । ସେହିଭଳି ଓଡ଼ିଶାର ଜଣେ ଛାତ୍ର ଏଠାରେ ଇଂରାଜୀ ବିଭାଗରେ ମଧ୍ୟ ଅଧ୍ୟୟନ କରୁଛନ୍ତି । ପ୍ରତିନିଧିମଣ୍ଡଳୀ ବିଶ୍ୱବିଦ୍ୟାଳୟର ଏକାଡ଼େମିକ୍ ବିଭାଗ, ଅଧ୍ୟୟନ କେନ୍ଦ୍ର, ଗବେଷଣା କେନ୍ଦ୍ର, ବିଶ୍ୱବିଦ୍ୟାଳୟର ସ୍ତୁପ ଆକୃତିରେ ନିର୍ମିତ ଲାଇବ୍ରେରୀ ମଧ୍ୟ ପରିଦର୍ଶନ କରିଥିଲେ ।

ଓଡ଼ିଶାର ଐତିହ୍ୟପ୍ରେମୀ ପ୍ରତିନିଧିମଣ୍ଡଳୀ ନିକଟରେ ଥିବା ଭାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ପ୍ରତିଷ୍ଠିତ ଅନ୍ୟ ଏକ ଡିମଡ଼୍ ବିଶ୍ୱବିଦ୍ୟାଳୟ ନବନାଳନ୍ଦା ମହାବିହାର ମଧ୍ୟ ପରିଦର୍ଶନ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟ ପାଠାଗାରରେ ବିଖ୍ୟାତ ଓଡ଼ିଆ କଥାଶିଳ୍ପୀ କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ ଝଡ଼କୁ ବିଜୟ କୁମାର ନନ୍ଦ ଅନୁବାଦ କରିଥିବା ଦି ଷ୍ଟର୍ମ ପୁସ୍ତକ ଥିବା ଦେଖିବାକୁ ମିଳିଥିଲା । ପୁଷ୍ପଗିରି ବୌଦ୍ଧବିହାର ସମେତ ଓଡ଼ିଶାର ବିଶ୍ୱ ବିଖ୍ୟାତ ବୌଦ୍ଧପୀଠ ଲଳିତଗିରି, ରତ୍ନଗିରି, ଉଦୟଗିରି ଓ ଲାଙ୍ଗୁଡ଼ି ସଂପର୍କିତ କେତେକ ପୁସ୍ତକ ନାଳନ୍ଦା ବିଶ୍ୱବିଦ୍ୟାଳୟର ଲାଇବ୍ରେରୀକୁ ପଠାଯିବ ବୋଲି ପ୍ରତିନିଧିମାନେ କହିଛନ୍ତି । ପ୍ରତିନିଧିମଣ୍ଡଳୀ ନାଳନ୍ଦା ସମେତ ବୋଧଗୟା, ସାରନାଥ, ରାଜଗୃହ, ଗୃଧ୍ରକୂଟ, କୁଶୀନଗର ଓ ସୁଜାତାଙ୍କ ମନ୍ଦିର ପ୍ରମୁଖ ବୌଦ୍ଧପୀଠଗୁଡ଼ିକ ପରିଦର୍ଶନ କରିଥିଲେ ।

## ଏମ୍ଏସ୍ଡବ୍ଲୁସି-୧ ନାଳ ସଫେଇ କାର୍ଯ୍ୟ ଅଧାପନ୍ତରିଆ, ବିଲ୍ ପାଇଁ ମସୁଧା

କଟକ, (ସ୍ୱପ୍ର) : ପ୍ରତିବର୍ଷ ମୌସୁମୀ ଆସିବା ପୂର୍ବରୁ କଟକ ମେଜର ସରଫେସ୍ ଡ୍ରେନ୍-୧ରୁ ପଙ୍କୋଦ୍ଧାର କରିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ସଠିକ ତଦାରଖ କରୁନାହାଁନ୍ତି । ଫଳରେ ନାଳ ଉପରେ ଭାସୁଥିବା କଳିକତି ଦଳ ବାହାର କରିବା ସହ ଏହି ନାଳର ଦୁଇ ପାଶ୍ୱର୍ରେ ଲାଗିଥିବା ତାରଜାଲି ସବୁ ବାହାର କରାଯାଉନଥିବା ଦେଖାଯାଉଛି । କେତେକ ଜାଗାରେ ନାଳ ପାଶ୍ୱର୍ରେ ଜବରଦଖଲ ହୋଇଥିବା ସ୍ଥାନରେ ମେସିନ ଯାଇପାରୁନାହିଁ । ଯଦ୍ୱାରା ସମ୍ପୂର୍ଣ୍ଣ ପଙ୍କୋଦ୍ଧାର କାର୍ଯ୍ୟ ହୋଇ ପାରୁନାହିଁ । ଏହି କାର୍ଯ୍ୟ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀ କେହି ଉପସ୍ଥିତ ରହୁନଥିବା ଯୋଗୁଁ ଠିକାଦାର ଉପରୁ ଉପରୁ ନାମକୁ ମାତ୍ର କଳିକତି ଦଳ ବାହାର କରିବା ସହ ଲୋକ ଜାଣିବା ପାଇଁ ନାଳରୁ ନାମକୁ ମାତ୍ର ପଙ୍କ ସହ ପଙ୍କପାଣି ଜେସିବି ବକେଟ୍‌ରେ ବାହାର କରି ରାସ୍ତା କଡରେ ଗଦା କରିବା ଯୋଗୁଁ ରାସ୍ତାରେ ପଙ୍କ ପାଣି ପଡିଥିବା ଦେଖାଯାଉଛି ।



ପଙ୍କପାଣି ଯୋଗୁଁ ଦୁର୍ଗନ୍ଧ ହେଉଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଲୋକମାନେ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ ପଙ୍କୋଦ୍ଧାର ନାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଥିବା ବେଳେ ଅଧାପନ୍ତରିଆ କାର୍ଯ୍ୟ କରି ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ହାତ କରି ବିଲ୍ କରିବା ପାଇଁ ମସୁଧା କରୁଥିବା ଚର୍ଚ୍ଚା ହେଉଛି । ଏହି ବଡନାଳର ପଙ୍କୋଦ୍ଧାର କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ହେଉଥିବା ଅନିୟମିତତା ଲୋକଲୋଚନକୁ ଆସି ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଆଇପିଏସ ସ୍ତରରେ ବଡଧରଣର ଅଦଳବଦଳ
# ଏସ୍‌ପି ସ୍ତରରେ ବଡଧରଣର ପରିବର୍ତ୍ତନ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟ ସରକାର ଆଇପିଏସ ସ୍ତରରେ ବଡଧରଣର ଅଦଳ ବଦଳ କରିଛନ୍ତି । ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୮ ଅଧିକାରୀଙ୍କୁ ବଦଳି କରାଯାଇଛି । ମଡକ ସନ୍ଦୀପ ସମ୍ପତଙ୍କୁ ଡିଆଇଜି ଭାବେ ବଦଳି କରାଯାଇଥିବା ବେଳେ ପରମାରସ୍ମିତ ପୁରସ୍ତମ ଦାସଙ୍କୁ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଭାବେ ବଦଳି କରାଯାଇଛି ।

ସେହିପରି ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିବେକାନନ୍ଦ ଶର୍ମାଙ୍କୁ ସିଆଇଡି ଶିବିର ଏସ୍ପି କରାଯାଇଥିବାବେଳେ ସ୍ୱାତୀ ଏସ କୁମାରଙ୍କୁ ଭୁବନେଶ୍ୱର ଏସ୍ଟିଏଫର ଏସ୍ପି ଭାବେ ନିଯୁକ୍ତି ଦିଆଯାଇଛି । ଏହାଛଡ଼ା ପ୍ରହଲ୍ଲାଦ ସହାୟମୀନାଙ୍କୁ ଗଜପତି ଏସ୍ପି ଭାବେ ବଦଳି କରାଯାଇଥିବାବେଳେ ଏସ ସୁଶ୍ରୀଙ୍କୁ ଭିଜିଲାନ୍ସ ଏସ୍ପି ଭାବେ, ରାଜ ପ୍ରସାଦଙ୍କୁ ରାୟଗଡା ଏସ୍ପି, ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଖୋର୍ଦ୍ଧା ଏସ୍ପି, ରାହୁଲ ଗୋଏଲଙ୍କୁ ସ୍ୱତନ୍ତ୍ର ବ୍ରାଞ୍ଚର ଏସ୍ପି ଭାବେ ନିଯୁକ୍ତି ଦିଆଯାଇଛି । ହରିସା ବିଶିଙ୍କୁ ଗଞ୍ଜାମ ଏସ୍ପି ଭାବେ ବଦଳି କରାଯାଇଥିବା ବେଳେ କାଶ୍ୟପ ପାର୍ଥ ଜଗଦୀଶଙ୍କୁ ନବରଙ୍ଗପୁର ଏସ୍ପି ଭାବେ, ସେହିଭଳି କୁଲ୍ଦୀପ ମୀନାଙ୍କୁ ବୌଦ୍ଧ ଏସ୍ପି ଭାବେ, ଅନନ୍ୟା ଓ ଓ୍ୱିସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ କରାଯାଇଛି । ସେହିଭଳି କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ ସିଗ୍ନାଲ ଏସ୍ପି, ରବୀନ୍ଦ୍ର ନାଥ ଶତପଥୀଙ୍କୁ ବରଗଡ ଏସ୍ପି, ଶ୍ରୀକୃଷ୍ଣ ପ୍ରସାଦ ଦାସଙ୍କୁ ରାଉରକେଲା ଏସ୍ପି ଓ କିଶୋର ଚନ୍ଦ୍ର ମୁଣ୍ଡୋଙ୍କୁ ଦେବଗଡ ଏସ୍ପି ଭାବେ ବଦଳି କରାଯାଇଛି ।

# ବାରମ୍ବାର ନାଲି ପତାକା ଲାଗିଲା ପରେ ବି ଚାଲିଛି ଅବୈଧ ନିର୍ମାଣ

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ପ୍ରଶାସନ ତରଫରୁ ବାରମ୍ବାର ବେଆଇନ ନିର୍ମାଣକୁ ନାଲି ପତାକା ଲଗାଇ ବନ୍ଦ କରା ଯାଉଥିଲେବି ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ବେଖାତିର ଭାବେ ବେଆଇନ ନିର୍ମାଣ କାର୍ଯ୍ୟ ବଢ଼ାଇ ଚାଲିଛନ୍ତି ଜବରଦଖଲକାରୀ । ଗତ ୨୦୨୩ ମସିହାରେ ଶ୍ରୀରାମପୁର ରାମଚଣ୍ଡୀ ମନ୍ଦିର ନିକଟରେ ଖାତା ନଂ ୮୪୭,ପ୍ଲଟ ନଂ୧୫୬୪ ଗୋଚର ଜମିରେ ଉକ୍ତ ଗ୍ରାମର ଉତ୍ତମ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତି ବେଆଇନ ଭାବେ ଦୁଇ ବଖରା ପକ୍କା ଘର ନିର୍ମାଣ କରିଥିଲେ । ଡାମରପୁର ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ପାଇବା ପରେ ପଟ୍ଟାମୁଣ୍ଡାଇ ତହସିଲ ପକ୍ଷରୁ ଏକ ଅବରୋଧ ମୋକଦ୍ଦମା ସଂ -୧୦୫/୨୦୨୩-୨୪ ରୁଜୁ କରା ଯାଇଥିଲା ।



ପ୍ରଶାସନ ତରଫରୁ ଉକ୍ତ ନିର୍ମାଣକୁ ବେଆଇନ ଦର୍ଶାଇ ତହସିଲଦାର ଏବଂ ପୋଲିସ ଟିମ ଉପସ୍ଥିତିରେ ଉକ୍ତ ଘରଟିକୁ ନାଲି ପତାକା ଲଗାଯିବା ସହିତ ଭାଙ୍ଗି ଦିଆ ଯାଇଥିଲା । କିନ୍ତୁ ଉତ୍ତମ ପୁନଶ୍ଚ ଗତ ସେପ୍ଟେମ୍ବର ୨୦୨୫ ରେ ବେଆଇନ ଭାବେ ପୁନଃ ନିର୍ମାଣ ଆରମ୍ଭ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଏବଂ ଡାମରପୁର ରାଜସ୍ୱ ନିରୀକ୍ଷକ ପୁନର୍ବାର ସେହି ସ୍ଥାନରେ ନାଲି ପତାକା ଲଗାଇବା ସହିତ ବେଆଇନ ନିର୍ମାଣକୁ ବନ୍ଦ କରିଥିଲେ । ବେଆଇନ ନିର୍ମାଣକୁ ବନ୍ଦ କରିବାକୁ ପ୍ରଶାସନର କଡା ନିର୍ଦ୍ଦେଶ ପରେବି ଜବରଦଖଲକାରୀ ଗତ କିଛି ଦିନ ହେଲା ପୂର୍ବ ନିର୍ମିତ ଦୁଇ ବଖରା ପକ୍କା ଘର କୁ ଲଗାଇ ଆହୁରି ଦୁଇ ବଖରା ପକ୍କା ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ସରକାର ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ପାଇଁ ଘୋଷଣା କରୁଥିବା ବେଳେ ଉତ୍ତମ କିନ୍ତୁ ସରକାରୀ ଗୋଚର ଜମିକୁ ଜବରଦଖଲ କରି ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ବାରମ୍ବାର ବେଆଇନ ନିର୍ମାଣ କରି ଚାଲିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅବୈଧ ନିର୍ମାଣକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିବା ସହିତ ଜବରଦଖଲକାରୀ ଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଭେଟି ସମିତି ସଭ୍ୟ ଉତ୍ତମ ଜେନା,ମନ୍ମଥ ମାନଧାତା ,ସୁରେନ୍ଦ୍ର ପରିଡା,କଳାକାର ମଳିକ ,ସର୍ବେଶ୍ୱର ମଳିକ ,ଅଞ୍ଚଳ ପରିଡା,ଦିବାକର ରାଉତ,ପ୍ରଭାକର ମଳିକ ,ଅଭୟ ମାନଧାତା ପ୍ରମୁଖ ଗ୍ରାମବାସୀ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

# ମା ସାରଳାଙ୍କ ଯୁବ ସେବାୟତ ପପୁନନାଙ୍କ ପରଲୋକ

ଝଙ୍କଡ଼, (ସବ୍ୟୁ) : ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ସାରଳା ଠାକୁରାଣୀଙ୍କ ନିତ୍ୟସେବକ ତଥା ମନ୍ଦିର ସମ୍ମୁଖସ୍ଥ ହନୁମାନ ଜୀଉଙ୍କ ସମର୍ପିତ ସେବାକାରୀ ସମୀରକାନ୍ତ ରାଉଳ (ମହାବୀର, ପପୁନନା -୪୬)ଙ୍କର ଗତ ଶୁକ୍ରବାର ଦିନ ରାତି ସାଢେ ଦଶଟା ବେଳେ ହୃଦଘାତରେ ପରଲୋକ ହୋଇଯାଇଛି । ନିଶ୍ୱାସ ନେବାରେ ଅସୁବିଧା ହେବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ମଣିଜଙ୍ଗା ମେଡିକାଲକୁ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ଗୋଟିଏ ଇଞ୍ଜେକେଶନ ଦେବାପରେ ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଅକାଳ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ଶୋଭାଯାତ୍ରାରେ ସଚ୍ଚିଦାନନ୍ଦ ନାୟକ, ଅଭିଷେକ ନାୟକ, ଦିଲ୍ଲୀପ କୁମାର ରାଉଳ, ଅଜୟ କୁମାର ରାଉଳ, ବିଜୟ କୁମାର ରାଉଳ, ହରେକୃଷ୍ଣ ରାଉଳ, ନିରଞ୍ଜନ ରାଉଳ, ବିକାଶ ରାଉଳ, ରଞ୍ଜନ କୁମାର ରାଉଳ, ସୁଦାମ ରାଉଳ, ଅବକାଶ ରାଉଳ, ଅବିନାଶ ରାଉଳ, ସଙ୍ଗୀତଝ ନାୟକ, ସସ୍ମିତା ନାୟକ, ସୁସ୍ମିତା ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ତାଙ୍କର ବଡଭାଇ ସାମ୍ବାଦିକ ରମାକାନ୍ତ ରାଉଳ, ଉମାକାନ୍ତ ରାଉଳ ଓ ଜ୍ଞାତି କୁଟୁମ୍ବ, ଆତ୍ମୀୟ, ବନ୍ଧୁବର୍ଗମାନେ ଅଂଶଗ୍ରହଣ କରିଥିଲେ ।

ପପୁଙ୍କ ଛୋଟପୁଅ ସିପୁନ ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ମୁଖାଗ୍ନି ଦେଇଥିଲେ । ତେବେ ପପୁନନାଙ୍କ ଏହି ଆକସ୍ମିକ ପରଲୋକରେ ସାରଳା ମନ୍ଦିରର ବହୁ ପଣ୍ଡା ସେବକ, ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# କବାଟ ତାଡି ୧୦ ଲକ୍ଷ ଟଙ୍କାର ଗହଣା ଚୋରି

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରି ଦିନକୁ ଦିନ ବଢିବାରେ ଲାଗିଛି। ଚୋରୀରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ବେପରୁଆ ଭାବେ ବୁଲି ତାଙ୍କ ନାମରେ ଅଭିଯୋଗ କରୁଥିବା ଅଭିଯୋଗ କାରୀଙ୍କୁ ଧମକ ଦେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ଅଂଚଳରେ ମୃତ୍ୟୁଞ୍ଜୟ ବୈଷ୍ଣବଙ୍କ ଘରୁ କେହି ନଥିବା ସମୟରେ କବାଟ ତାଡି ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଗହଣା, ମୂଲ୍ୟବାନ ଜିନିଷପତ୍ର ଚୋରି କରି ନେଇଛନ୍ତି। ଏହି ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଥାନାରେ ଡକାଇ ଥଣ୍ଡା ପେଉଥିବାବେଳେ ଅଭିଯୋଗକାରୀଙ୍କୁ ଅଭିଯୁକ୍ତଙ୍କ ଆଗରେ ଜେରା କରାଯାଉଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ବିଷୟରେ ଥାନା ଅଧିକାରୀ ଫୋରେନ୍‌ସିକ୍ ଟିମ୍ ଘଟଣା ପରିଦର୍ଶନ କରି ସବୁ ଜିନିଷ ପତ୍ର ଚୋରି ହୋଇଥିବା ଦେଖି ନୀରବଦ୍ରଷ୍ଟା ସାଜିଛନ୍ତି। ଚୋରି ହେବାର ଦୀର୍ଘ ଦୁଇ ମାସ ବିତିଯାଇଥିବା ବେଳେ ଥାନା ଅଧିକାରୀ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହାଁନ୍ତି। ଚୋରି ହୋଇଥିବା ଘର ମାଲିକ ଥାନାକୁ ଦୌଡି ଦୌଡି ନୟାନ୍ତ ହୋଇସାରିଲେଣି। ଏହି ଚୋରୀରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଓଲଟା ଧମକ ଦେଉଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପାଇଁ ଅଭିଯୋଗକାରୀ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି କରିଛନ୍ତି।

# ସ୍ୱଧାର ନିଶାମୁକ୍ତି କେନ୍ଦ୍ରରେ ଅନ୍ତେବାସୀଙ୍କ ମୃତ୍ୟୁ, ୨ ଅଟକ

ଜଗତସିଂହପୁର,(ସବ୍ୟୁ) : ସଦର ଥାନା ଚର୍ଚ୍ଚିକା ବଜାର ଠାରେ ଥିବା ସ୍ୱଧାର ନିଶା ମୁକ୍ତି କେନ୍ଦ୍ରରେ ଜନୈକ ଅନ୍ତେବାସୀଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି । ମୃତ ଅନ୍ତେବାସୀ ହେଉଛନ୍ତି ତିର୍ତ୍ତୋଲ ଥାନା କୋଲର ନାଗପୁର ଗାଁର ଅନିରୁଦ୍ଧ ଲେଙ୍କା(୫୪)। ଅତ୍ୟଧିକ ଶାରୀରିକ ନିର୍ଯାତନା ଦେଇ ତାଙ୍କୁ ମାରିଦେଇଥିବାର ପରିବାର ଲୋକ ଅଭିଯୋଗ କରି ଜଗତସିଂହପୁର ସଦର ଥାନାରେ ଏତାଲା ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସହ ଉକ୍ତ ନିଶା ମୁକ୍ତି କେନ୍ଦ୍ରର ମାଲିକ ସବୁଜ କୁମାର ସାହୁ ଓ ଅନ୍ୟ ଜଣେ ବିଭବ ରଞ୍ଜନ ମହାନ୍ତିଙ୍କୁ ସଦର ଥାନାରେ ଅଟକ ରଖି ପଚରା ଉଚରା କରୁଛି । ମୃତକଙ୍କ ପୁଅ ଅବିନାଶ ଲେଙ୍କା ଅଭିଯୋଗ ଅନୁସାରେ ତାଙ୍କ ବାପା ଅନୁରୋଧ ଲେଙ୍କା ଅଧିକ ନିଶା ସେବନ କରିବାରୁ ପରିବାର ଲୋକେ ଚାପରେ ରହୁଥିଲେ । ତାଙ୍କୁ ନିଶାରୁ ନିବୃତ ରଖିବାକୁ ପରିବାର ଲୋକେ ସଦର ଚର୍ଚ୍ଚିକା ବଜାର ନିକଟରେ ଥିବା ସ୍ୱଧାର ନିଶା ମୁକ୍ତି କେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ । ଗତ ୧୯ ତାରିଖ ଦିନ ରାତି ୯.୩୦ ସମୟରେ ସ୍ୱଧାର କେନ୍ଦ୍ରର କିଛି କାର୍ଯ୍ୟକର୍ତ୍ତା ଅନୁରୋଧଙ୍କ ଘରକୁ ଯାଇ ନେଇ ଆସିଥିଲେ । ସେଠାରେ ତାଙ୍କ ବାପା ରହିବା ପରେ ଗତକାଲି ୨୨/୦୫/୨୬ ରାତିରେ ସ୍ୱଧାର ନିଶା ମୁକ୍ତି କେନ୍ଦ୍ର ପକ୍ଷରୁ ଅନୁରୋଧଙ୍କ ଘରକୁ ତାଙ୍କ ଦେହ ଖରାପ ଅଛି ଓ ମେଡିକାଲ ନେଇ ଯାଉଛୁ ବୋଲି ଫୋନ ଯାଇଥିଲା । ମାତ୍ର ପୁଣି ରାତି ୨ଟା ସମୟରେ ଅନୁରୋଧଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଜଣାଇଥିଲେ ।ପରିବାର ଲୋକେ ଜଗତସିଂହପୁର ମେଡିକାଲରେ ଆସି ପହଂଚି ଅନୁରୋଧଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ ।

ଅନୁରୋଧଙ୍କ ଦେହରେ କ୍ଷତ ଚିହ୍ନ ରହିଥିବା ପରିବାର ଲୋକେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ । ସ୍ୱଧାର ନିଶା ମୁକ୍ତି ଗୃହରେ ମାଡ଼ ମାରି ଅନୁରୋଧଙ୍କୁ ମାରି ଦେଇଥିବା ଜଗତସିଂହପୁର ଥାନାରେ ପୁଅ ଅବିନାଶ ଏତଲା କରିଥିଲେ । ଏପରିକି ଗତକାଲି ରାତିରେ ବାପା ଅନୁରୋଧ ଲେଙ୍କାଙ୍କୁ ହାତ ଗୋଡ଼ ବାନ୍ଧି ମାଡ଼ ମରାଯିବା ସହ ଭୁଲ ଇଂଜେକସନ ଦିଆଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ମୃତକଙ୍କ ପୁଅ ଅବିନାଶ ଅଭିଯୋଗ କରିଛନ୍ତି । ପୋଲିସ ଏତଲା ପାଇଁ କେଶ ନମ୍ବର ୪୩୩ ରୁଜୁ କରି ସମ୍ପୃକ୍ତ ସ୍ୱଧାର ନିଶା ମୁକ୍ତି କେନ୍ଦ୍ରକୁ ଯାଇ ତଦନ୍ତ କରି ସ୍ୱଧାର କେନ୍ଦ୍ରର ମାଲିକ ସଦର ଥାନା କଣ୍ଟାପଡା ଗ୍ରାମର ସବୁଜ କୁମାର ସାହୁ ଓ ବାଲିକୁଦା ଥାନା ନାଆଦା ଗ୍ରାମର ବିଭବ ରଂଜନ ମହାନ୍ତିଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ସହିତ ଅଟକ ରଖି ତଦନ୍ତ ଚଳାଇଥିଲା । ସ୍ୱଧାର ନିଶାମୁକ୍ତି କେନ୍ଦ୍ରର ପରିଚାଳକଙ୍କ ମାଡ ଓ ଇଞ୍ଜେକସନ ଯୋଗୁ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

# ସାଇ ନର୍ସିଂ ଇନଷ୍ଟିଚ୍ୟୁଟରେ କ୍ୟାନ୍ସର ନିରାକରଣ ପାଇଁ ସଚେତନତା ଶିବିର

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ କୁଆଖିଆ ସତସଙ୍ଗ ବିହାର ନିକଟରେ ଥିବା ସାଇ ଗ୍ରୁପ ଅଫ ଇନଷ୍ଟିଚୁଟିରେ ଆଜି କ୍ୟାନ୍ସର ରୋଗ ନିରାକରଣ ପାଇଁ ସଚେତନତା ଶିବିର କଲେଜ ଅଧକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଣ୍ଡା କ୍ୟାନ୍ସର ହସ୍ପିଟାଲ ତେଲେଙ୍ଗାପେଣ୍ଠ ର ଡ଼ଃ ସ୍ମିତି ଦାସ ଯୋଗ ଦେଇ କ୍ୟାନ୍ସର ରୋଗକୁ କିପରି ରୋକାଯାଇପାରିବ ସେ ଉପରେ କହିବା ସହ ଛାତ୍ର ଛାତ୍ରୀ ମାନେ ଭଲ ପଢି ଭଲ ସେବା ସଂସ୍କାର ମନୋବୃତି ରଖି କାମ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠି, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, କଲେଜ ପ୍ରତିଷ୍ଠାତା ଅଲେଖ କୁମାର ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀମାନେ କ୍ୟାନ୍ସର ଠାରୁ କିପରି ଦୂରେଇ ରହିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇ ସେବକୁ ପରମ ଧର୍ମ ବୋଲି ଗ୍ରହଣ କରିବାକୁ କହିଥିଲେ । କଲେଜ ଉପଦେଷ୍ଟା ପଦ୍ମଲୋଚନ ନାୟକ, ଅଧ୍ୟାପକ ଶତୃଜିତ ସାହୁ, ଅଧ୍ୟାପିକା ପ୍ରିୟଦର୍ଶିନୀ ଦାସ, ସରିତା ବିରୁଆ, ଭାଗ୍ୟବତୀ ସାମଲ, ପଲ୍ଲବୀ ପାଲ, ଅର୍ଚ୍ଚନା ଦାସ, ସନ୍ତୋଷ ନାୟକ, ରୋଜାଲିନ, ଦିଲ୍ଲୀପ ଜେନା, ପ୍ରତାପ ବେହେରା ପ୍ରମୁଖ ଉତ୍ସବ ପରିଚାଳନା ରେ ସହାୟତା କରିଥିଲେ ।

# ଇଫ୍‌କୋ ପଛପଟେ ବିରାଟ ଅଜଗର



ପାରାଦୀପ, ( ଜି.ପ୍ର) : ପାରାଦୀପ ଇଫକୋ ସାର କାରଖାନା ପଛ ପଟରେ ଥିବା ମହାନଦୀ ପଟ ସାଇଡରେ ଏକ ବିରାଟ ଅଜଗର ସାପ ଥିବା ଜଣାପଡ଼ିଛି । କମ୍ପାନୀ ପକ୍ଷରୁ ବନ ବିଭାଗକୁ ଖବର ଦିଆଯାଇଛି । ରାତି ହୋଇଥିବାରୁ ଅଜଗରକୁ ଧରାଯାଇ ପାରିନାହିଁ । ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ବିରାଟକାୟ ଅଜଗର କିଭଳି ସେଠାକୁ ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୨୭ରେ ଢ଼ିଙ୍କିଆ ଆସିବେ ମୁଖ୍ୟମନ୍ତ୍ରୀ

ପାରାଦୀପ, ( ଜିପ୍ର ): ଆସନ୍ତା ୨୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢ଼ିଙ୍କିଆ ନିକଟ ଜେଏସଡବ୍ଲ୍ୟୁ ନିର୍ମାଣାଧୀନ ପରିସରକୁ ଆସୁଛନ୍ତି । ଏଥିନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । କମ୍ପାନୀର ଇଣ୍ଟିଗ୍ରେଟେଡ଼ ଷ୍ଟିଲ ପ୍ଲାଣ୍ଟର ଶୁଭ ଦେବାକୁ ଆସୁଥିବା ଜଣାପଡିଛି । କମ୍ପାନୀ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଶାସନ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି । ଭସ୍କଲିଶ ପଏଣ୍ଟ ନିକଟ ନିର୍ମାଣାଧୀନ ପରିସର ସୀମା ମଧରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଏଥିନେଇ କମ୍ପାନୀ କର୍ତ୍ତୃପକ୍ଷ ବ୍ୟାପକ ଆୟୋଜନ କରୁଥିବା ଜଣାପଡିଛି ।

# ଅଧିକାରୀଙ୍କ ଅନୁପସ୍ଥିତିରେ ଢ଼ଳେଇ କାର୍ଯ୍ୟ କାହା ସ୍ୱାର୍ଥରେ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତ ଅର୍ନ୍ତଗତ ଗୌଡଗୋପ ଠାରେ ୨୩ତାରିଖ ଶନିବାର ସରକାରୀ ଛୁଟି ଦିବସରେ ଦିନ ୧୧ଟା ପରେ ପ୍ରବଳ ଗ୍ରୀଷ୍ମ ଅନୁଭୂତି ହୋଉଥିଲା ବେଳେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଗୌଡଗୋପ ଆର୍ ଆଣ୍ଡ ବି ରାସ୍ତା ଅଲ୍ଲି ସେଠୀ ଘରୁ ଠାରୁ ଡିହିଗୋପ ଆର୍‌ଡି ନୂତନ ରାସ୍ତାର ନିର୍ମାଣ ୩ଲକ୍ଷ ଟଙ୍କା ଅଟକଳରେ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଛୁଟିରେ ରହିଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କିଭଳି ଭାବରେ ଢ଼ଳେଇ କାର୍ଯ୍ୟ କରାଯାଉଛି ସେ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗି ସିମେଣ୍ଟ,ବାଲି,ଗୋଡିର ଅନୁପାତ ଠିକ୍ ଭାବରେ ପଡୁ ନଥିଲା ବେଳେ ଢ଼ଳେଇ ରାସ୍ତାର ମୋଟେଇ ଯେତିକି ଇଞ୍ଚ ହେବାକଥା ତାହା ହେଉ ନଥିବା ବି ଅଭିଯୋଗ ହେଉଛି। ରାସ୍ତାର ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୂର୍ବରୁ ବିଗତ ବିଜେଡି ସରକାର ଅମଳରେ ଏହି ରାସ୍ତାର କାର୍ଯ୍ୟ ବାରମ୍ବାର କରାଯାଇଥିଲା ହେଲେ ଢ଼ଳେଇ ରାସ୍ତା ନିର୍ମାଣର ମାସ କେଇଟା ମଧ୍ୟରେ ଭାଙ୍ଗିଯିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଏହି ରାସ୍ତାର କାର୍ଯ୍ୟଯ ଠିକ୍ ଭାବରେ କରାଯାଉ ନଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲା ବେଳେ ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଇ ବିଭାଗୀୟ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ରାଜ୍ୟସରକାରଙ୍କ ନିକଟରେ ଦାବି ହେଉଛି।

# ପୁଅ ମୃତ୍ୟୁ ଖବର ଶୁଣି ଜୀବନ ହାରିଲେ ବାପା

ମଙ୍ଗଳପୁର, (ସବ୍ୟୁ) : ରୋଜଗାରିଆ ପୁଅର ମୃତ୍ୟୁକୁ ସହିପାରିଲେନି ବାପା । ବେକରେ ଗାମୁଛା ଭିଡି ଆତ୍ମହତ୍ୟା କରିଦେଲେ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ମାନସିଂପାଟଣା ଗ୍ରାମରେ । ଗ୍ରାମର ରସାନନ୍ଦ ପଣ୍ଡାଙ୍କ ପୁଅ ଷ୍ଟିମର ପଣ୍ଡା ଓରଫ ସିଲୁ (୩୯) ଘର ନିକଟ ମଙ୍ଗଳପୁର ବଜାରରେ ଗାୟତ୍ରୀ ଷ୍ଟୁଡ଼ିଓ କରି ଭଲ ବ୍ୟବସାୟ କରୁଥିଲେ । ବ୍ୟବସାୟରେ ସାହାର୍ଯ୍ୟ କରିବାକୁ କେନ୍ଦ୍ରାପଡା ଅଞ୍ଚଳର ଭିକି ନାମକ ଜଣେ ଯୁବକକୁ ରଖିଥିଲେ । କୌଣସି କାରଣକୁ ନେଇ ଭିକି ଶୁକ୍ରବାର ସନ୍ଧ୍ୟାରେ ବିଷ ପିଇ ଦେବାରୁ ସିଲୁ ତାଙ୍କୁ ମଙ୍ଗଳପୁର ମେଡିକାଲକୁ ନେଇଥିଲେ । ସେଠାରେ ଚିକିତ୍ସା ସମୟରେ ଯନ୍ତ୍ରଣାରେ ଛାଟିପିଟି ହେଉଥିବା ଭିକି ଅଜାଣତରେ ସିଲୁଙ୍କ ଛାତିକୁ ଶକ୍ତ ଗୋଇଠା ମାରିବାରୁ ସିଲୁ ଛାତିରେ କଷ୍ଟ ଅନୁଭବ କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ସିଲୁ ଘରକୁ ଫେରିଥିଲେ । ଘରେ ବିଶ୍ରାମ ନେଉଥିବା ବେଳେ ଛାତିରେ ପୁଣି ପ୍ରବଳ ଯନ୍ତ୍ରଣା ହୋଇଥିଲା । ପରିବାର ଲୋକେ ତାଙ୍କୁ ତୁରନ୍ତ ମଙ୍ଗଳପୁର ମେଡିକାଲକୁ ନେଇଯାଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ପହଂଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଏକ ମାତ୍ର ରୋଜଗାରିଆ ପୁଅର ଅକାଳ ମୃତ୍ୟୁରେ ଅଧିକ ଭାଙ୍ଗି ପଡ଼ିଥିଲେ ସିଲୁଙ୍କ ବାପା ରସାନନ୍ଦ ।

ତେଣୁ ଶନିବାର ସକାଳୁ ରସାନନ୍ଦ ଘରୁ ଲୁଚି ନିକଟରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ଭିଡି ଆତ୍ମହତ୍ୟା କରିଥିଲେ । ପରେ ଲୋକେ ଦେଖିବା ପରେ ପଡୋଶୀଙ୍କ ସହାୟତାରେ ରସାନନ୍ଦଙ୍କୁ ଉଦ୍ଧାର କରି ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।

ସୂଚନା ପାଇ ମଙ୍ଗଳପୁର ପୁଲିସ ମେ ପହଂଚି ଶବ ଜବଦ କରି ବ୍ୟବଛେଦ ପାଇଁ ଜିଲ୍ଲା ମେଡିକାଲ ପଠାଇବା ସହିତ ଘଟଣାରେ ୨ଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ବିଷ ପିଇ ଗୁରୁତର ଭିକି କଟକ ମେଡିକାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାଯାଇଛି । ବ୍ୟବଛେଦ ପରେ ଦୁଇଟି ମୃତ ଶରୀରକୁ ଯାଜପୁର ସହର ଉପକଣ୍ଠ ବାରୁଣୀ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା । ସେହିପରି ସିଲୁ ଓ ତାଙ୍କ ବାପା ରସାନନ୍ଦଙ୍କ ମୃତ୍ୟରେ ମଙ୍ଗଳପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ୩ବର୍ଷ ପୂର୍ବେ ବିବାହ କରିଥିବା ସିଲୁଙ୍କର ଦେଢ଼ ବର୍ଷର ପୁଅ ରହିଛି । ସିଲୁଙ୍କ ମୃତ୍ୟୁକୁ ନେଇ ମଙ୍ଗଳପୁର ବଜାରକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା ।

ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ,ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ,ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ,ପୂର୍ବତନ ସରପଞ୍ଚ ଶିଶିର ଧଳ,କନିକାପଡା ସରପଞ୍ଚ ପ୍ରଦୀପ ଯେନା,ପାଳଟପୁର ସରପଞ୍ଚ ଲିପିକା ମଲ୍ଲିକ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା ପ୍ରମୁଖ ଏହି ଦୁଃଖଦ ଘଟଣାରେ ଗଭୀର ଶୋକବ୍ୟକ୍ତ କରିଥିଲେ ।

# ଗୋରୁ ଗାଡି ଜବତ

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ସାମୁଦ୍ରିକ ପୋଲିସ ଗତକାଲି ରାତ୍ରିରେ ପାଟ୍ରୋଲିଙ୍ଗ ବେଳେ ପିତାପାଟ ଠାରେ ବେଆଇନ ଗୋରୁ ଚାଲାଣ ଗାଡି ଜବତ କରିଥିବାର ଜଣାପଡିଛି । ୧୦ଗୋରୁ ଭର୍ତ୍ତି ପିକଅପ ଗାଡ଼ି ଜବତ କରି ପୋଲିସ କେଶ ନଂ ୯୪/୨୬ମୂଳେ ମାମଲା ରୁଜୁ କରି ଜବତ ଗୋରୁ ଗୁଡିକ ରାଜନଗର ଗୋଶାଳାକୁ ପଠାଇଥିବାର ଜଣାପଡିଛି ।

# ମାଆର ହ୍ୱିଲ ଚେୟାର ଛାଡି ଚୈତନ୍ୟ ନିଖୋଜ

ସାଲେପୁର, (ସବ୍ୟୁ) : ପୁଅକୁ ଖୋଜିଖୋଜି ବାପା ମା ଆଖିରୁ ଲୁହ ଶୁଖି ଗଲାଣି । ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ବ୍ଲକ ପାଗା ଫାଣ୍ଡି ଅନ୍ତର୍ଗତ ମହାଜନପୁର ଗାଁରେ। ମହାଜନପୁର ଗ୍ରାମର ଜୟୀରାମ ନାଥ ନିଜର ରୋଗଗ୍ରସ୍ତ ପତ୍ନୀକୁ କଟକ ବଡ ମେଡିକାଲ ନେଇଥିବା ବେଳେ ସାଙ୍ଗରେ ପୁଅ ଚୈତନ୍ୟ ନାଥ ଯାଇଥିଲେ। ମେଡିକାଲରେ ମାଆର ହୁଇଲ ଚ୍ୟାର ପାଖରେ ଠିଆ ହୋଇଥଲା ବେଳେ କେହି ଜଣେ ଅଜଣା ବ୍ୟକ୍ତି ଚୈତନ୍ୟଙ୍କୁ କୌଣସି ଏକ ଜିନିଷ କିଣିବାକୁ ଦୋକାନକୁ ପଠାଇଥିଲେ। ହେଲେ ଅନେକ ସମୟ ବିତି ଯାଇଥିଲେ ସୁଦ୍ଧା ପୁଅ ଆଉ ରୋଗାଗ୍ରସ୍ତ ମା ପାଖକୁ ଫେରି ନଥିଲେ। ବହୁ ଖୋଜା ଖୋଜି ପରେ ବାପା ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ସହ ଜଗତପୁର ଥାନା ଓ ପାଗା ଫାଣ୍ଡିରେ ମଧ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଖୋଜା ଖୋଜି ଜାରି ରଖିଥିବାବେଳେ ଚୈତନ୍ୟ କୌଣସି ପତ୍ତା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏପଟେ ପୁଅକୁ ନ ପାଇ ବାପା ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନିରାଶ ହୋଇଛନ୍ତି । ହେଲେ ପୁଅର କୌଣସି ସନ୍ଧାନ ମିଳୁନାହିଁ।ବାପା ଓ ରୋଗାଗ୍ରସ୍ତ ମାଆ ଆଖିରୁ ବୋହି ଚାଲିଛି ଲୁହ । ଭାଙ୍ଗି ପଡିଛନ୍ତି ପୁରା ପରିବାର। ଚୈତନ୍ୟଙ୍କୁ ଖୋଜିଆଣି ଦେବାକୁ ବାପମା ପୋଲିସକୁ ପାଖରେ କାକୁତି ମିନତୀ ହେଉଛନ୍ତି ।

# କଟକ-ଚାନ୍ଦବାଲି ରାସ୍ତାରେ ସିରିଜ ଦୁର୍ଘଟଣା, ୭ଜଣ ଗୁରୁତର

ସାଲେପୁର ,(ସବ୍ୟୁ) : କଟକ-ଚାନ୍ଦବାଲି ରାସ୍ତାରେ ସିରିଜ ଦୁର୍ଘଟଣା ଘଟି ୭ଜଣ ଗୁରୁତର ହୋଇଛନ୍ତି । କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ଥାନା ଅନ୍ତର୍ଗତ ପିରବଜାର, ନୃସିଂହ ବଜାର ଓ ପାଗା ବଜାରରେ ଜଣେ ଏସ.ୟୁ.ଭି ଗାଡି ଚାଳକ ବେପରୁଆ ଭାବେ ଗାଡି ଚଲାଇ ସିରିଜ ଦୁର୍ଘଟଣା ଘଟାଇଛି । ଏହି ଦୁର୍ଘଟଣାରେ ୭ଜଣ ଗୁରୁତର ହୋଇଛନ୍ତି ।ପ୍ରକାଶ ଥାଉକି ଦ୍ରୁତଗତିରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏସ.ୟୁ.ଭି ଗାଡିଟି ପ୍ରଥମେ ଦୁଇଟି ବାଇକକୁ ଧକ୍କା ଦେଇଥିଲା । ପରେ ପୁଣି ଗୋଟିଏ ପରେ ଗୋଟିଏ ଅଟୋକୁ ଧକ୍କା ଦେବା ଫଳରେ ୭ଜଣ ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଓ ପାଗା ଫାଣ୍ଡି ପୋଲିସ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି । ପାଗା ଛକରେ ଦୁର୍ଘଟଣା ଗ୍ରସ୍ତ ଏସ.ୟୁ.ଭି ଗାଡିକୁ ପାଗା ଫାଣ୍ଡି ପୋଲିସ ଜବତ କରି ତଦନ୍ତ ଚଳାଇଛି ।

# 'ମହିଳା ସଶକ୍ତିକରଣର ଉଦାହରଣ ସ୍ୱର୍ଗତା ପ୍ରତିଭା ମହାନ୍ତି'



ବ୍ୟାସନଗର, (ଜିପ୍ର): ବ୍ୟାସନଗର ପୌରପାଳିକାର ପ୍ରଥମ ମହିଳା କାଉନସିଲର ସ୍ୱର୍ଗତା ପ୍ରତିଭା ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଯାଜପୁର ରୋଡ ସିଭିଲ ସୋସାଇଟି ତରଫରୁ ଶ୍ରଦ୍ଧାଞ୍ଜଳି ସଭା ସହ ଆଲୋଚନା ଏବଂ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇ ପ୍ରତିଭା ମହାନ୍ତି ଖାଲି ବ୍ୟାସନଗର ମହିଳା ସଶକ୍ତ କରଣ ଉଦ୍‌ାହରଣ ନୁହନ୍ତି ବରଂ ଯାଜପୁର ଜିଲ୍ଲାର ଅନନ୍ୟ ପ୍ରତିଭା ବୋଲି ପ୍ରକାଶ କରିଥିଲେ। ୬୨ବର୍ଷ ପୂର୍ବରୁ ୧୯୬୪ ମସିହାରେ ସେ ପ୍ରଥମ ଥର ୨୮ବର୍ଷରେ ମହିଳା କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ । ବିଶିଷ୍ଟ ଓକିଲ ରାଜନୀତିଜ୍ଞ ଓ ସମାଜସେବୀ ସ୍ୱର୍ଗତ ଶଶିଭୂଷଣ ମହାନ୍ତିଙ୍କ ପତ୍ନୀ ସ୍ୱର୍ଗତାଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ଆୟୋଜନ କରିଥିବାରୁ ସିଭିଲ ସୋସାଇଟର ଭୂୟସୀ ପ୍ରଂଶସା କରିଥିଲେ।

ମୁଖ୍ୟବକ୍ତା ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗ ଦେଇ ସ୍ୱର୍ଗତା ପ୍ରତିଭା ମହାନ୍ତିଙ୍କ ସହିତ ତାଙ୍କର ସମ୍ପର୍କ ଏବଂ ତାଙ୍କର ବ୍ୟବହାର ଓ ଆଚରଣ ଉପରେ ଆଲୋକ ପାତ କରିଥିଲେ। ଶଶୀଭୂଷଣ ଆରମ୍ଭ କରିଥିବା ସହରର ଶିକ୍ଷାନୁଷ୍ଠାନ ଶଶୀଭୂଷଣ ବାଳିକା ବିଦ୍ୟାଳୟ, ବ୍ୟାସନଗର କଲେଜ, ବ୍ୟାସନଗର ସବୁଜ ସଂଘ, ବସ୍‌ଷ୍ଟାଣ୍ଡ କାଳୀପୂଜା କମିଟି ଏହିପରି ବିଭିନ୍ନ ଅନୁଷ୍ଠାନକୁ ସେ ରୂପରେଖ ଦେବାରେ ପ୍ରଚେଷ୍ଟା କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ପୌରଧକ୍ଷ ତଥା ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ପୂର୍ବତନ ପୌର ଅଧକ୍ଷା ବନ୍ଦିତା ପରିଡ଼ା, ପୂର୍ବତନ ପୌର ଅଧକ୍ଷା ସବିତା ରାଉତ୍, ପୂର୍ବତନ କାଉନସିଲର ପ୍ରଫୁଲ୍ଲ କୁମାର ନାୟକ, ନବଉତ୍କଳ ମହିଳା ସମିତିର ସମ୍ପାଦିକା ଜୟନ୍ତୀ ଜେନା ପ୍ରମୁଖ ସ୍ୱର୍ଗତା ମହାନ୍ତିଙ୍କ ବ୍ୟାସନଗରକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଟିକସ ଓକିଲ ସଙ୍ଘର ସମ୍ପାଦକ ଧନେଶ୍ୱର ବାରିକ୍ ଅତିଥି ପରିଚୟ, ପୁତ୍ର ତଥା ବିଜେପି ନେତା ସତ୍ୟ ନାରାୟଣ ମହାନ୍ତି ତାଙ୍କର ତ୍ୟାଗମୟ ତଥା ସଂଘର୍ଷ ପୂର୍ଣ୍ଣ ଜୀବନୀ ଉପରେ ବିବରଣୀ ରଖିଥିଲେ। ଅଧ୍ୟାପିକା ପୁଷ୍ପଲତା ଜେନା ଓ ତାଙ୍କ ସାନ ଝିଅ ଇତିଶ୍ରୀ ମହାନ୍ତି କବିତା ପାଠ କରିଥିଲେ। ପୂର୍ବତନ କାଉନସିଲର୍ ଅଶୋକ ରାଉତଙ୍କ ସହଧର୍ମିଣୀ ନଳିନୀପ୍ରଭା ରାଉତ, ପୂର୍ବତନ ପୁଲିସ ଅଫିସର ପ୍ରତାପ ସାମଲଙ୍କ ପତ୍ନୀ ଶ୍ରୀମତୀ ସାମଲ, ବିଶିଷ୍ଟ ଆଇନଜୀବୀ ମଦନ ମୋହନ ସ୍ୱାଇଁଙ୍କ ଝିଅ ମଧୁସ୍ମିତା ଦାସ୍‌ଙ୍କ ସହିତ ବିଭିନ୍ନ ସ୍କୁଲ୍ ପ୍ରତିଷ୍ଠା କରିଥିବା ମହିଳା ବଯାସପବ୍ଲିକ ସ୍କୁଲ୍‌ର ଉଷାମଞ୍ଜରୀ ସାହୁ, ନୃତ୍ୟୟନା ସ୍କୁଲ୍‌ର ସାଗରିକା ନାୟକ, କେମ୍ବ୍ରିଜ ସ୍କୁଲ୍‌ର ପ୍ରୀତି ଚୌରାଶିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟତ୍ରୀ ରଞ୍ଜିତା ପଟ୍ଟନାୟକ, ମହିଳା ଓକିଲ ଗୀତାରାଣୀ ପରିଡ଼ା, ହେମାଙ୍ଗିନି ମହାନ୍ତି, କାଉନସିଲର୍ ରଶ୍ମିତା ରାଉତ, ଇନସୁରାନ୍ସ ପ୍ରତିନିଧୀ ନିବେଦିତା ଶର୍ମା ଏବଂ ସ୍ୱର୍ଗତା ମହାନ୍ତିଙ୍କ ଭାଇ ପୂର୍ବତନ ପୁଲିସ କମାଂଟଣ୍ଡ ପ୍ରସନ୍ନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସସ୍ମିତା ସ୍ୱାଇଁ ମଂଚ ଆମନ୍ତ୍ରଣ କରିଥିଲା ବେଳେ ଜିଲ୍ଲା ଲେଖିକା ସଂସଦର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ସୁନା ଦୋକାନରୁ ଚୋରି ଘଟଣା: ପୋଲିସ ହାତଖାଲି

ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ଏକ ମୁଖ୍ୟ ବ୍ୟବସାୟୀକ ପେଣ୍ଠ ଚଣ୍ଡିଖୋଲ ବଜାରରେ ଦିନକୁ ଦିନ ଚୋରୀ ଡକାୟତି ସହିତ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କଳାପ ବଢି ଚାଲିଥିଲେ ମଧ ତାହାକୁ ରୋକିବାରେ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନିଏଇ କିଛିଦିନ ମଧରେ ଚଣ୍ଡିଖୋଲ ବଜାରର ଦୁଇଟି ସୁନା ଦୋକାନରୁ ଲକ୍ଷାଧିକ ଟଙ୍କାର ଗହଣା ଓ ଟଙ୍କା ଚୋରୀ ହୋଇଯାଇଛି। କ୍ଷତିଗ୍ରସ୍ତ ଦୁଇ ସୁନା ଦୋକାନିଙ୍କ ସହ ଅଞ୍ଚଳବାସୀ ଏହି ଘଟଣାରେ ପୋଲିସର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଥିଲେ ମଧ ଅଦ୍ୟାବଧି ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିବା ବା ଚୋରି ସାମଗ୍ରୀ ଉଦ୍ଧାର କରିପାନାହିଁ ଯାହାକୁ ନେଇ ସ୍ଥାନୀୟ ଥାନା ଓ ଫାଣ୍ଡି ପୋଲିସର ଅପାରଗତା ପଦାରେ ପଡିଛି। ଚଣ୍ଡିଖୋଲ ବଜାରର ଓଁ ମା ବାସନ୍ତୀ ଗହଣା ଦୋକାନର ସଟର ଗ୍ରିଲ ଭଙ୍ଗି ଗତ ମେମାସ ୧୯ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣାର ପ୍ରାୟ ୧୫ ଦିନ ପୂର୍ବରୁ ଚଣ୍ଡିଖୋଲର ମହାଲକ୍ଷ୍ମୀ ସୁନା ଦୋକାନରୁ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ମଧ ଚୋରି ହୋଇଥିଲା। ମା ବାସନ୍ତି ସୁନା ଦୋକାନ ମାଲିକ ବାଲିଚନ୍ଦ୍ରପୁରର ଅଞ୍ଚଳର ବିଜୟକୁମାର ସାହୁଙ୍କ ଏବଂ ମହାଲକ୍ଷ୍ମୀ ସୁନାଦୋକାନ ମାଲିକ ଚଣ୍ଡିଖୋଲ ଫାଣ୍ଡି ଓ ବଡଚଣା ଥାନାରେ ଏନେଇ ଏତଲା ଦେଇଥିଲେ।ଏ ସମ୍ପର୍କରେ ପୋଲିସ ଏତଲା ପଞ୍ଜିକରଣ କରି ଥିଲା।ହେଲେ ଅଦ୍ୟାବଧି ତଦନ୍ତ ଆଗେଇ ପାରୁ ନଥିବା ଅଭିଯୋଗ ହୋଇଛି। ପ୍ରଥମ ସୁନା ଦୋକାନ ଚୋରି ପରେ ପୋଲିସ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ବା ରାତ୍ର ପାଟ୍ରୋଲିଂକୁ କଡାକଡି କରିଥାନ୍ତା ତେବେ ହୁଏତ ଦ୍ୱିତୀୟ ଘଟଣା ଘଟାଇବାକୁ ଦୁର୍ବୃତ୍ତ ମାନେ ସାହସ ପାଇପାର଼ି ନଥାନ୍ତେ ବୋଲି ଆଲୋଚନା ହେଉଛି।

ହେଲେ ପୋଲିସ ସଚେତନ ନହେବା ଫଳରେ ଚଣ୍ଡିଖୋଲ ବଜାରରେ ଗୋଟିଏ ପଲେ ଗୋଟିଏ ଘଟଣା ଘଟୁଥିବା ଆଲୋଚନା ହେଉଛି।ତେବେ ଚୋରଙ୍କୁ ଠାବ କରିବା ପାଇଁ ଉପଯୁକ୍ତ ବୈଷୟିକ ଦକ୍ଷତା ସମ୍ପର୍ଣ୍ଣ ଅଧିକାରୀ ଓ ଭିତିଭୂମି ଅଭାବ ଆଳକରି ସ୍ଥାନୀୟ ପୋଲିସ ଏହିସବୁ ଘଟଣାରେ ତଦନ୍ତକୁ ଆଗେଇ ନେଇପାରୁ ନଥିବା ଆଲୋଚନା ହେଉଛି। କେବଳ ଏହି ଦୁଇ ଚୋରି ଘଟଣା ନୁହେଁ ଗତ କିଛି ଦିନ ହେବ ଚଣ୍ଡିଖୋଲ ଓ ବଡ଼ଚଣା ଥାନା ଅଞ୍ଚଳରେ ଛିନତାଇ,ଲୁଟ,ମୋଟର ସାଇକେଲ ଚୋରି, ବ୍ରାଉନ ସୁଗାର କାରବାର,ଚୋରା ମଦ,ଗଞ୍ଜେଇ କାରବାର ସାଙ୍ଗକୁ ଏଠାରେ ଚୋରା ବନ୍ଧୁକ କାରାର ବୃଦ୍ଧି ପାଇବାରେ ଲାଗିଛି। ବାହାର ରାଜ୍ୟର ସଂଦିଗ୍ଧମାନେ ଏଠାରେ ଅସ୍ଥାୟୀ ଭାବେ ରହି ସେମାନଙ୍କ ସାମ୍ରାଜ୍ୟ ବୃଦ୍ଧି କରିଚାଲିଛନ୍ତିସହି ସଂଦିଗ୍ଧ ମାନଙ୍କ ସହିତ ସ୍ଥାନୀୟ ଅସାମାଜିକ ମାନେ ସାମିଲ ହୋଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଥିବା ଦୋକାନ ବଜାରରେ ଓ ଚା ଖଟିରେ ଆଲୋଚନା ହେଉଥିଲେ ମଧ୍ୟ ସ୍ଥାନୀୟ ପୋଲିସକୁ ଏ ଖବର କିପରି ମିଳିପାରୁନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।ଚଣ୍ଡିଖୋଲ ବଜାରରେ ଅପରାଧୀ ମାନେ ଖୁଲମ ଖୁଲା ବୁଲିବା ସହ ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଚୋରୀ ଓ ଅପରାଧ ଘଟାଇ ଚାଲିଛନ୍ତି।

ହେଲେ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି।ସମଗ୍ର ଅଞ୍ଚଳରେ ପରିସ୍ଥିତି ଅଧିକ ବିଗିଡିବା ପୂର୍ବରୁ ଜିଲ୍ଲା ଓ ରାଜ୍ୟ ପୋଲିସ ପ୍ରଶାସନ ଏଥିପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି ।

# ବିଦ୍ୟୁତ ବିଭ୍ରାଟକୁ ନେଇ ବିଜେଡିର ୨୫ରେ ଆନ୍ଦୋଳନ



ନୟାଗଡ଼, (ସବ୍ୟୁ) : ନୟାଗଡ଼ ବିଜୁ ଜନତା ଦଳ ଆସନ୍ତା ୨୫ ତାରିଖ ଦିନ ଟିପିସିଓଡିଏଲ ବିଦ୍ୟୁତ କାର୍ଯ୍ୟାଳୟକୁ ଘେରାଓ କରିବ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଘନ ଘନ ବିଜୁଳି କାଟ ଜନସାଧାରଣଙ୍କ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଏଭଳି ଏକ କଠିନ ସମୟରେ ନୟାଗଡ଼ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଜୁଳି କଟିବା ଲୋକଙ୍କ ପାଇଁ ଦୁଃର୍ବିସହ ହୋଇଛି। ଲୋକଙ୍କ ସମସ୍ୟାକୁ ନେଇ ଆସନ୍ତା ୨୫ ତାରିଖରେ ବିଦ୍ୟୁ କାର୍ଯ୍ୟାଳୟକୁ ଘେରାଓ କରିବା ନେଇ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିଧାୟକ ସାହୁ ରାଜ୍ୟ ସରକାରଙ୍କ ଖାମଖିଆଲି ନୀତିକୁ ସମାଲୋଚନା କରି ଟାଟା ପାୱାର ସହ ରାଜ୍ୟ ସରକାରଙ୍କ ଭାଗବଣ୍ଟା ଚାଲିଥିବାରୁ ସରକାର ନିରବ ରହୁଥିବା ଅଭିଯୋଗ କରିଛନ୍ତି। ସରକାର ରାଜ୍ୟବାସୀଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଯୋଗାଇବାରେ ବିଫଳ ହୋଇଥିବା କହି ବିଧାୟକ ସାହୁ ନିରବଛିନ୍ନ ବିଦ୍ୟୁତ ଯୋଗାଣରେ ସରକାର ଫେଲ ମାରିଥିବା କହିଥିଲେ। ଏପରିକି ଟାଟା ପାୱାର ସ୍ମାର୍ଟ ମିଟର ବସାଇ ଗ୍ରାହକ ମାନଙ୍କୁ ଲୁଟ କରୁଥିଲେ ମଧ୍ୟ ସରକାରଙ୍କ ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବିଧାୟକ ସାହୁ କହିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ନୟାଗଡ଼ ବିଜେଡ଼ି ପକ୍ଷରୁ ଆନ୍ଦୋଳନ କରାଯିବା ନେଇ ବିଧାୟକ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାଷ କହଁର, ସରୋଜ ରଣସିଂହ, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ଏବଂ ବିଜେଡି ଛାତ୍ର ନେତା ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ହାଇୱା ଧକ୍କାରେ ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ କ୍ଷତି ପୂରଣ ଦାବିରେ ରାସ୍ତା ରୋକ

ନିମାପଡା,(ସବ୍ୟୁ): ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ନିମାପଡା-ପିପିଲି ରାସ୍ତାର ରଟିଲୋ ମହାବୀର ମନ୍ଦିର ନିକଟରେ ଏକ ଅଜଣା ହାଇୱା ଗାଡି ଧକ୍କାରେ ଜଣେ ଭିନ୍ନକ୍ଷମ ଯୁବକର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ରଟିଲୋ ବରୁଣେଇଛକର ନାରାୟଣ ମହାନ୍ତି(୩୦) । ମୃତ ଯୁବକଙ୍କ ପରିବାରକୁ କ୍ଷତିପୁରଣ ପ୍ରଦାନ ଦାବୀରେ ସ୍ଥାନୀୟ ଲୋକେ ରାତ୍ରରେ ରଟିଲୋ ଛକ ଠାରେ ୨ ଘଣ୍ଟା ଧରି ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ପ୍ରକାଶ ଯେ, ନାରାୟଣ ଶୁକ୍ରବାର ରାତ୍ରରେ ନିଜ ଭଉଣୀ ଘର ଦହିଜଙ୍ଗ ଗ୍ରାମରୁ ନିଜ ଘରକୁ ବାଇକରେ ଫେରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ ଅଜଣା ହାଇୱା ଗାଡି ମହାବୀର ମନ୍ଦିର ନିକଟରେ ତାଙ୍କ ବାଇକକୁ ଧକ୍କାଦେଇ ଦ୍ରୁତ ଗତିରେ ପଳାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତକ ପରିବାରକୁ କ୍ଷତିପୂରଣ ଦାବୀ କରି ସ୍ଥାନୀୟ ଗ୍ରାମବାସୀ ରାତ୍ରରେ ରଟିଲୋ ଛକ ଠାରେ ରାସ୍ତାରୋକ କରିଥିଲେ । ଖବରପାଇ ଘଟଣା ସ୍ଥଳକୁ ନିମାପଡା ପୁଲିସ ପଂହଚି ତହସିଲଦାରଙ୍କ ସହିତ ଯୋଗାଯୋଗ କରି ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ ସାଙ୍ଗକୁ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରାଯିବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା । ଥାନାରେ ମୃତକର ଭାଇଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ନାରାୟଣ ଜଣେ ଭିନ୍ନକ୍ଷମ ସେ କଥା କହି ପାରନ୍ତିନି ।

# ଜବରଦଖଲ ଉଚ୍ଛେଦ ପରେ ବାସହରା ରବି ସ୍ୱାଇଁ



ଭାପୁର, (ସବ୍ୟୁ): ପ୍ରଶାସନ ତରଫରୁ ଶୁକ୍ରବାର ଦିନ ଜବରଦଖଲ ଉଚ୍ଛେଦ ପରେ ଫତେଗଡ ଗ୍ରାମର ରବିସ୍ୱାଇଁ ବାସହରା ହୋଇପଡିଛନ୍ତି। ଏପରିକି ପେଟକୁ ମୁଠେ ଖାଇବା ପାଇଁ ଉଦୁଉଦିଆ ଦ୍ୱିପ୍ରହର ଗଛମୂଳରେ ରୋଷେଇ କରୁଥିବା ହୃଦୟ ବିଦାରକ ଘଟଣା ସମସ୍ତଙ୍କୁ ଚକିତ କରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଅସହାୟମାନଙ୍କ କୋଟି କୋଟି ଟଙ୍କା ବିଭିନ୍ନ ଯୋଜନାରେ ବ୍ୟୟବରାଦ କରୁଛନ୍ତି। ତହସିଲ ପ୍ରଶାସନ ତରଫରୁ ଶୁକ୍ରବାରଦିନ ଫତେଗଡ ବଜାର ଉଚ୍ଛେଦ ବେଳେ ଫତେଗଡ ଗ୍ରାମର ରବି ସ୍ୱାଇଁଙ୍କ ମାଟିଘର ମାଟିରେ ମିଶିଯାଇଛି। ରବି ସ୍ୱାଇଁ ଜଣେ ଭୂମିହୀନ ବ୍ୟକ୍ତି ଅଟନ୍ତି। ହେଲେ ତାଙ୍କୁ ଥଇଥାନ ନକରି ଘର ଭାଙ୍ଗି ମାଟିରେ ମିଶେଇ ଦେଇଛନ୍ତି।ରବି ସ୍ୱାଇଁ ଦୀର୍ଘ ୫୦ ବର୍ଷ ଧରି ଫତେଗଡ ସହ ଜଡିତ ରହିଆସିଛନ୍ତି । ବଜାର ସମ୍ପ୍ରସାରଣ କାର୍ଯ୍ୟ ସମୟରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭଙ୍ଗି ଯାଇଥିବାରୁ ସେ ଅସହାୟ ପରିସ୍ଥିତିରେ ପହଞ୍ଚିଛନ୍ତି । ଉଦୁଉଦିଆ ଦ୍ୱିପ୍ରହର ନିଜ ପୁଅ ଓ ନିଜେ ଖାଇବା ପାଇଁ ଭୋକ ବିକଳରେ ଏକ ଗଛମୂଳରେ ଭାତ ରାନ୍ଧୁଥିବା ପୋଲିସ କର୍ମଚାରୀ ଓ ଦେଖାଣାହାରୀ ଜନସାଧାରଣ ଦେଖି ଚକିତ ହୋଇ ପଡିଥିଲେ। ଶ୍ରୀ ସ୍ୱାଇଁ ଭୂମିହୀନ ହେତୁ ରାଜ୍ୟ ସରକାରଙ୍କୁ ତାଙ୍କ ପାଇଁ ୩ ଡିସିମିଲ ଜମି ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

# ଯୁବ ସାମ୍ବାଦିକ ମାନସ ପ୍ରଧାନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର



ଟାଙ୍ଗୀ,(ସବ୍ୟୁ): ରାଜ୍ୟସ୍ତରୀୟ ଜୈବବିବିଧତା ପୁରସ୍କାର ପାଇଲେ ଯୁବ ସାମ୍ବାଦିକ ମାନସ ପ୍ରଧାନ। ଶ୍ରୀ ପ୍ରଧାନ ହେଉଛନ୍ତି ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ଓ ଟାଙ୍ଗୀ ବ୍ଲକ ଅଧିନସ୍ଥ ପରିବେଶ ପର୍ଯ୍ୟଟନ ମାନ୍ୟତା ପ୍ରାପ୍ତ ବିହଙ୍ଗ ବିହାର ମଙ୍ଗଳାଯୋଡିର ସ୍ଥାୟୀ ବାସିନ୍ଦା। ନିଜ ଜନ୍ମମାଟି ମଙ୍ଗଳାଯୋଡିର ସାମୁହିକ ବିକାଶ ବିଶେଷ କରି ମଙ୍ଗଳାଯୋଡି ଆର୍ଦ୍ର ଭୂମି ଓ ବିଦେଶାଗତ ଅତିଥି ପକ୍ଷୀ ମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପିତା ଦୁଃଖିଶ୍ୟାମ ପ୍ରଧାନ ଜଣେ ଅବସର ପ୍ରାପ୍ତ ଶିକ୍ଷକ ଓ ମା ଅନୀତା ପ୍ରଧାନ ଜଣେ ସ୍ୱେଚ୍ଛାସେବୀ ରୂପେ ପରିଣତ ବୟସରେ ଏବେ ବି କାର୍ଯ୍ୟରତ ଅଛନ୍ତି। ଆଜି ଆନ୍ତର୍ଜାତୀୟ ଜୈବବିବିଧତା ଦିବସ ଉପଲକ୍ଷେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲା ବେଳେ ଏହି ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା,ଓଡିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ କେ. ମୁରୁଗେଶନ, ବିଭାଗୀୟ ନିର୍ଦ୍ଦେଶକ ଡ଼ଃ କେ. ଏସ. ପ୍ରଦୀପ ଓ ଓଡିଶା ଜୈବବିବିଧତା ବୋର୍ଡ ମେମ୍ବର ସେକ୍ରେଟାରୀ ଡ଼ଃ ନିହାର ରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜୈବବିବିଧତା ଉପରେ ଆଲୋକପାତ କରି ଏହାର ସୁରକ୍ଷା ଓ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।ପରିଶେଷରେ ଶ୍ରୀ ପ୍ରଧାନଙ୍କୁ ଜୈବବିବିଧତା ପ୍ରମାଣପତ୍ର ସହିତ ୧୮ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।ଏହି ଅବସରରେ ଏହି କାର୍ଯ୍ୟ ପାଇଁ ତାଙ୍କୁ ଉତ୍ସାହିତ କରିଥିବା ହେତୁ ମାନସ ବୈଜ୍ଞାନିକ ଡ଼ଃ ନିହାର ରଞ୍ଜନ ନାୟକ, ସତ୍ୟ ରଞ୍ଜନ ବେହେରା ଙ୍କ ସହିତ ବୋର୍ଡର ସମସ୍ତ ବୈଜ୍ଞାନିକ ଏବଂ ଚିଲିକା ବନ୍ୟ ପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସମ୍ମାନ ପାଇଥିବା ଯୋଗୁଁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଶ୍ରୀ ପ୍ରଧାନଙ୍କୁ ଅଭିନନ୍ଦିତ କରିଛନ୍ତି।

# କଳାକୃତି ପ୍ରଦର୍ଶନ କଲେ କଂସା, ପିତ୍ତଳ ଶିଳ୍ପୀ ପବିତ୍ର



କଣ୍ଟିଲୋ,(ସବ୍ୟୁ):କ୍ରାଫ୍ଟ କାଉନସିଲ ଅଫ ଓଡିଶା, ଭୁବନେଶ୍ୱର ପକ୍ଷରୁ କାରିଗର ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ପ୍ରଦର୍ଶନୀ ରେ କଣ୍ଟିଲୋ ମାଧବଚୌଧୁରୀ ପାଟଣା ର ବିଶିଷ୍ଟ କଂସା ପିତ୍ତଳ ଶିଳ୍ପୀ ପବିତ୍ର ମହାରଣା ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି।ଖାରବେଳ ନଗର ଠାରେ ଗତ ଏକ ମାସ ଧରି ବିଭିନ୍ନ କଳାକୃତି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ରାଷ୍ଟ୍ରୀୟ ପୁରସ୍କାର ସମ୍ମାନ ପାଇଥିବା ରାଜ୍ୟର ବଛା ବଛା ୫ଜଣ କଳାକାର ନିଜ କଳାକୃତି ପ୍ରଦର୍ଶନ କରିଥିଲେ।ତନ୍ମଧ୍ୟରୁ ପବିତ୍ର ଗତ ୧୧ତାରିଖ ରୁ ୧୭ପର୍ଯ୍ୟନ୍ତ ନିଜ କଂସା ପିତ୍ତଳ ଖୋଦେଇ ର ବିଭିନ୍ନ ପଟ୍ଟଚିତ୍ର ପ୍ରଦର୍ଶନ କରି ପ୍ରଶଂସାଭାଜନ ହୋଇଛନ୍ତି।ପବିତ୍ର ଜଣେ ଉଚ୍ଚକୋଟୀର କଂସା ପିତ୍ତଳ ଶିଳ୍ପୀ ଭାବେ ରାଷ୍ଟ୍ରୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ହାତେଇଛନ୍ତି।ବିଲୁପ୍ତ ପ୍ରାୟ କଣ୍ଟିଲୋର କଂସା ପିତ୍ତଳ ଶିଳ୍ପର ପରିଚୟ ଉଜ୍ଜୀବିତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ନନ୍ଦନକାନନରେ ଜୈବିକ ବିବିଧତା ଅନ୍ତର୍ଜାତୀୟ ଦିବସ ପାଳିତ

ବାରଙ୍ଗ, (ସବ୍ୟୁ): ଜୈବିକ ବିବିଧତା ଅନ୍ତର୍ଜାତୀୟ ଦିବସ' ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନର ଅଞ୍ଚଳକୁ କଭର କରି ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାୟୋବ୍ଲିଟ୍ଜ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ଜୈବିକ ବିବିଧତା ପାଇଁ ୨୪ ଘଣ୍ଟିଆ ଏକ ଡକ୍ୟୁମେଣ୍ଟେସନ ଇଭେଣ୍ଟ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୬ ଟି ବିଭିନ୍ନ ପ୍ରତିଷ୍ଠାନର ପ୍ରାୟ ୭୦ ଜଣ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଥିଲେ । ଛାତ୍ର, ଗବେଷକ, ବନ୍ୟପ୍ରାଣୀ ଉତ୍ସାହୀ, ବିଭିନ୍ନ କ୍ଷେତ୍ରର ବ୍ୟକ୍ତି ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର କର୍ମଚାରୀ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ କ୍ୟାମେରା ଟ୍ରାପ, ଇବର୍ଡ, ମର୍ଲିନ ଏବଂ ଆଇନାଚ୍ୟୁରାଲିଷ୍ଟ ଭଳି ନାଗରିକ ବିଜ୍ଞାନ ଆପ ଏବଂ ଏୖଗ ଡିଭାଇସ ବ୍ୟବହାର କରାଯାଇଥିଲା। ଯାହା ଦ୍ୱାରା ଅଭୟାରଣ୍ୟରେ ଜୈବିକ ବିବିଧତା ଚିହ୍ନଟର ସଠିକତା ବୃଦ୍ଧି କରାଯାଇଥିଲା । ଏହି ସମୟରେ, ଅଂଶ ଗ୍ରହଣକାରୀମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇଥିଲା ଏବଂ ଯଥାସମ୍ଭବ ଅଧିକ ଜୀବଜଗତର ଡକ୍ୟୁମେଣ୍ଟେସନ କରିବା ପାଇଁ ଅଭୟାରଣ୍ୟରେ ସର୍ଭେ କରାଯାଇଥିଲା। ଗୋଟିଏ ଗୋଟିଏ ଦଳ ପକ୍ଷୀ, କୀଟପତଙ୍ଗ, ସରୀସୃପ, ଉଭୟଚର ପ୍ରାଣୀ, ସ୍ତନ୍ୟପାୟୀ ପ୍ରାଣୀ, କବକ ଏବଂ ଉଦ୍ଭିଦ ସମେତ ବିଭିନ୍ନ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ରେକର୍ଡ କରିଥିଲେ। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଜୈବ ବିବିଧତା ସଚେତନତା, ବୈଜ୍ଞାନିକ ପର୍ଯ୍ୟବେକ୍ଷଣ, ଦଳଗତ କାର୍ଯ୍ୟ ଏବଂ ନାଗରିକ ବିଜ୍ଞାନ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲା ଏବଂ ଅଭୟାରଣ୍ୟ ଅଞ୍ଚଳରୁ ମୂଲ୍ୟବାନ ଜୈବ ବିବିଧତା ରେକର୍ଡ ପ୍ରଦାନ କରିଥିଲା।

# ଶାଶୂଘରୁ ନବବଧୂର ଝୁଲନ୍ତା ମୃତଦେହ ଉଦ୍ଧାର



କୁହୁଡ଼ି, (ସବ୍ୟୁ): ନବବଧୂର ପାଦରୁ ଅଳତା ଓ ହାତରୁ ମେହେନ୍ଦି ଏବଂ କାନ୍ଥରୁ ଲିଭି ନାହିଁ ବିବାହ ଲେଖା , ହେଲେ ଏସବୁ ଲିଭିବା ପୂର୍ବରୁ ନବବଧୂଙ୍କର ଜୀବନ ଦୀପ ଲିଭି ଯାଇଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ତରାପି ଗାଁରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶାଶୂଘରୁ ମିଳିଛି । ତାଙ୍କ ଶାଶୂଘର ଲୋକେ ମାରିଦେବା ପରେ ଫ୍ୟାନରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୁଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତ ମହିଳାଙ୍କ ନାଁ ପୂର୍ଣ୍ଣିମା ପ୍ରଧାନ। ମାତ୍ର ୨୫ ଦିନ ତଳେ ଅଥାତ ଗତ ୨୭ ତାରିଖରେ ସେ ବାହା ହୋଇଥିଲେ। ଶୁକ୍ରବାର ରାତିରେ ପୂର୍ଣ୍ଣିମାଙ୍କ ଶାଶୂ ଘର ଲୋକେ ତାଙ୍କ ବାପ ଘରକୁ ଫୋନ କରି କହିଥିଲେ ଯେ ସେ ଆତ୍ମହତ୍ୟା କରିଛନ୍ତି। ଏହା ଶୁଣି ପୂର୍ଣ୍ଣିମାଙ୍କ ବାପଘର ଲୋକେ ତାଙ୍କ ଶାଶୂ ଘରେ ପହଞ୍ଚିଥିଲେ। ତା' ସହିତ ପୁଲିସକୁ ଖବର ଦେଇଥିଲେ। ପୂର୍ଣ୍ଣିମାଙ୍କ ମୃତଦେହ ଫ୍ୟାନରେ ଝୁଲି ରହିଥିଲା। ଏକ ପ୍ଲାଷ୍ଟିକ ଦଉ ତାଙ୍କ ବେକକୁ ବନ୍ଧା ଯାଇଥିଲା। ତାଙ୍କ ପାଦ ବେଡ୍ରେ ଲାଗୁଥିଲା।ପୁଲିସ ଆଜି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରେ ଯାଞ୍ଚ କରିଛି। ପୂର୍ଣ୍ଣିମାଙ୍କୁ ପିଟି ପିଟି ହତ୍ୟା କରିବା ପରେ ଫ୍ୟାନରେ ଝୁଲାଇ ଦିଆଯାଇଥିଲା ବୋଲି ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ତେବେ କେଉଁ କାରଣରୁ ସେମାନେ ତାଙ୍କୁ ହତ୍ୟା କରିଛନ୍ତି, ସେ ବିଷୟରେ ସେମାନେ ଏଫଆଇଆରରେ କିଛି ଉଲ୍ଲେଖ କରି ନଥିବା ଟାଙ୍ଗୀ ଥାନା ଆଇଆଇସି କହିଛନ୍ତି। ସେ କହିଛନ୍ତି ଯେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି । ସବୁ ଠିକ-ଠାକ ଥିଲା , ହେଲେ ନବବଧୂର ହଠାତ ଏଭଳି ମୃତ୍ୟୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ନବବଧୂ ମୃତ୍ୟୁ ପଛରେ କିଛି-ନା-କିଛି ରହସ୍ୟ ଲୁଚି ରହିବା ପରି ମନେ ହେଉଛି । ଏପଟେ ଅଭିଯୋଗକୁ ନେଇ ମୃତା ନବବଧୂ ପୂର୍ଣ୍ଣିମା ପ୍ରଧାନଙ୍କର ସ୍ୱାମୀ ଗୁରୁଚରଣ ତାରାଇକୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି

# କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ମାଗଣା ଓପିଡି ପରାମର୍ଶ ସେବା




ଭୁବନେଶ୍ୱର,(ସବ୍ୟୁ): କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ କ୍ୟାନସର ପୀଡ଼ିତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଗୁରୁବାର କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର କାର୍ଯ୍ୟାଳୟ ଠାରେ ଏକ ନୂତନ ପଦକ୍ଷେପ 'ମାଗଣା ଓପିଡି ପରାମର୍ଶ ସେବା' ର ଶୁଭାରମ୍ଭ କରାଯାଇଛି।ଏହି ଅଭିଯାନର ପ୍ରଥମ ଦିନରେ ଆଜି ମୋଟ ୬ ଜଣ ପୀଡ଼ିତ ସମ ଅର୍ଲ୍ଟିମେଟ ମେଡିକେୟାରର ରେଡିଏସନ ଓନକୋଲୋଜି ବିଭାଗର ମୁଖ୍ୟ ଡାକ୍ତର ଚିର ରଞ୍ଜନ ଖଡ଼ଗାଙ୍କ ଠାରୁ ପ୍ରତ୍ୟକ୍ଷ ଭାବେ ପରାମର୍ଶ ଗ୍ରହଣ କରିଛନ୍ତି। ଏହି ମାଗଣା ପରାମର୍ଶ ସେବା ପ୍ରତ୍ୟେକ ସପ୍ତାହର ଗୁରୁବାର ଦିନ ଜାରି ରହିବ। ଯାହାର ଉଦ୍ଦେଶ୍ୟ କ୍ୟାନ୍ସର ପୀଡ଼ିତଙ୍କୁ ଚିକିତ୍ସା ପର୍ଯ୍ୟାୟରେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିବା। ଚିକିତ୍ସା ପରବର୍ତ୍ତୀ ପର୍ଯ୍ୟାୟରେ ପୀଡ଼ିତଙ୍କର କିଭଳି ସଠିକ ଯତ୍ନ ଓ ସେବା କରାଯିବ, ସେ ବିଷୟରେ ସହାୟତା କରିବା।ପୀଡ଼ିତ ଓ ସେମାନଙ୍କ ପରିବାରକୁ ଆବଶ୍ୟକୀୟ ମାନସିକ ସହାୟତା ଏବଂ ଜରୁରୀ ଔଷଧ ଯୋଗାଇଦେବା।କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ସଦାସର୍ବଦା ସ୍ୱାସ୍ଥ୍ୟସେବା ମାଧ୍ୟମରେ କ୍ୟାନ୍ସର ସଚେତନତା ସୃଷ୍ଟି କରିବା ସହ ଲୋକଙ୍କ ପାଖରେ ଉତ୍ତମ ଚିକିତ୍ସାର ସୁବିଧା ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି ।ଏହି ମାଗଣା ଓପିଡି ସେବା ଆଗାମୀ ଦିନରେ ଅନେକ କ୍ୟାନ୍ସର ପୀଡ଼ିତ ଓ ସେମାନଙ୍କ ପରିବାର ପାଇଁ ଏକ ବଡ଼ ସହାୟତା ପ୍ରମାଣିତ ହେବ ବୋଲି ଆଶା କରାଯାଉଛି।ଅଧିକ ସୂଚନା ପାଇଁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର କାର୍ଯ୍ୟାଳୟ ସହ ଫୋନ ନଂ -୭୫୦୪୯୮୬୩୪୨, ୯୭୭୭୨୯୯୪୦୨ରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ବରିଷ୍ଠ ଶିକ୍ଷକ ପ୍ରହ୍ଲାଦ ସାହୁଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଧଳିପଙ୍ଗ (ହାଟସାହି) ଗ୍ରାମର ବରିଷ୍ଠ ଶିକ୍ଷକ ପ୍ରହ୍ଲାଦ ଚରଣ ସାହୁ(୭୫)ଙ୍କର ଗତ ଗୁରୁବାର ମଣିଜଙ୍ଗା ଚିକିତ୍ସାଳୟରେ ହୃଦ୍ଘାତଜନିତ କାରଣରୁ ବୟସରେ ପରଲୋକ ଘଟିଛି। ସେ ଜଣେ ମେଧାବୀ ଛାତ୍ର ଓ ନିଷ୍ଠାବାନ, କୃତୀ ଶିକ୍ଷକ ଭାବେ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ପରିବାର, ପୂର୍ବତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଅରବିନ୍ଦ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟରେ ପରିବାର ସଦସ୍ୟ, ଆତ୍ମୀୟ-ସ୍ୱଜନ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ।

# ଜଳଛତ୍ରରେ ଦହିପଣା ବଣ୍ଟନ

ବାଲିପାଟଣା ,(ସବ୍ୟୁ): ପ୍ରଚଣ୍ଡ ଖରା ର ପଥଚାରୀ ।ନଙ୍କ ଶୋଷ ମେଣ୍ଟାଇବାକୁ ସୋମବାର ପୂର୍ବାହ୍ନରେ ବନମାଳୀପୁର, ସରିପୁର ଛକ ଓ ଦୂର୍ଲଭା ଦେବୀ ମନ୍ଦିର ଠାରେ ତିନିଗୋଟି ଜଳଛତ୍ର କେନ୍ଦ୍ର ରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।ସମାଜସେବୀ ସୁବ୍ରତ ମହାନ୍ତିଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ଜଳଛତ୍ର କେନ୍ଦ୍ର ଗୁଡିକ ଆଗାମୀ ଦିନରେ ଖରା ଦିନ ଶେଷ ପର୍ଯ୍ୟନ୍ତ ଚାଲୁ ରହି ଦହିପଣା ବଣ୍ଟନ କରିବ ବୋଲି ସେ ସୂଚନା ଦେଇଛନ୍ତି।ବନମାଳୀପୁର ଠାରେ ସରପଞ୍ଚ ଲିଲିପ୍ରୀୟା ସାହୁ ଜଳ ବଣ୍ଟନ କେନ୍ଦ୍ର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ସାହୁ,ସୁଶାନ୍ତ ସାହୁ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ ଓ ଅରବିନ୍ଦ ସାହୁ ଉପସ୍ଥିତ ଥିଲେ।

# ବେଗୁନିଆ କାଚରା ଗାଁରେ ମିଳୁନି ପିଇବା ପାଣି

ବୋଲଗଡ଼ ,(ସବ୍ୟୁ) : ରାଜ୍ୟ ସରକାର 'ହର ଘର ଜଳ' ଏବଂ ମେଗା ପାନୀୟ ଜଳ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡିଣ୍ଡିମ ପିଟୁଥିବା ବେଳେ ଗ୍ରାଉଣ୍ଡ ଜିରୋରେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଭାଷଣରେ ପାନୀୟ ଜଳ ଯୋଗାଣ ଚାଲିଛି ସତ, ହେଲେ ବାସ୍ତବରେ ଲୋକଙ୍କ କଣ୍ଠ ଶୁଖିଲା ପଡ଼ିଛି। ଉହଡହ ଖରାରେ ପାଣି ଟୋପେ ପାଇଁ ଆଉଟୁପାଉଟୁ ହେଉଛନ୍ତି ଗ୍ରାମବାସୀ। ଖୋଦ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକରୁ ଆସିଛି ଏଭଳି ଏକ ଚିନ୍ତାଜନକ ଚିତ୍ର।ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତର କାଚରା ଗାଁ। ଏହି ଗାଁରେ ୨ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ରହିଛି ଏବଂ ସରକାରୀ ନିୟମ ଅନୁସାରେ ପ୍ରତି ଘର ଆଗରେ ଷ୍ଟାଣ୍ଡପୋଷ୍ଟ (ଟ୍ୟାପ) ମଧ୍ୟ ଲଗାଯାଇଛି। ହେଲେ ଦୁର୍ଭାଗ୍ୟର ବିଷୟ, ଏହି ଟ୍ୟାପ୍ରୁ ପାଣି ଟୋପେ ବି ବାହାରୁ ନାହିଁ। ପାଇପ ଫାଟି ଯାଇଥିବାରୁ ଦୀର୍ଘ ଦିନ ହେବ ଗାଁକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି, ଯାହାକୁ ନେଇ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏହି ଗାଁର କୂଅ ଏବଂ ପୋଖରୀ ସମ୍ପୂର୍ଣ୍ଣ ଶୁଖିଗଲାଣି। ପାଣି ଟୋପେ ପାଇଁ ମହିଳା ଓ ଶିଶୁମାନେ ଉହଳବିକଳ ହେଉଛନ୍ତି। ଟ୍ୟାଙ୍କର ପାଖରେ ଗରା, ବାଲଟିର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ପ୍ରଶାସନର ଅବହେଳା ଯୋଗୁଁ ସାଧାରଣ ଲୋକେ ଆଉଟୁ ପାଉଟୁ ହେଉଥିବାବେଳେ , ଗାଁର କିଛି ସେଚ୍ଛାସେବୀ ଯୁବକ ଏବେ ଆଗେଇ ଆସିଛନ୍ତି। ସେମାନେ ନିଜସ୍ୱଉଦ୍ୟମ ଓ ଖର୍ଚ୍ଚରେ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଉଛନ୍ତି।ଘର ଆଗରେ ପାଇପ ଲାଇନ ବିଛା ହୋଇଛି, ଟ୍ୟାପ ବି ଲାଗିଛି। ହେଲେ ସେଥିରେ ପାଣି ଆସୁନାହିଁ। ପ୍ରଶାସନକୁ ଜଣାଇଲେ ବି କେହି ଶୁଣୁନାହାନ୍ତି।

# ଜଳସେବା ଶିବିର ଉଦଘାଟିତ



ବାଲିଅନ୍ତା , (ସବ୍ୟୁ) :ବର୍ତମାନ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏହାକୁ ଦୃଷ୍ଟିରେ ରଖି ଏକାମ୍ର ତଥା ଜୟଦେବ ନିର୍ବାଚନମଣ୍ଡଳୀର ବିଶିଷ୍ଟ ସମାଜସେବୀ ସୁବ୍ରତ ମହାନ୍ତିଙ୍କ ନେତୃତ୍ୱରେ ଆଜି ଏକ ଜଳସେବା ଶିବିର ବାଳକାଟି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ନୂତନ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଉଦଘାଟିତ ହୋଇଯାଇଛି । ଆଧ୍ୟାତ୍ମିକବାଦୀ ତଥା ବାଲିଅନ୍ତା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ଏକାସଙ୍ଗରେ ବାଳକାଟି ସମେତ ବାଲିପାଟଣା ବ୍ଲକ ଅଠାନ୍ତର ଏବଂ ବନମାଳୀପୁର ଛକରେ ମଧ୍ୟ ଏହି ଜଳସେବା ଉଦଘାଟନ ହୋଇଯାଇଛି ।ଏହି ଶିବିର ତୃଷାର୍ତ୍ତ ଓ ବାଟୋଇ ମାନଙ୍କୁ ବେଶ ସହାୟକ ହେଉଥିବା ବେଳେ ଏହା ଗ୍ରୀଷ୍ମ ପ୍ରବାହ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆୟୋଜକ ଶ୍ରୀ ମହାନ୍ତି କହିଛନ୍ତି ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବେଣୁଧର ଭୋଇ, ଡ଼. ରଜନୀରଞ୍ଜନ ଦାଶ, କପିଳ ମହାରଣା, ରବୀନ୍ଦ୍ର ବାରିକ, ପ୍ରଦୀପ ମହାନ୍ତି, ବସନ୍ତ ସାହୁ, ସୂର୍ଯ୍ୟନାରାୟଣ ଦାସ, ରବୀନ୍ଦ୍ର ପାତ୍ର, ପ୍ରତାପକେଶରୀ ନାୟକ, ଗିରିଧାରୀ ସାହୁ, ଅରବିନ୍ଦ ସାହୁ, କାହ୍ନୁଦାସ, ସୁଜିତ ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ



ଶରଣକୁଳ, ,(ସବ୍ୟୁ): ଶରଣକୁଳ ପିଏମଶ୍ରୀ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ପରିଡ଼ାଙ୍କ ଶୁକ୍ରବାର ନୟାଗଡ଼ ବାରମାସୀ ଦଣ୍ଡା ଲେନରେ ଥିବା ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ପିତ୍ତକୋଷ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ବେଳେ ଝିଅ ଲିଙ୍କି ପରିଡ଼ା ମୁଖାଗ୍ନି ଦେଇଥିଲେ। ଶ୍ରୀ ପରିଡା ପ୍ରଥମେ କୋମଣ୍ଡ ଉଚ୍ଚ ବିଦ୍ୟାଳୟରେ ନିଜର କାର୍ଯ୍ୟାରମ୍ଭ କରି ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟରୁ ୨ ବର୍ଷ ତଳେ ସେବାନିବୃତ ହୋଇଥିଲେ ।

# ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ



ଗୋପ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଜଳସେଚନ ଡାକ ବଙ୍ଗଳା ଠାରେ ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶା ଅନୁବନ୍ଧିତ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର,ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ।ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଆଇନ,ପେନସନ, ପ୍ରେସ ଏକାଡେମୀ ନିର୍ମାଣ,ସ୍ୱାସ୍ଥ୍ୟ ବିମାରେ ପିତା ଓ ମାତାଙ୍କୁ ଯୋଡ଼ିବା ସହିତ ଅନ୍ୟାନ୍ୟ ଦାବି ଗୁଡ଼ିକୁ ନେଇ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହ ସରକୁ ଶାଣିତ କରାଯିବା ନେଇ ବୈଠକରେ ନିଷ୍ପତି ନିଆଯାଇଥିଲା।ସେହିପରି ନିମାପଡ଼ା ଅଞ୍ଚଳର ନିର୍ଭୀକ ଯୁବ ସାମ୍ବାଦିକ ବିଶଜିତ୍ ମିଶ୍ରଙ୍କ ନାମରେ ଥାନା ଅଧିକାରୀଙ୍କ ଆକ୍ରୋଶ ମନୋଭାବ ପୋଷଣ କରିବା ସହ ମିଛ ମକଦ୍ଦମାରେ ଛନ୍ଦି ତାଙ୍କ ଆତ୍ମସମ୍ମାନ ହନିକୁ ନେଇ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଆଗାମୀ ଦିନରେ ପୋଲିସ ଡିଜି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସଂଘର ଏକ ୧୦ଜଣିଆ ଟିମ ଖୁବ ଶୀଘ୍ର ଭେଟିବା ସହ ଦାବି ପତ୍ର ଦିଆଯିବା ନେଇ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ,ଓଡିଶା ଭାଷା ସାହିତ୍ୟ ଆନ୍ଦୋଳନ ରାଜ୍ୟ ସଭାପତି ପବିତ୍ର ମହାରଥା, ଆଦିତ୍ୟ ରାଉତ, କମଳଲୋଚନ ଦିକ୍ଷୀତ, ଭାରତୀ ଭୁଷଣ ଉପାଧ୍ୟାୟ ଯୋଗ ଦେଇ ସରକାର ସାମ୍ବାଦିକ ମାନଙ୍କ ଅଭିଯୋଗ ଗୁଡିକ ସହ ବିଭିନ୍ନ ଦାବି ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ନୂତନ ଭାବେ ଯୋଗ ଦେଇ ସଂଘ ସଦସ୍ୟ ହୋଇଥିବା ସାମ୍ବାଦିକ ମାନଙ୍କୁ ସମ୍ମାନୀତ କରିଥିବା ବେଳେ ବିଭିନ୍ନ ବ୍ଲକ ର ବରିଷ୍ଠ ସାମ୍ବାଦିକ ମାନେ ଯୋଗ ଦେଇଥିଲେ

## ପୁନରାବଲୋକନ-୧୩

# ଗୋପୀନାଥ ମହାନ୍ତିଙ୍କ ପ୍ରଥମ ଉପନ୍ୟାସ



**ଭାସ୍କର ପରିଚ୍ଛା**

୧୯୪୦ ଦଶକରୁ ଓଡ଼ିଆ ଉପନ୍ୟାସ ଏଭଳି ଏକ ପର୍ଯ୍ୟାୟକୁ ପ୍ରବେଶ କଲା, ଯାହାକୁ ସାଧାରଣତଃ ଉପନ୍ୟାସ ସାହିତ୍ୟର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ଏହି ସମୟରେ ଲେଖକମାନେ ବାସ୍ତବବାଦ, ଅବହେଳିତ ସମୁଦାୟ, ଆଦିବାସୀ ଜୀବନ, ଆର୍ଥିକ ବିଷମତା ଓ ମାନସିକ ସଂଘର୍ଷ ଭଳି ବିଷୟଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବାକୁ ଆରମ୍ଭ କରିଥିଲେ । ଏହି ଯୁଗକୁ ପ୍ରମୁଖ ଭାବରେ ଗୋପୀନାଥ ମହାନ୍ତି ଓ ଅନ୍ୟମାନଙ୍କ ପରି ମହାନ ସାହିତ୍ୟିକମାନେ ନେତୃତ୍ୱ ଦେଇଥିଲେ ।



**ଗୋପୀନାଥ ମହାନ୍ତି**

୧୯୪୦ ମସିହାରେ ପ୍ରକାଶିତ, 'ମନ ଗହୀରର ଚାଷ' ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରଭାବଶାଳୀ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ପ୍ରଥମ ଉପନ୍ୟାସ । ମନ ଗହୀରର ଚାଷ ଓଡ଼ିଆ ସାହିତ୍ୟରେ ମନୋବୈଜ୍ଞାନିକ ବାସ୍ତବବାଦ ଓ ନାରୀକେନ୍ଦ୍ରିକ କାହାଣୀର ଏକ ନୂତନ ଦିଗକୁ ଉନ୍ମୋଚିତ କରିଥିଲା । ଜଣେ ଗ୍ରାମୀଣ ନାରୀ 'ଗହିର'ଙ୍କ ଜୀବନକୁ କେନ୍ଦ୍ର କରି ରଚିତ ଏହି ଉପନ୍ୟାସ ପିତୃସତ୍ତାମୂଳକ ସମାଜର ନିର୍ଯ୍ୟାତନା, ଆତ୍ମସଚେତନତା, ଭାବନାତ୍ମକ ଜାଗରଣ ଓ ସାମାଜିକ ଅନ୍ୟାୟ ଭଳି ବିଷୟକୁ ଅନ୍ୱେଷଣ କରିଥିଲା । ପରବର୍ତ୍ତୀ ସମୟରେ ଗୋପୀନାଥ ମହାନ୍ତି ଆଦିବାସୀ ଓ ଗ୍ରାମୀଣ ଓଡ଼ିଶାର ଗଭୀର ଚିତ୍ରଣ ପାଇଁ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ ।

ଗୋପୀନାଥ ମହାନ୍ତି ପରବର୍ତ୍ତୀ ଯୁଗ ଓଡ଼ିଆ ଉପନ୍ୟାସର ବିଷୟବସ୍ତୁ ଓ ଶୈଳୀର ସମ୍ଭାବନାକୁ ବ୍ୟାପକ କରିଥିଲା । ଲେଖକମାନେ ରୋମାଣ୍ଟିକ ଧାରାରୁ ଆଗକୁ ବଢ଼ି ଜଟିଳ ମାନବୀୟ ଅନୁଭବ ଓ ସାମାଜିକ ପରିବର୍ତ୍ତନକୁ ଅଧିକ ଗଭୀରତା ଓ ବାସ୍ତବତା ସହିତ ଚିତ୍ରଣ କରିଥିଲେ । ଏହିପରି ଭାବେ ଓଡ଼ିଆ ଉପନ୍ୟାସ ତାହାର ପ୍ରାରମ୍ଭିକ ସଂକୋଚକୁ ଅତିକ୍ରମ କରି ଏକ ପରିପକ୍ୱ ସାହିତ୍ୟିକ ପରମ୍ପରାରେ ପରିଣତ ହୋଇଥିଲା, ଯାହା କି ଏକାଧାରରେ ଆଞ୍ଚଳିକ ବାସ୍ତବତା ଓ ସାର୍ବଜନୀନ ମାନବୀୟ ପ୍ରଶ୍ନମାନଙ୍କ ସହ ଯୋଡ଼ି ହୋଇ ପାରୁଥିଲା ।

ମନର ଗହୀରର ଚାଷ ଶୀର୍ଷକକୁ ହୃଦୟର ପ୍ରଥମ କର୍ଷଣ ଭାବେ ବୁଝାଯାଇପାରେ, ଯାହା ଆତ୍ମିକ ଜାଗରଣ ଓ ଭାବନାତ୍ମକ ପରିବର୍ତ୍ତନର ପ୍ରତୀକ । ଆକାରରେ ଛୋଟ ହେଲେ ମଧ୍ୟ, ଏହା ଓଡ଼ିଆ ଉପନ୍ୟାସର ବିକାଶରେ ଏକ ମାଇଲଖୁଣ୍ଟ ଭାବେ ପରିଚିତ, କାରଣ ଏହା ମନୋବୈଜ୍ଞାନିକ ବାସ୍ତବବାଦ, ନାରୀମାନଙ୍କ ଅନ୍ତର୍ନିହିତ ଜୀବନ ଓ ଗ୍ରାମୀଣ ସାମାଜିକ ଗଠନ ଉପରେ ଗୁରୁତ୍ୱ ଦେଇଥିଲା ।



ବିଂଶ ଶତାବ୍ଦୀର ପ୍ରାରମ୍ଭିକ ଗ୍ରାମୀଣ ଓଡ଼ିଶା ପରିପ୍ରେକ୍ଷୀରେ ରଚିତ ଏହି ଉପନ୍ୟାସର କେନ୍ଦ୍ରବିନ୍ଦୁ ହେଲେ ଗହିର- ଜଣେ ଯୁବତୀ ଯାହାଙ୍କ ଜୀବନ ପୁରୁଷ କୈନ୍ଦ୍ରିକ ସମାଜରେ ନାରୀଙ୍କ ଉପରେ ଆରୋପିତ ସୀମାବଦ୍ଧତାକୁ ପ୍ରତିଫଳିତ କରେ ।

ସେହି ସମୟର ଅନେକ ଝିଅଙ୍କ ପରି ଗହିରଙ୍କର ଅଳ୍ପ ବୟସରେ ଏକ ସମ୍ପନ୍ନ ପରିବାରରେ ବିବାହ ହୋଇଥାଏ । ପ୍ରଥମେ ସେ ଆଜ୍ଞାକାରୀ, ଲଜ୍ଜାଶୀଳା ଓ ବିବାହ ଏବଂ ଘରୋଇ ଜୀବନର ଆଶାକୁ ବିନା ପ୍ରଶ୍ନରେ ଗ୍ରହଣ କରୁଥିବା ଜଣେ ନାରୀ ଭାବେ ପ୍ରତୀତ ହୁଅନ୍ତି । ତାଙ୍କର ସମଗ୍ର ପରିଚୟ ସ୍ତ୍ରୀର ଭୂମିକା ସହିତ ଜଡ଼ିତ ଥାଏ ଏବଂ ଭାବନାତ୍ମକ ଅବହେଳା ସତ୍ତ୍ୱେ ସେ ପରିବାରରେ ସମନ୍ୱୟ ରକ୍ଷା କରିବାକୁ ଉଦ୍ୟମ କରନ୍ତି ।

କାହାଣୀ ଆଗକୁ ବଢ଼ିବା ସହିତ ଗହିର ଧୀରେ ଧୀରେ ନିଜ ସ୍ୱାମୀଙ୍କ ନୈତିକ ଦୁର୍ବଳତା ଓ ଅବିଶ୍ୱାସକୁ ଅନୁଭବ କରନ୍ତି । ଏହି ଘଟଣା ଉପନ୍ୟାସରେ ମୋଡ଼ ନିଏ । ଗୋପୀନାଥ ମହାନ୍ତି କେବଳ ବିବାହିତ ଜୀବନର ବିଶ୍ୱାସଘାତକତାକୁ ବ୍ୟକ୍ତିଗତ ଦୁର୍ଭାଗ୍ୟ ଭାବେ ଦେଖାଇ ନଥିଲେ ବରଂ ଏହାକୁ ଏକ ନାରୀର ଭାବନାତ୍ମକ ଓ ମନୋବୈଜ୍ଞାନିକ ଜାଗରଣର ମାଧ୍ୟମ ଭାବରେ ବି ଦର୍ଶାଇଥିଲେ, ଯେଉଁଠାରେ ଗହିର ନିଜ ଚାରିପାଖର ସାମାଜିକ ବ୍ୟବସ୍ଥାକୁ ପ୍ରଶ୍ନ କରିବା ଆରମ୍ଭ କରନ୍ତି । ଗହିର ବୁଝିପାରନ୍ତି ଯେ, ତାଙ୍କ ସମାଜରେ ପ୍ରଚଳିତ ବିବାହ ପ୍ରଥା ପୁରୁଷଙ୍କୁ ସ୍ୱାଧୀନତା ଓ ଅଧିକାର ଦେଇଥାଏ, କିନ୍ତୁ ନାରୀମାନଙ୍କୁ ନିରବତା ଓ ତ୍ୟାଗର ଭାର ବୋହିବାକୁ ବାଧ କରେ ।

ଗହିରଙ୍କ ଆନ୍ତରିକ ସଂଘର୍ଷ ହିଁ ଏହି ଉପନ୍ୟାସର କେନ୍ଦ୍ରବିନ୍ଦୁ । ମହାନ୍ତି ତାଙ୍କର ମାନସିକ ଦ୍ୱନ୍ଦ୍ୱକୁ ଅତ୍ୟନ୍ତ ସତର୍କତାର ସହ ଚିତ୍ରଣ କରିଛନ୍ତି- ସାମାଜିକ କର୍ତ୍ତବ୍ୟ ଓ ବ୍ୟକ୍ତିଗତ ସମ୍ମାନ, ଭୟ ଓ ଆତ୍ମମର୍ଯ୍ୟାଦା ମଧ୍ୟରେ ଘଟୁଥିବା ଏହି ସଂଘର୍ଷ ଧୀରେ ଧୀରେ ତାଙ୍କ ଚରିତ୍ରକୁ ନିଜର ମୂଲ୍ୟ ବିଷୟରେ ନୂତନ ସଚେତନତାର ରାଜ୍ୟରେ ପହଞ୍ଚାଏ । ସୁତରାଂ, ଉପନ୍ୟାସର ଶୀର୍ଷକ ଚାଷ କୃଷି କାର୍ଯ୍ୟ ନୁହେଁ, ବରଂ ମନୋବୈଜ୍ଞାନିକ ଓ ନୈତିକ ଜାଗରଣର ପ୍ରତୀକ ।

ଏହି ଉପନ୍ୟାସର ମୁଖ୍ୟ ବିଷୟବସ୍ତୁ ହେଉଛି ଗ୍ରାମୀଣ ଓଡ଼ିଆ ସମାଜର ବାସ୍ତବ ଚିତ୍ରଣ । ଗାଁର ପରିବେଶ, ପରମ୍ପରା, ପାରିବାରିକ ଗଠନ ଓ ଦୈନିକ ସାମାଜିକ ସମ୍ପର୍କଗୁଡ଼ିକୁ ଅତ୍ୟନ୍ତ ସତ୍ୟନିଷ୍ଠ ଭାବରେ ଦେଖାଇ ଦିଆଯାଇଛି । ଗୋପୀନାଥ ମହାନ୍ତି ଗ୍ରାମ୍ୟ ଜୀବନକୁ ରୋମାଣ୍ଟିକ ଭାବରେ ଚିତ୍ରଣ କରିନାହାନ୍ତି ବରଂ ପରମ୍ପରା ଓ ସାମାଜିକ ଶୃଙ୍ଖଳାର ଆବରଣ ତଳେ ଲୁଚି ରହିଥିବା ବିଷମତା, ଲିଙ୍ଗଭେଦ, ଅନ୍ୟାୟ ଓ ଭାବନାତ୍ମକ ଶୋଷଣକୁ ଉଜାଗର କରିଛନ୍ତି । ନାରୀମାନଙ୍କ ଠାରୁ ନିରବତାରେ ସବୁ ଦୁଃଖ ସହିବା ଆଶା କରାଯାଏ, ଯେତେବେଳେ କି ପୁରୁଷର ଅଧିକାରକୁ ପ୍ରାୟତଃ ପ୍ରଶ୍ନ କରାଯାଏ ନାହିଁ । ଗହିରଙ୍କ ଅନୁଭବ ମାଧ୍ୟମରେ ଲେଖକ ଏହି ଅସମତାକୁ ସମାଲୋଚନା କରିଛନ୍ତି, କିନ୍ତୁ କାହାଣୀକୁ କୌଣସି ପ୍ରକାଶ୍ୟ ରାଜନୈତିକ ପ୍ରଚାରରେ ପରିଣତ କରିନାହାନ୍ତି ।

ମନ ଗହୀରର ଚାଷ କେବଳ ପ୍ରତିବାଦମୂଳକ ଉପନ୍ୟାସ ନୁହେଁ, ଏହା ପ୍ରେମ, ଏକଲାପଣ, ବିଶ୍ୱାସଘାତକତା, ସହନଶୀଳତା ଓ ବ୍ୟକ୍ତିଗତ ସ୍ୱାଧୀନତାର ସନ୍ଧାନ ଭଳି ମାନବୀୟ ଭାବନାମାନଙ୍କର ଏକ ସଂବେଦନଶୀଳ ଅନ୍ୱେଷଣ ମଧ୍ୟ । ଗହିର ଜଣେ ଜଟିଳ, ସମ୍ମାନଜନକ ଓ ଗମ୍ଭୀର ଚରିତ୍ର ଭାବେ ଉଭା ହୁଅନ୍ତି । ଆଜ୍ଞାକାରିତାରୁ ଆତ୍ମନିର୍ଭରତା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଧୀରେ ଧୀରେ ଓ ବିଶ୍ୱସନୀୟ ଭାବରେ ଘଟେ । ସେ କୌଣସି ନାଟକୀୟ ବିଦ୍ରୋହୀରେ ପରିଣତ ହୁଅନ୍ତି ନାହିଁ ବରଂ ସମୟ କ୍ରମେ ଆନ୍ତରିକ ଶକ୍ତି ଓ ନୈତିକ ସ୍ପଷ୍ଟତା ଅର୍ଜନ କରନ୍ତି । ଏହି ସଂଯମିତ ଚିତ୍ରଣ ହିଁ ଉପନ୍ୟାସକୁ ଗଭୀର ଭାବନାତ୍ମକ ଶକ୍ତି ଓ ବାସ୍ତବତା ପ୍ରଦାନ କରିଛି ।

ଉପନ୍ୟାସର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଗୋପୀନାଥ ମହାନ୍ତିଙ୍କ ଭାଷା ଓ କଥନ ଶୈଳୀ । ତାଙ୍କର ଗଦ୍ୟ ସରଳ କିନ୍ତୁ ସଙ୍ଗୀତାତ୍ମକ, ଯାହା ଗ୍ରାମୀଣ ଓଡ଼ିଶାର ଜୀବନଛନ୍ଦରେ ଗଭୀର ଭାବରେ ନିହିତ ଥାଏ । ସେ ମନୋବୈଜ୍ଞାନିକ ଅନ୍ତର୍ଦୃଷ୍ଟିକୁ ସାମାଜିକ ଜୀବନର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ସହ ସଫଳତାର ସହିତ ମିଶାଇ ପାରିଛନ୍ତି । ଏହି ପ୍ରାରମ୍ଭିକ କୃତିରେ ମଧ୍ୟ ତାଙ୍କର ସେହି ଗୁଣଗୁଡ଼ିକ ସ୍ପଷ୍ଟ ହୋଇଯାଏ, ଯାହା ପରେ ତାଙ୍କୁ ଭାରତୀୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସକାର ଭାବରେ ସ୍ୱୀକୃତି ପ୍ରଦାନ କରିଥିଲା-ଗ୍ରାମ୍ୟ ଜୀବନ ପ୍ରତି ସହାନୁଭୂତି, ମାନବ ସ୍ୱଭାବ ସମ୍ପର୍କରେ ସୂକ୍ଷ୍ମ ବୁଝାମଣା ଓ ବ୍ୟକ୍ତିଗତ କାହାଣୀ ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଚିତ୍ରଣ କରିବାର କ୍ଷମତା ଏସବୁ ।

ଐତିହାସିକ ଦୃଷ୍ଟିରୁ ଦେଖିଲେ, ମନ ଗହୀରର ଚାଷ ଓଡ଼ିଆ କଳ୍ପନା ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣକୁ ଉନ୍ମୋଚିତ କରିଥିଲା । ପୂର୍ବବର୍ତ୍ତୀ ଓଡ଼ିଆ ଔପନ୍ୟାସିକମାନେ ପ୍ରାୟତଃ ଐତିହାସିକ ରୋମାଣ୍ଟିକ ଭାବ କିମ୍ବା ନୈତିକ ଆଦର୍ଶବାଦକୁ ଆଧାର କରି ଉପନ୍ୟାସ ଲେଖୁ ଥିଲେ । ଗୋପୀନାଥ ମହାନ୍ତି ସାଧାରଣ ମନୁଷ୍ୟ ଓ ତାଙ୍କର ଆନ୍ତରିକ ସଂଘର୍ଷକୁ କେନ୍ଦ୍ର କରି ଏକପ୍ରକାର ଅଧିକ ଆଧୁନିକ ସାହିତ୍ୟିକ ସଂବେଦନାକୁ ପରିଚୟ କରାଇଥିଲେ । ଏହି ଉପନ୍ୟାସ ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଓ ବାସ୍ତବବାଦୀ ଧାରାର ବିକାଶ ପାଇଁ ମାର୍ଗ ପ୍ରଶସ୍ତ କରିଥିଲା ।

ମନ ଗହୀରର ଚାଷ ଏକ ଆନ୍ତରିକ ଜାଗରଣର କାହାଣୀ । ଗହିରଙ୍କ ଯାତ୍ରା ମାଧ୍ୟମରେ ଏହି ଉପନ୍ୟାସ ସେହି ନାରୀମାନଙ୍କ ନିରବ ସଂଘର୍ଷକୁ ଚିତ୍ରଣ କରେ, ଯେଉଁମାନେ ସୀମାବଦ୍ଧ ସାମାଜିକ ଗଠନ ମଧ୍ୟରେ ନିଜ ସମ୍ମାନ ଓ ସ୍ୱତନ୍ତ୍ରତାର ସନ୍ଧାନ କରିଛନ୍ତି । ଏହା କେବଳ ଗୋପୀନାଥ ମହାନ୍ତିଙ୍କ ପ୍ରଥମ ଉପନ୍ୟାସ ଭାବେ ନୁହେଁ, ବରଂ ଓଡ଼ିଆ ସାହିତ୍ୟରେ ମନୋବୈଜ୍ଞାନିକ ଓ ସାମାଜିକ ବାସ୍ତବବାଦର ଏକ ପ୍ରାରମ୍ଭିକ ମାଇଲଖୁଣ୍ଟ ଭାବେ ଆଜି ମଧ୍ୟ ଗୁରୁତ୍ୱ ବହନ କରୁଛି । ଏହି ଉପନ୍ୟାସ ଇଂରାଜୀ ଭାଷାରେ ଅନୁବାଦ ହୋଇନାହିଁ ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

# ବଙ୍ଗଳା ସାହିତ୍ୟରେ କବି ନଜରୁଲ ଇସ୍‌ଲାମ୍



**ଅଶ୍ୱିନୀ କୁମାର ମିଶ୍ର**

ଯେଉଁ ସମୟରେ ବିପ୍ଳବୀ କବି ନଜରୁଲ ଇସଲାମ ଲେଖାଲେଖି ଆରମ୍ଭ କଲେ ସେଇ ସମୟରେ ସେ ଖୁବ୍ କମ୍ ଲେଖକଙ୍କ ସଂସ୍ପର୍ଶରେ ଆସିଥିଲେ । ଧୀରେ ଧୀରେ ବିଭିନ୍ନ ପତ୍ରପତ୍ରିକା, ସଭାସମିତି ମାଧ୍ୟମରେ ସାହିତ୍ୟିକ ତଥା ସାହିତ୍ୟାନୁରାଗୀଙ୍କୁ ଚିହ୍ନିବା ଆରମ୍ଭ କଲେ । ସେତେବେଳେ ତାଙ୍କ ଲେଖା ଜନମାନସରେ ଏତେଟା ପ୍ରସାରିତ ହୋଇ ନଥିଲା । ତେଣୁ ତାଙ୍କ ଆଦର୍ଶରେ ପ୍ରଭାବିତ ସାହିତ୍ୟିକ ବିଶେଷତଃ ଯୁବଗୋଷ୍ଠୀ ନିଜସ୍ୱ ସୀମିତ ବଳୟ ଭେଦ କରିବାରେ ସମର୍ଥ ନଥିଲେ ।

ଏହି ସମୟ ପୂର୍ବରୁ ୧୯୦୫ ମସିହାରେ ଭାଇସରାୟ ଲର୍ଡ କର୍ଜନଙ୍କ ଅମଳରେ ବେଙ୍ଗଲକୁ ଦି ଭାଗରେ ବିଭକ୍ତ କରାଯାଇଥିଲା । ପୂର୍ବ ବଂଗ ମୁସଲିମ ବହୁଳ ଥିଲା ଓ ପଶ୍ଚିମ ବଂଗ ଥିଲା ସଂଖ୍ୟାଧିକ ହିନ୍ଦୁଙ୍କର । ଏଇ ବିଭାଜନ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ କୁହାଯାଉଥିଲେ ସୁଦ୍ଧା ଏହା ବ୍ରିଟିଶ ସରକାରଙ୍କର 'ଡିଭାଇଡ୍ ଏଣ୍ଡ ରୁଲ୍' ନୀତି ଉପରେ ପର୍ଯ୍ୟବେସିତ ଥିଲା ।



**କବି ନଜରୁଲ୍**

ସାହିତ୍ୟ, ସଂସ୍କୃତିର ପ୍ରାଣକେନ୍ଦ୍ର କଲିକତା ଓ ଢାକା ତଥା ଆଖପାଖର ସହସ୍ର ବଂଗଳାବାସୀ ସରକାରଙ୍କ ଏଇ ସିଦ୍ଧାନ୍ତକୁ ଗ୍ରହଣ କରିବା ଅବସ୍ଥାରେ ନଥିଲେ । ତେଣୁ ୧୯୧୧ ମସିହାରେ ଲର୍ଡ ହାର୍ଡିଜ୍‌ଙ୍କ ଅମଳରେ ବ୍ରିଟିଶ ସରକାର ତାଙ୍କର ଏଇ ଘୋଷଣାନାମାକୁ ଫେରାଇ ନେବାକୁ ବାଧ ହୋଇଥିଲେ । ପରବର୍ତ୍ତୀ ସମୟରେ ୧୯୪୭ ମସିହାରେ 'ରେଡ୍‌କ୍ଲିଭ ଲାଇନ' ଅନୁଯାୟୀ ବେଙ୍ଗଲ ପୁଣିଥରେ ବିଭାଜନର ଶିକାର ହେଲା । ହିନ୍ଦୁ ଅଧ୍ୟୁଷିତ ପଶ୍ଚିମ ବଂଗ ଭାରତର ଏକ ପ୍ରଦେଶ ରୂପେ ପରିଗଣିତ ହେଲା । ମୁସଲିମ ଅଧ୍ୟୁଷିତ ପୂର୍ବ ବଂଗ ପାକିସ୍ତାନକୁ ଗଲା, ଯାହା ଏବେ ବାଂଲାଦେଶ ।

ଏଇ ସମୟଖଣ୍ଡ (୧୯୨୩-୧୯୨୬) ଥିଲା ବଂଗଳା ସାହିତ୍ୟରେ ରେନେଁସାର ଯୁଗ । ବଂଗଳା ସାହିତ୍ୟର ଅନ୍ୟ ଦିଗ କଥା କୁହା ନ ଯାଇ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ସମ୍ପର୍କିତ କିଛିଟା ବିଶ୍ଳେଷଣ ଏଠି କରାଯାଉଛି । ଏହି କାଳଖଣ୍ଡରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଥିଲେ ସୁଦ୍ଧା ତିନୋଟି ମୁଖ୍ୟ ପତ୍ରିକା ବଂଗଳା ସାହିତ୍ୟର ଭାଷା ଓ ଭାବର ମାଧ୍ୟମରେ ପାଶ୍ଚାତ୍ୟ ସାହିତ୍ୟର ଆଧୁନିକତାକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଥିଲେ ।



**କବି ନଜରୁଲ୍‌ଙ୍କ ହାତଲେଖା**

ସେମାନେ ହେଲେ 'କଲ୍ଲୋଳ', 'କାଳି-କଲମ' ଓ 'ପ୍ରଗତି' । ଏଇ ପତ୍ରିକା ତିନୋଟିର ମାନ ତଥା ଗୁଣବତ୍ତା ଦୃଷ୍ଟିରୁ କବି ନଜରୁଲ୍ ଓଡ଼ିଆ ସାହିତ୍ୟରେ 'ଡଗର', 'ସହକାର' ଓ 'ଝଙ୍କାର' ଭଳି ବହୁ ପ୍ରତିଭାଶାଳୀ ବଂଗଳା କବି, ଲେଖକଙ୍କ ପୃଷ୍ଠପୋଷକତା କରିବାକୁ ସମର୍ଥ ହୋଇଥିଲେ । ସାହିତ୍ୟିକ ଦୀନେଶ ରଞ୍ଜନ ଦାଶ ଓ ଗୋକୁଳ ଚନ୍ଦ୍ର ନାଗ ଏହାରି ସମ୍ପାଦନା ଦାୟିତ୍ୱ ବୁଝୁଥିଲେ । ଏହାରି ଆରମ୍ଭ କାଳ ୧୯୨୩ । ଅନୁରୂପ ଭାବେ 'କାଳି-କଲମ'ର ପ୍ରଥମ ବର୍ଷର ସମ୍ପାଦକ ଥିଲେ ମୁରଲିଧର ବସୁ । ଶୈଳଜା ନନ୍ଦ ମୁଖୋପାଧ୍ୟାୟ ଓ ବିଶିଷ୍ଟ ଔପନାସିକ ପ୍ରେମେନ୍ଦ୍ର ମିତ୍ର ୧୯୨୬ ମସିହାରେ ଏହାର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ । ଅନ୍ୟତମ ପତ୍ରିକା 'ପ୍ରଗତି' ଆତ୍ମପ୍ରକାଶ କଲା ସଂସ୍କୃତି ତଥା ସାହିତ୍ୟର ପ୍ରାଣକେନ୍ଦ୍ର ଢାକା ସହରରୁ । ଏହାର ସମ୍ପାଦନା କରୁଥାନ୍ତି ଅଜିତ୍ କୁମାର ଦତ୍ତ ଓ ପ୍ରତିଷ୍ଠିତ ଔପନାସିକ ବୁଦ୍ଧଦେବ ବସୁ । 'ପ୍ରଗତି'ର ପ୍ରଥମ ସଂଖ୍ୟା ପ୍ରକାଶ ପାଏ ୧୯୨୭ ମସିହାରେ । ଏହି ବର୍ଷ ନଜରୁଲ୍ ଲେଖନ୍ତି ତାଙ୍କର ଅନ୍ୟତମ ବିଖ୍ୟାତ କବିତା 'କାଣ୍ଡାରୀ ହୁସିଆର୍' ଯାହା ସ୍ୱାଧୀନତାପ୍ରେମୀ ତଥା ତାଙ୍କରି ନେତୃତ୍ୱ ନେଉଥିବା ଜନନେତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହି ତିନୋଟି ପତ୍ରିକାକୁ କେନ୍ଦ୍ର କରି ଗଢ଼ିଉଠେ କବିଙ୍କ କାବ୍ୟ ସଂସାର ।

କବି ନଜରୁଲ୍ ଥିଲେ ସମାଜକୈନ୍ଦ୍ରିକ । 'ପଦ୍ମଭୁକ୍'ର ଉପାସନା ତାଙ୍କର ନଥିଲା । ତାଙ୍କ ସୃଷ୍ଟିସମ୍ଭାରକୁ ଅନେଇ ରହିଥାନ୍ତି ତାଙ୍କର ପାଠକପାଠିକା ତ ଏହି ପତ୍ରିକା ତିନୋଟି ଥିଲେ ତହିଁର କେନ୍ଦ୍ରବିନ୍ଦୁ । କୌଣସି ପ୍ରତିକ୍ରିୟାଶୀଳ ଶକ୍ତି ପାଖରେ ମଥାନତ ତାଙ୍କର ଜାତକରେ ନଥିଲା । ଓଡ଼ିଆ ସାହିତ୍ୟରେ 'ସବୁଜ ଯୁଗ' ଭଳି ବଂଗଳାରେ ଆରମ୍ଭ ହୁଏ 'କଲ୍ଲୋଳ ଯୁଗ' । ସେ ସମୟରେ 'ଅନ୍ୟାନ୍ୟ ବଂଗଳା ପତ୍ରିକା ଯଥା- ପ୍ରବାସୀ, ଉତ୍ତରା, ଭାରତବର୍ଷ ପ୍ରଭୃତି ମୁଣ୍ଡ ଟେକିଥିଲେ ସୁଦ୍ଧା 'କଲ୍ଲୋଳ'ର ପ୍ରଭାବ ଥିଲା ଭିନ୍ନ ଧରଣର । ତେଣୁ ଖୁବ୍ କମ୍ ସମୟ ମଧ୍ୟରେ ତାହା ନଜରୁଲ୍‌ଙ୍କ ଭଳି ପ୍ରତିଭାବାନ କବିଙ୍କୁ ଆପଣେଇ ପାରିଥିଲା ।

ଏହି ପତ୍ରିକାର ଉପାଦେୟତା ସମ୍ପର୍କରେ ବିଶିଷ୍ଟ ସମାଲୋଚକ ଅଚିନ୍ତ୍ୟ କୁମାର ସେନଗୁପ୍ତ ଲେଖିଥିଲେ 'କଲ୍ଲୋଳକୁ ନେଇ ପ୍ରାଣୋଚ୍ଛ୍ୱାସ ପ୍ରଚୁର ଥିଲା । ତାହା କେବଳ ଭାବର ଦେଉଳ ନଥିଲା, ଥିଲା ଭାଷାର ନାଟ ମନ୍ଦିର' । 'କଲ୍ଲୋଳ'ର ବିରୁଧତା କେବଳ ବିଷୟ କ୍ଷେତ୍ରରେ ନଥିଲା, ଥିଲା ବର୍ଣ୍ଣନାର କ୍ଷେତ୍ରରେ, ଭଙ୍ଗୀ ଓ ଆଙ୍ଗିକର ଚେହେରାରେ । ରୀତି ଓ ପଦ୍ଧତିର ପ୍ରକୃତିରେ । ଭାଷାକୁ ଗତି ଓ ଭାବକୁ ଦ୍ୟୁତି ଦେବା ପାଇଁ ଥିଲା ଶବ୍ଦ ସୃଜନର ପରୀକ୍ଷା ନିରୀକ୍ଷା । ରଚନାଶୈଳୀର ବିଚିତ୍ରତା । ଏପରିକି ବନାନର ସଂସ୍କରଣ ।

ଉପରୋକ୍ତ ବିଷୟର ଭାବାନୁବର୍ତ୍ତୀ ହେଲେ ଓଡ଼ିଶାର ଗୋଟିଏ ପତ୍ରିକା ସାମନାକୁ ଆସିଯାଏ ତା' ହେଲା କବି ସଚ୍ଚି ରାଉତରାୟଙ୍କ ସମ୍ପାଦିତ 'ଦିଗନ୍ତ' ଯାହା ପରେ ମନୋଜ ଦାସଙ୍କ ଦ୍ୱାରା ସମ୍ପାଦିତ ହେଲା । କବିତା, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ସବୁକିଛିର ସମୀକ୍ଷାତ୍ମକ ବୈଭବକୁ ଆବୋରିଥିଲା ଏଇ ପତ୍ରିକା । ସେ ବିଷୟରେ ଆଜି ଓଡ଼ିଶାର ସାହିତ୍ୟ ସଭାମାନଙ୍କରେ ବିଶେଷ ଆଲୋଚନା ହେବାର ଶୁଣାଯାଏ ନାହିଁ ।

'କଲ୍ଲୋଳ' ପତ୍ରିକାର ବିଦ୍ରୋହ ଥିଲା ମୁଖ୍ୟତଃ କବି ରବୀନ୍ଦ୍ରନାଥଙ୍କ ରୋମାଣ୍ଟିକ ଆଧ୍ୟାତ୍ମିକତା ବିରୋଧରେ । ଏଇ ଆଧ୍ୟାତ୍ମିକତା ସହିତ ବସ୍ତୁବାଦୀ ବୈପ୍ଳବିକ ଚେତନାର ସଂଘର୍ଷ ସେ ସମୟରେ ଥିଲା, ଆଜି ବି ରହିଛି । ଦଳିତ, ନିଷ୍ପେସିତ ମଣିଷକୁ ଈଶ୍ୱର କେଉଁଭଳି ସବୁଦିନ ସକାଶେ ନିଜର କରିନେବେ । ନଜରୁଲ୍‌ଙ୍କୁ ପଢ଼ଇବା ପାଇଁ ପୁରୁଣା 'କଲ୍ଲୋଳ'ର ପୃଷ୍ଠା ଓଲଟାଇଲା ବେଳେ ଏଇ କଥା ବାରମ୍ବାର ମନକୁ ଆସିବା ସ୍ୱାଭାବିକ ।

**(ଶ୍ରୀ ମିଶ୍ର ଜଣେ ସୁପରିଚିତ କବି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ )**
**ଏମ୍-୧,ନେତାଜୀ ସୁବାସ ଏନ୍‌କ୍ଲେଭ,**
**ଗଡକଣା, ଭୁବନେଶ୍ୱର-୭୫୧୦୧୭**
**ମୋ-୯୪୩୮୬୧୫୭୪୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )*
samayaeditorial2021@gmail.com

### ପ୍ରାପ୍ତ ପୁସ୍ତକ

## ପୁସ୍ତକର ନାମ- ସ୍ମୃତି ଓ ଅନୁଭୂତି

## ଲେଖକ- ନୀଳମଣି ରାଉତରାୟ

## ପ୍ରକାଶକ- ଗ୍ରନ୍ଥ ମନ୍ଦିର

## ପୁସ୍ତକର ମୂଲ୍ୟ- ୬୫୦ ଟଙ୍କା

ସ୍ୱର୍ଗୀୟ ସ୍ୱାଧୀନତା ସଂଗ୍ରାମୀ, ସୁଲେଖକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନୀଳମଣି ରାଉତରାୟଙ୍କର ଏହି ଆତ୍ମଚରିତ ଯେତେବେଳେ ଅଶୀଦଶକରେ କଟକର 'ୟୁନିଭର୍ସ' ଅନୁଷ୍ଠାନରେ ପ୍ରକାଶ ପାଇଲା, ୟୁନିଭର୍ସର ତତ୍କାଳୀନ ପରିଚାଳକ ଗିରିଜାଭୂଷଣ ପଟ୍ଟନାୟକଙ୍କ ନିମନ୍ତ୍ରଣ ପାଇ ଏ ଲେଖକ ସେଠାରେ ଉପସ୍ଥିତ ଥିଲା ।



**ନୀଳମଣି ରାଉତରାୟ**

ତତ୍କାଳୀନ 'ସମାଜ' ସମ୍ପାଦକ ରାଧାନାଥ ରଥ ଏହି ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ଲେଖକ ନୀଳମଣି ରାଉତରାୟ ଓ ତାଙ୍କର ପୁତ୍ର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମଧ୍ୟ ଉପସ୍ଥିତ ଥିଲେ । ଏହି ଉନ୍ମୋଚନ ଉତ୍ସବର ସମ୍ବାଦ ପ୍ରକାଶନ 'ସମାଜ' ଓ 'ପ୍ରଜାତନ୍ତ୍ର'ରେ ଏ ଲେଖକର ଦାୟିତ୍ୱ ଥିଲା । ଏହା ପରେ ରବୀନ୍ଦ୍ର ମଣ୍ଡପରେ ଏହାର ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ହୋଇଥିଲା ।

ବିଶିଷ୍ଟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସ ପ୍ରଭୃତି ଏହି ଉନ୍ମୋଚନ ସଭାକୁ ମଣ୍ଡନ କରିଥିଲେ । ନିଜେ ନୀଳମଣି ବାବୁ ଏହି ଉତ୍ସବରେ ଉପସ୍ଥିତ ଥିଲେ । ପରିବର୍ଦ୍ଧିତ ସଂସ୍କରଣର ଆଦ୍ୟରେ ଓଡ଼ିଶାର ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଆର୍ଶୀବଚନ ସ୍ଥାନିତ ହୋଇଛି । ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପତ୍ର ମଧ୍ୟ ସ୍ଥାନ ପାଇଛି । ସାହିତ୍ୟ, ସାମ୍ବାଦିକତା, ସ୍ୱାଧୀନତା ସଂଗ୍ରାମ ଓ ରାଜନୀତିକ ଘଟଣାବଳିର ସୁନ୍ଦର ବିଷୟ ସବୁ ଏହି ବିଶାଳ ପୁସ୍ତକଟିକୁ ଏକ ଉପାଦେୟ ପୁସ୍ତକରେ ପରିଣତ କରିଛି ।




ବହୁ ମୂଲ୍ୟବାନ ଫଟୋଚିତ୍ର ଓ ଚିଠିପତ୍ର ମଧ୍ୟ ଏହି ପୁସ୍ତକର ଅନ୍ୟତମ ଆକର୍ଷଣ । ତାଙ୍କର ପୌତ୍ର ବିଷ୍ଣୁବ୍ରତ ରାଉତରାୟ (ପୂର୍ବତନ ବିଧାୟକ)ଙ୍କ ଉଦ୍ୟମରେ ତାଙ୍କର ଜୟନ୍ତୀ ଉତ୍ସବ ତା ୨୪/୦୫/୨୦୨୬ରେ ଆୟୋଜିତ ହେଉଥିବା ଆନନ୍ଦର ବିଷୟ । ୧୯୨୦ ମେ ୨୪ରେ ସେ ଭୂମିଷ୍ଠ ହୋଇଥିଲେ ଭଦ୍ରକ ଜିଲ୍ଲାର ମୁକୁନ୍ଦପୁର ଗ୍ରାମରେ ଏବଂ ୨୦୦୪ ଅକ୍ଟୋବର ୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ଭୁବନେଶ୍ୱରରେ ।

**(ଗୁରୁକଲ୍ୟାଣ ମହାପାତ୍ର)**



## କବିତା

# ଯୁଦ୍ଧ କଥା



**ଇଂ ରଶ୍ମିରଂଜନ ରାୟ**

ଯୁଦ୍ଧ ହେ ତୁମେ କଅଣ ପାଇଁକି
ଅଭିଧାନେ ହେଲ ଶବ୍ଦ,
ଭାବିଲେ ଏହାକୁ ହୃଦୟ ମୋହର
ହୋଇଯାଉଅଛି ସ୍ତବ୍ଧ ।।୧।।
ହେ ବିଜ୍ଞାନୀଗଣ ଚିକିତ୍ସାବିଜ୍ଞାନୀ
ସବୁ ମଣିଷଙ୍କ ରକତ,
କଅଣ ପାଇଁକି ବଖାଣିଲ ତୁମେ
କେବଳ ଲୋହିତ ଲୋହିତ ।।୨।।
ରାଜାଟିଏ ଯଦି ଜନମ ହୋଇଲା
କଅଣ ପାଇଁ ସେ ମରୁଛି,
ମାଟିମଟାଳିଆ ମୁଲିଆ ପରିକା,
କବରେ ତା ଅସ୍ଥି ରହୁଛି ।।୩।।
ହେ ଯୁଦ୍ଧହେ ତୁମେ କେତେ ଗରିବଙ୍କ
ରକତରେ, ହୋଲି ଖେଳୁଛ?
ଯିଏ ମରିଗଲା ତାର ପିତାମାତା
ପରିବାର କଥା ଭାବିଛ ।।୪।।
ଦୁଃଖେ ଶୋଇଥିଲି ସପନେ ଦେଖିଲି
ସାଧାରଣ ଏକ ମଣିଷ
ଭୋ ଭୋ ହୋଇ କାନ୍ଦୁଛି ମୋ ଆଗେ
ମଉଳି ଯାଇଛି ତା ହସ ।।୫।।
ତା' ସାଥେ କାନ୍ଦିଲି ପଚାରିଲି ତାକୁ
ନାଆଁଟି କଅଣ କହିଲ,
କହିଲା କେ ମୋତେ ଖ୍ରୀଷ୍ଟ ବୋଲି ଡାକେ
କେ ଡାକେ ଆଲ୍ଲା କେ ଈଶ୍ୱର ।।୬।।
ବଉଧ କେ କହେ ଜୈନ୍ୟ ସୂର୍ଯ୍ୟ ଅଗ୍ନି
କେ କହେ ଶିବ କେ କାଳିଆ
ନାଆଁରେ କି ଅଛି ତୁମ ପରି ବାବୁ
ମୋ ଦେହ ରକତ ନାଲିଆ ।।୭।।
ମୁଁ କେବେ ମୁଲିଆ ମୁଁ କେବେ ପରଜା
ମୁଁ କେବେ ରାଜନ ହୁଅଇ,
ସମସ୍ତଙ୍କ କାମ ମହାନ ମୋ ପାଇଁ
ସମସ୍ତଙ୍କୁ ପୂଜା କରଇ ।।୮।।
ସତ୍ୟକୁ କାହିଁ ଭୁଲିତ ଯାଉଛ
ସମସ୍ତଙ୍କ ରକ୍ତ ନାଲିଆ,
ମଣିଷକୁ ସର୍ବେ ପୂଜା କରି ଶିଖ
ଭୁଲ ନା ମଣିଷପଣିଆ ।।୯।।
ନିଦ ଭାଙ୍ଗିଗଲା ସେ ତ ଚାଲିଗଲା
ହାତ ଯୋଡ଼ି କଲି ବନ୍ଦନା,
ହେ ଯୁଦ୍ଧ ମୁଁ ତୋତେ ନେହୁରା ହେଉଛି
ମଣିଷକୁ ଆଉ କନ୍ଦାଅନା ।।୧୦।।
ମଣିଷକୁ ଯଦି ପୂଜିବୁ ବାବୁରେ
ପ୍ରଭୁପଣ ସିନା ଲଭିବୁ,
ସାରା ପୃଥିବୀର ଅଭିଧାନେ ତୁହି
ଯୁଦ୍ଧ ଶବ୍ଦ ନାହିଁ ପାଇବୁ ।।୧୧।।
ତୁ ରଚିବୁ ଏକ ନୂଆ ଅଭିଧାନ
ଶବ୍ଦ ହିଂସା ଈର୍ଷା ଗରବ,
ଲିଭି ଯାଇଥିବ ସେ ଅଭିଧାନରୁ
ରାଜା ଅର୍ଥ ପ୍ରଜା ହୋଇବ ।।୧୨।।

**ନୀଳାଦ୍ରି ବିହାର, ସେକ୍ଟର - ୧/୭,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,**
**ପିନ୍-୭୫୧୦୨୧,**
**ମୋ-୭୬୮୪୦୭୦୭୮୪**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୯ ଦିନରେ...

ପୁଣି ତେଲ ଦର ବଢ଼ିଛି । ମଧ୍ୟପ୍ରାଚ୍ୟରେ ପ୍ରାୟ ୩ ମାସ ହେଲାଣି ଯୁଦ୍ଧ ପରିସ୍ଥିତି ଯୋଗୁଁ ଭାରତୀୟ ତୈଳ ଓ ଗ୍ୟାସ ଅର୍ଥନୀତି ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ଓ ଗ୍ୟାସ ଆସିପାରୁନଥିବାରୁ ପ୍ରାୟ ୪୦ ପ୍ରତିଶତ ଅଶୋଧିତ ତୈଳ, ୫୦ ପ୍ରତିଶତ ଏଲଏନ୍‌ଜି ଓ ୯୦ ପ୍ରତିଶତ ଏଲ୍‌ପିଜି ଆମଦାନୀରେ ପ୍ରଭାବ ପଡ଼ିଛି । ପେଟ୍ରୋଲିୟମ ପ୍ଲାନିଂ ଓ ଆନାଲିସିସ୍ ସେଲର ୨୨ ତାରିଖ ରିପୋର୍ଟ ଅନୁଯାୟୀ ଅଶୋଧିତ ତୈଳର ମୂଲ୍ୟ ଫେବୃଆରୀ ୨୦୨୬ରେ ବ୍ୟାରେଲ୍ ପିଛା ୬୯.୦୧ ଡଲାର ଥିଲା ବେଳେ ମେ ୨୧ ସୁଦ୍ଧା ୧୦୯.୩୧ ଡଲାରେ ପହଞ୍ଚିଛି । ପ୍ରାୟ ୪୦.୩ ଡଲାର ବ୍ୟାରେଲ୍ ପିଛା ବୃଦ୍ଧି ହେଉଛି । ମେ ମାସରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୦୭.୯୬ ଡଲାର ବୃଦ୍ଧି ହୋଇଛି । ଭାରତ ୮୫ ପ୍ରତିଶତ ଅଶୋଧିତ ତୈଳ, ୬୦ ପ୍ରତିଶତ ଏଲପିଜି ଲାଗି ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରିଥାଏ । ଆମେରିକା ଓ ଇରାନ ମଧ୍ୟରେ ବିବାଦ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ତୈଳବାହୀ ଜାହାଜ ଆସିପାରୁନାହିଁ । ତେବେ ତେଲ ଦର ବୃଦ୍ଧି ଯୋଗୁଁ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏବେ ବି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ବୃଦ୍ଧି ଘଟିଛି ।

## ଅସହ୍ୟ...

ଏଭଳି ଜାରି ରହିପାରେ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି(ଶନିବାର) ଦକ୍ଷିଣ-ପଶ୍ଚିମ ଆରବ ସାଗରର କିଛି ଅଞ୍ଚଳ, ଦକ୍ଷିଣ-ପୂର୍ବ ଆରବ ସାଗରର ଆହୁରି କିଛି ଅଞ୍ଚଳ, କୋମୋରିନ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ-ମଧ୍ୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳକୁ ଆହୁରି ଅଗ୍ରସର ହୋଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଶନିବାର ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୫.୨ଡିଗ୍ରୀ ରହିଥିବା ବେଳେ ସମ୍ବଲପୁରରେ ୪୫ ଡିଗ୍ରୀ, ହୀରାକୁଦରେ ୪୫ ଡିଗ୍ରୀ, ଟିଟିଲାଗଡ଼ରେ ୪୫ ଡିଗ୍ରୀ, ବୌଦ୍ଧରେ ୪୫ ଡିଗ୍ରୀ, ସୋନପୁରରେ ୪୪.୭ ଡିଗ୍ରୀ, ବଲାଙ୍ଗୀରରେ ୪୪.୫ ଡିଗ୍ରୀ, ଭବାନୀପାଟଣାରେ ୪୪.୫ ଡିଗ୍ରୀ, ନୂଆପଡ଼ାରେ ୪୩.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୨ ଡିଗ୍ରୀ, ରାଉରକେଲାରେ ୪୧.୬ ଡିଗ୍ରୀ, ନୟାଗଡ଼ରେ ୪୧.୩ ଡିଗ୍ରୀ, ଫୁଲବାଣୀରେ ୪୧.୭ ଡିଗ୍ରୀ, ମାଲକାନଗିରିରେ ୪୧.୨ ଡିଗ୍ରୀ, ନବରଙ୍ଗପୁରରେ ୪୧ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୫ ଡିଗ୍ରୀ ଓ ଭୁବନେଶ୍ୱରରେ ୩୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ରବିବାର ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ ଆଦି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେବ । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ବହୁ ସ୍ଥାନରେ ଗରମ ସହିତ ଗୁଳୁଗୁଳି ଅନୁଭୂତ ହେବ । ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ।

## ମନଇଛା...

ପଦକ୍ଷେପ ନେଇଛନ୍ତି । ବଦଳି ନିର୍ଦ୍ଦେଶ ନାମାରେ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜୟନିଂ ସମସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ । କେଉଁ କର୍ମଚାରୀ ଓ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଭାବେ ଲେଖାଯିବ । ନିର୍ଦ୍ଧାରିତ ସମସସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ । ଫଳରେ ବଦଳି ଏଡାଇବା ପାଇଁ ବଢୁଥିବା ଚାପକୁ ରୋକାଯାଇପାରିବ । କେତେକ ବିଭାଗ ମନଇଛା ବଦଳି କରୁଥିଲେ । ଏଣିକି ସାଧାରଣ ବଦଳି ପ୍ରତିବର୍ଷ ଏପ୍ରିଲ ୧୫ ରୁ ଜୁନ୍ ୧୫ ମଧ୍ୟରେ ହେବ । ଯଦି ଏହି ସମୟ ବାହାରେ କୌଣସି ବଦଳି ଜରୁରୀ ହୁଏ, ତେବେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ ଆଗୁଆ ମଞ୍ଜୁରୀ ନେବା ବାଧ୍ୟତା ମୂଳକ ହେବ । ଗ୍ରୁପ ସି କର୍ମଚାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଞ୍ଚଳରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ । ସେହିପରି ଗ୍ରୁପ୍ ଏପ ଗ୍ରୁପ ବି ଅଧିକାରୀମାନେ ଗୋଟିଏ ରାଜସ୍ୱ ଜିଲ୍ଲାରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ରହିପାରବେ । ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣ ବଦଳି ଯୋଗ୍ୟ ମିନିଷ୍ଟରିଆଲ କ୍ୟାଡର ପାଇଁ ଲାଗୁ ହେବ । ଏଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ଆସନରେ ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ ନାହିଁ । କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ଏହି ସମୟସୀମା ବଢ଼ାଯାଇପାରିବ । ଗ୍ରୁପ ଏ ଗ୍ରୁପ ବି ବର୍ଗରେ ସମ୍ବେଦନଶୀଳ ପଦବି ଗୁଡିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ । କେଉଁ ପଦବିକୁ ସମ୍ବେଦନଶୀଳ ବୋଲି ବିବେଚିତ କରାଯିବ ତାହା ସମ୍ପୃକ୍ତ ପ୍ରଶାସନିକ ବିଭାଗ ସ୍ଥିର କରିବ । ସମ୍ବେଦନଶୀଳ ପଦବୀରେ ନଥିବା କର୍ମଚାରୀମାନେ ସେମାନଙ୍କ ଅବସରର ଦୁଇବର୍ଷ ପୂର୍ବରୁ ନିଜ ଜିଲ୍ଲା କିମ୍ବା ପସନ୍ଦର ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିପାରିବେ । ଯେଉଁ ଅଧିକାରୀମାନେ କେବିକେ ଅଞ୍ଚଳରେ କ୍ରମାଗତ ଭାବେ ୬ ବର୍ଷ କାର୍ଯ୍ୟ କରିଥିବେ ସେମାନଙ୍କୁ ମଧ୍ୟ ସମ୍ବେଦନଶୀଳ ପଦବି ବ୍ୟତୀତ ନିଜ ଗୃହ ଜିଲ୍ଲା କିମ୍ବା ପସନ୍ଦର ସ୍ଥାନ ବଦଳି କରାଯିବା ନେଇ ବିଚାର କରାଯିବ । ସରକାରୀ ଚାକିରିଆ ଦମ୍ପତିଙ୍କ ପାଇଁ ମଧ୍ୟ ନୀତିରେ ବ୍ୟବସ୍ଥା ରହିଛି । ସମ୍ବେଦନଶୀଳ ପଦବିରେ କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ସ୍ଥାନରେ ପୋଷ୍ଟିଂ ଦିଆଯାଇପାରିବ । ପ୍ରଶାସନିକ ବିଭାଗ ନିଜ ବିଭାଗର ପୁରୁଣା ବଦଳି ନୀତିକୁ ନୂଆ ମୂଳନୀତି ସହ ମିଶାଇ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସଂଶୋଧିତ ଗାଇଡ୍ ଲାଇନ୍ ସମଗ୍ର ରାଜ୍ୟରେ କଡାକଡି ଭାବେ ପାଳନ କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ସ୍ପଷ୍ଟ କରିଛି ।

## ଆଇନ୍ ଶୃଙ୍ଖଳକୁ...

ପ୍ରଭାବିତ କରୁଛି । ଯଦି ନିର୍ବାଚିତ ନେତାମାନେ ସୁରକ୍ଷିତ ନୁହଁନ୍ତି ଓ ସେମାନଙ୍କ ସାମ୍ବିଧାନିକ ଦାୟିତ୍ୱ ପୂରଣ କରିବାକୁ ବାଧା ସୃଷ୍ଟି କରାଯାଉଛି ତେବେ ସାଧାରଣ ନାଗରିକ କିଭଳି ସୁରକ୍ଷିତ ରହିବେ । ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନବୀନ ଚିଠିରେ ଦାବି କରିଛନ୍ତି ।

## କୋଇଲା ଖଣି...

ସହରର ଲିଉସେନ୍ୟୁ କୋଇଲା ଖଣିରେ ଏହି ଦୁର୍ଘଟଣା ଘଟିଛି । ଖଣି ଭିତରେ କର୍ବନ ମନକ୍ ସାଇଡ୍ ଗ୍ୟାସ ସମ୍ପର୍କରେ ସତର୍କ ସୂଚନା ଦିଆଯାଇଥିଲା । ଏହା ପରେ ବଡ ଦୁର୍ଘଟଣା ଘଟିଛି । ବିସ୍ଫୋରଣ ସମୟରେ ୨୪୭ ଜଣ ଶ୍ରମିକ ଖଣି ମଧ୍ୟରେ କାର୍ଯ୍ୟ କରୁଥିଲେ । ଶାଂକ୍ସି ହେଉଛି ଚୀନ ସର୍ବ ବୃହତ୍ତ କୋଇଲା ଉତ୍ପାଦନକାରୀ ପ୍ରଦେଶ । ଖଣି ସୁରକ୍ଷା ମାନ ଦଣ୍ଡରେ ଉନ୍ନତି ଆସିଛି ବୋଲି ଚୀନ ଦାବି କରୁଥିଲେ ହେଁ ଦୁର୍ଘଟଣା ଉପରେ ଦୁର୍ଘଟଣା ଘଟିବାରେ ଲାଗିଛି ।

## ମାଛକୁଣ୍ଡ...

ଯୋଗୁଁ ବିଦ୍ୟୁତ ଉତ୍ପାଦନକୁ ବନ୍ଦ ରଖାଯାଇଛି । ସୂଚନା ଥାଉକି ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଦୈନିକ ୧୨୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି । ପ୍ରାୟ ୨୦୦ ରୁ ଅଧିକ କର୍ମଚାରୀ କାମ କରୁଛନ୍ତି । ଅଗ୍ନିକାଣ୍ଡ ସମୟରେ ୬ ୟୁନିଟ୍ କାର୍ଯ୍ୟରତ ଥିଲା । ତେବେ ତୁରନ୍ତ ସମସ୍ତ ୟୁନିଟ୍‌କୁ ସୁରକ୍ଷିତ ଭାବେ ବନ୍ଦ କରାଯିବା ସହ ସବୁ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା । ଘଟଣାରେ କେହି ମୃତାହତ ହୋଇନାହାନ୍ତି । ଅପରାହ୍ଣ ୪ଟା ସମୟରେ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଯାଇଥିଲା । ପ୍ରାରମ୍ଭିକ ଆକଳନ ଅନୁଯାୟୀ ବିଦ୍ୟୁତ୍ ଉତ୍ପାଦନ ପୂନଃ ଆରମ୍ଭ ହେବାକୁ ୬ ମାସରୁ ଅଧିକ ସମୟ ଲାଗିବ ।

# ବିଜେଡ଼ିର ନାରୀ ଅଧିକାର ଅଭିଯାନ

ନୀଳଗିର, (ସବ୍ୟୁ): ନୀଳଗିରି ନିର୍ବାଚନ ମଣ୍ଡଳୀ ବିଜେଡ଼ି ଆନୁକୂଲ୍ୟରେ ବିଜେଡ଼ି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ନ ୯ଟାରେ ନୀଳଗିରି ବାଇ ପାସ ଠାରେ ହଜାରେରୁ ଉର୍ଦ୍ଧ ମହିଳା ବିଜେଡ଼ି ଜନ ପ୍ରତିନିଧି, ନେତ୍ରୀ, ମହିଳା କର୍ମୀ ଏକଜୁଟ ହୋଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଓ ପରେ ଏକ ବିଶାଳ ପଦଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ପରେ କେଶି ହାଇସ୍କୁଲ ପଡିଆରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସଭାପତିତ୍ୱ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମଂଚାସିନ ଅତିଥିମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ସଂଗଠନ ଉପସଭାପତି ତଥା ନାରୀ ନେତ୍ରୀ ସୁନୀତି ସିଂ, ବିଜେଡ଼ି କାର୍ଯ୍ୟକାରିଣୀ ଯୁବ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜେଯାତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଉମିଳତା ଦାସ, ନୀଳଗିରି ବ୍ଲକ ସଭାପତି ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ମହିଳା ନେତ୍ରୀ ତଥା ମୟୁରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥୀନୀ ପ୍ରିତୀନନ୍ଦା କାନୁନଗୋ, ପୂର୍ବତନ ଏସଏସଡ଼ି ଅଧ୍ୟକ୍ଷ ମଦନ ମୋହନ ମାଝୀ, ପୂର୍ବତନ ଏନ ଏ ସି ସଭାପତି ରବୀନ୍ଦ୍ର ପରିଡ଼ା, ଏନଏସି ୭ ନମ୍ବର ଓ୍ୱାଡ଼ ବାଲିଗୋହିରି କାଉନସିଲର କମଳାମଣି ପରିଡ଼ା, ପୂର୍ବତନ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ପ୍ରମୁଖ ମଂଚାସୀନ ଥିଲେ ।

# ରାଜସୁନାଖଳାରେ ଅଘୋଷିତ ବିଦ୍ୟୁତକାଟ : ରାସ୍ତା ଅବରୋଧ



ରଣପୁର/ସୁନାଖଳା ,(ସବ୍ୟୁ): :ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଅସହ୍ୟ ହୋଇ ଯାଇଛି ଗରମ ଓ ଗୁଳୁଗୁଳି । ଏହା ସହିତ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ରାଜ୍ୟ ସରକାର ଅଘୋଷିତ ବିଦ୍ୟୁତ କାଟକୁ ଏକ ଦଣ୍ଡନୀୟ ଅପରାଧ ଘୋଷଣା କରିଥିଲେ ମଧ୍ୟ ଟାଟା କମ୍ପାନୀ ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି ବିଭିନ୍ନ ଆଳ ଦେଖାଇ ଦୈନିକ ୮ରୁ ୧୦ ଥର ଅଘୋଷିତ ବିଦ୍ୟୁତ କାଟ କରୁଛି । ରଣପୁର ଓ ରାଜସୁନାଖଳା ବିଦ୍ୟୁତ ଷ୍ଟେସନରେ ଏହି ଅଘୋଷିତ ଓ ଅନିୟମିତ ବିଦ୍ୟୁତ କାଟରେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା, କାସନ୍ଦା, ସୂର୍କାବଡି, ନରେନ୍ଦ୍ର ପୁର ଗ୍ରାମର ଲୋକମାନେ ଅତିଷ୍ଠ ହୋଇ ପ୍ରତିବାଦ କରିଥିଲେ । ଗ୍ରାମବାସୀମାନେ ରାଜସୁନାଖଳା ଗ୍ରିଡକୁ ଘେରାଉ କରିବା ସହିତ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଶହଶହ ଗାଡି ରାଜ ରାସ୍ତାରେ ଲମ୍ବିବା ସହିତ ଘଣ୍ଟାଘଣ୍ଟା ଧରି ଯାତାୟାତ ଠପ ରହିଥିଲା । ରାଜସୁନାଖଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ଯାତାୟାତ ନିୟନ୍ତ୍ରଣ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରତ୍ୟକ୍ଷ ଭାବରେ ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କୁ ଅଘୋଷିତ ବିଦ୍ୟୁତ ନକାଟିବା ପାଇଁ ତାଗିଦ କରିଥିଲେ । ଏଥି ସହିତ ଲୋକଙ୍କୁ ବୁଝାସୁଝା କରି ପୋଲିସ ,ବିଦ୍ୟୁତ କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଗାମୀ ଦିନରେ ଏକ ବୈଠକ ବସାଇ ବିଦ୍ୟୁତ ସମସ୍ୟାର ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ଏହି ଘେରାଉରେ ରାଜସୁନାଖଳା ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ସାହୁ ,କାସନ୍ଦା ସରପଞ୍ଚ ପ୍ରତିନିଧି କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଓ ସ୍ଥାନୀୟ ଅଞ୍ଚଳର ଶହ ଶହ ଗ୍ରାମବାସୀମାନେ ସାମିଲ ଥିଲେ ।

# ମହାବୀର କଲୋନୀରେ ପାନୀୟ ଜଳର ଉତ୍କଟ ସମସ୍ୟା

ସାକ୍ଷୀଗୋପାଳ , (ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟ ପୁର ପଞ୍ଚାୟତର ଜୟପୁର ମୌଜା ଅଧୀନ ମହାବୀର କଲୋନୀରେ ମାସ ମାସ ଧରି ନାଳରେ ଦୂଷିତ ଜଳ ନିଷ୍କାସିତ ହୋଇ ନପାରି ପୂତଗନ୍ଧମୟ ପରିବେଶ ସୃଷ୍ଟି ହୋଇଅଛି । ସେହିପରି ଦୀର୍ଘଦିନ ହେଲା ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ବୋଲି କହୁଥିଲେ ମଧ୍ୟ, ଜଳ ଯୋଗାଣ ବିଭାଗର ଅବହେଳା ପାଇଁ ,ପାଣି ମୁନ୍ଦେ ନମିଳିବାରୁ କଲୋନୀ ବାସୀ ପାନୀୟ ଜଳ ନିମନ୍ତେ ଛଟ ପଟ ହେଉଛନ୍ତି । ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ବିଡ଼ିଓ, ସତ୍ୟବାଦୀ, ଓ ତହସିଲଦାର, ସତ୍ୟବାଦୀଙ୍କୁ ଅବଗତ କରାଯାଇଅଛି । ବିଡ଼ିଓ ଦେବାଶିଷ ନାୟକ ଓ ବ୍ଲକ ଜୁନିଅର ଇଞ୍ଜିନିୟର ପ୍ରମଥା ତ୍ରିପାଠୀ, କଲୋନିରେ ସର ଜାମିନ ତଦନ୍ତ କରି ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । କଲୋନୀ ବାସିନ୍ଦାମାନେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ,ସମସ୍ୟା ବିଷୟରେ ଅବଗତ କରିଥିଲେ । କଲୋନୀ ବାସୀଙ୍କ ତରଫରୁ ନବଘନ ଶତପଥୀ, ବିଜୟ କୁମାର ପରିଡ଼ା, ସନ୍ତୋଷ କୁମାର ତ୍ରିପାଠୀ, କୈଳାଶ ଚନ୍ଦ୍ର ମହାପାତ୍ର, ପ୍ରକାଶ କୁମାର ବାରିକ, ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରକାଶ କୁମାର ଦାଶ, ଅରମିନି ପଟ୍ଟନାୟକ, ଗୋଲାପ ଜେନା ଓ ଅନ୍ୟମାନେ ଏହି ଅବସରରେ ତହସିଲଦାର ଶ୍ରୀ ପାଣିଗ୍ରାହୀଙ୍କୁ ସାକ୍ଷାତ କରିଥିଲେ । ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ଶ୍ରୀପାଣିଗ୍ରାହୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

# ଜିଲ୍ଲା ଟପ୍ପର କମଳାକାନ୍ତ ରଣାଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ ତାଳପଦା ଗ୍ରାମର ଅକ୍ଷୟ ରଣା ଓ ପାର୍ବତୀ ରଣାଙ୍କ ସୁପୁତ୍ର କମଳାକାନ୍ତ ରଣା ଚଳିତ ବର୍ଷର ୨ପରୀକ୍ଷାରେ ଭଦ୍ରକ ଜିଲ୍ଲାରେ ସର୍ବାଧିକ ନମ୍ବର ରଖି ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କମଳାକାନ୍ତ ୨ବିଜ୍ଞାନ ପରୀକ୍ଷାରେ ୫୮୬ ନମ୍ବର ତଥା ୯୭.୬୬ ପ୍ରତିଶତ ହାସଲ କରି ଭଦ୍ରକ ଜିଲ୍ଲା ଟପର ହୋଇ ଥିବାବେଳେ ସମଗ୍ର ଓଡ଼ିଶାରେ ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ତାଙ୍କ ଏହି କୃତିତ୍ୱ ପରେ ଧାମନଗର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କମଳାକାନ୍ତଙ୍କୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି କମଳାକାନ୍ତଙ୍କ ବାସଭବନରେ ପହଂଚି ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ପାଠ୍ୟପୁସ୍ତକ ଓ ପଠନ ସାମଗ୍ରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମେଧାବୀ ଛାତ୍ର କମଳାକାନ୍ତଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

# ରାମଚନ୍ଦ୍ରପୁର ପଞ୍ଚାୟତ ଆଗରେ ଗଣଧାରଣା ୨ୟ ଦିନରେ

ବନ୍ତ,(ସବ୍ୟୁ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଆଗରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଗଣଧାରଣା ଶନିବାର ୨ୟ ଦିନରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ରାସନକାର୍ଡରେ ଗରିବ ଲୋକଙ୍କୁ ଅନ୍ତର୍ଭୁକ୍ତ କରାନଯିବା, ବାର୍ଦ୍ଧକ୍ୟ ଭତ୍ତାରୁ ବୃଦ୍ଧବୃଦ୍ଧା ଓ ବିଧବା ମାନଙ୍କୁ ବଞ୍ଚିତ କରାଯିବା, ୮୦ ବର୍ଷରୁ ଉର୍ଦ୍ଧ୍ୱର୍ ଭତ୍ତାଧାରୀଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ପ୍ରଦାନରେ ଅବହେଳା ପ୍ରଦର୍ଶନ ସହିତ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଆର୍ଥିକ ବାଟମାରଣା ପ୍ରତିବାଦରେ ଏହି ଗଣଧାରଣା ଚାଲିଛି। ସିପିଆଇ ଶାଖା ସମ୍ପାଦକ ଜୟନ୍ତ ଜେନାଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁର, ପାନପଦୀ, ବର୍ଚ୍ଛିକୟାଁ, ସାହାରାଗଡିଆ, ବରପଦୀ, ଗୋବିନ୍ଦପୁର ଆଦି ଗ୍ରାମର ଶତାଧିକ ମହିଳା, ପୁରୁଷଙ୍କ ସମେତ ବିଭିନ୍ନ ଯୋଜନାରୁ ବାଦ ପଡିଥିବା ହିତାଧିକାରୀ ଏବଂ ଦିବ୍ୟାଙ୍ଗ ମାନେ ଏହି ଗଣ ଧାରଣାରେ ସାମିଲ ଅଛନ୍ତି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ଧାରଣାକାରୀ ମାନେ ପଞ୍ଚାୟତ ଆଗରେ ବସିଥିବା ବେଳେ ପଞ୍ଚାୟତ ଅଫିସ ଖୋଲା ନଯିବା ଏବଂ ଧାରଣାକାରୀଙ୍କ ପାଇଁ ପାନୀୟ ଜଳ ଯୋଗାଇ ନଦେବା ଅଭିଯୋଗ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ଲକ କିମ୍ବା ଜିଲା ପ୍ରଶାସନ ଧାରଣା ସ୍ଥଳରେ ପହଞ୍ଚି ନଥିବା ସୂଚନା ମିଳିଛି ଅପରପକ୍ଷେ ଧାରଣା ଜାରି ରହିଥିବା ଜଣାଯାଇଛି।

# ପଥଚାରୀଙ୍କ ଶୋଷ ମେଣ୍ଟାଉଛି ଯୁବମୋର୍ଚ୍ଚା ଜଳଛତ୍ର

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ଚଣ୍ଡିମନ୍ଦିର ଛକ ରେ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ପକ୍ଷରୁ ଜଳ ଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜଳ ଛତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଉଦଘାଟନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ୪୦ ଡ଼ିଗ୍ରୀ ଅଗ୍ନ ବର୍ଷା ହେଉନଥିବାରୁ ଏହାକୁ ଦେଖି ବେତନଟୀ ଯୁବ ମୋର୍ଚ୍ଚାର ସଦସ୍ୟମାନେ ଏକ ଜଳଛତ୍ର ର ବ୍ୟବସ୍ଥା କରିଥିଲେ । ଏହି କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି କ୍ରୀଷ୍ଣା ପୁଙ୍ଗୀଆ ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ସଧାରଣ ସମ୍ପାଦକ କ୍ଷୀତିଶ କୁମାର ମହାନ୍ତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମ୍ବୀକା ବାରିକ, ଆଗ୍ରୀଆ ସରପଞ୍ଚ ମିନତୀ ସିଂ, ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦୀକା ପ୍ରଭାତୀ ମହାନ୍ତି, ଗୀତାଞ୍ଜଳି ଭୂଆଁ, ଅନନ୍ଦୀତା ସାହୁ, ମହିଳା ମୋର୍ଚ୍ଚା ସଭାପତି ମୀନା ମହାନ୍ତି, ସୁନନ୍ଦା ନାୟକ, ହିମାଂଶୁ କବାଟ, ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ବେତନଟୀ ଯୁବ ମୋର୍ଚ୍ଚାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଜଳଛତ୍ର ଯୋଗୁଁ ଶତାଧିକ ପଥଚାରୀ ଉପକୃତ ହେଉଥିବାର ଦେଖାଯାଉଛି ।

# ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଭାପୁର ,(ସବ୍ୟୁ): ଗ୍ରାମବାସୀ ନିଜ ଗ୍ରାମର ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦୁର୍ନୀତି ଖୋର ରାଜନେତା ତଥା ବ୍ଲକ ପ୍ରଶାସନକୁ ଜଣେଇଲେ ମଧ୍ୟ ସେମାନେ ଗ୍ରାମବାସୀଙ୍କ ସମସ୍ୟାକୁ ଅଣଦେଖା କରିଆସୁଥିଲେ । ଫଳରେ,ସାନସହରା ଓ ନିମାଣୀ ଉଭୟ ଗ୍ରାମବାସୀ ମିଳିତ ହୋଇ ସେ ରାସ୍ତାକୁ ନିଜର ଅର୍ଥ,ଜମି ଓ ଶ୍ରମଦାନ କରି ରାସ୍ତାନିର୍ମାଣ କରିଥିବା ଭଳି ରୋଚକ ଦୃଶ୍ୟ ଭାପୁର ବ୍ଲକରେ ଦେଖିବାକୁ ମିଳିଛି ।ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ଗ୍ରାମ ୬ ଗୋଟି ଓ୍ୱାର୍ଡକୁ ନେଇ ଗଠିତ । ଗ୍ରାମରେ ୩୬୫ ଟି ପରିବାରରେ ୧୫୦୦ ରୁ ଉର୍ଧ ଲୋକ ବସବାସ କରନ୍ତି ।ଏହି ଗ୍ରାମର ଅଧିକାଂଶ ଦିନ ମଜୁରିଆ ରହିଥିବାବେଳେ ଆଉ କିଛି ବ୍ୟବସାୟ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି । ସେମାନେ ଭାପୁର ବ୍ଲକ ସଦର ମହକୁମାକୁ ନିୟମିତ ଯାତାୟାତ ପାଇଁ ୪/୫ କିମି ବୁଲିବୁଲି ଆସିଥାନ୍ତି କିନ୍ତୁ,ସାନସହରା ଗ୍ରାମ ଦେଇ ଏକ ସର୍ଟ ରୁଟ ରାସ୍ତା ନିର୍ମାଣ ପାଇଁ ଗ୍ରାମର ଯୁବକମାନେ ଏକଜୁଟ ହୋଇ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନକୁ ଜଣେଇଲେ ମଧ୍ୟ ସେମାନେ କର୍ଣ୍ଣପାତ କରି ନ ଥିଲେ ଫଳରେ । ଏହି ସମସ୍ୟା ଦୂର କରିବା ପାଇଁ ଗ୍ରାମ ଯୁବକମାନେ ଏକାଠି ହୋଇ ରାସ୍ତାନିର୍ମାଣ ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଆଗେଇ ଆସିଥିଲେ ।ସେମାନେ ଗ୍ରାମବାସୀଙ୍କ ଠାରୁ ମୁକ୍ତହସ୍ତରେ ଅର୍ଥ ଓ ଜମି ଦାନ ସଂଗ୍ରହ କରି ନିଜର ଶ୍ରମଦାନ ଫଳରେ ରାସ୍ତାନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ବିଶେଷକରୀ,ସାନଶହରା ଓ ବଡ଼ଶହରା ଗ୍ରାମବାସୀମାନେ ରାସ୍ତା ନିର୍ମାଣ ପାଇଁ ନିଜର ଅମୂଲ୍ୟ ଜମି ଦାନ କରିଛନ୍ତି । ଏହି ଘଟଣା ଭାପୁର ବ୍ଲକ ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଗ୍ରାମସଭାକୁ ନେଇ ସଚେତନତାମୂଳକ ଆଲୋଚନା ସଭା

ଫୁଲନଖରା , (ସବ୍ୟୁ): :ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ଗ୍ରାମ ପଞ୍ଚାୟତରେ ଗ୍ରାମସଭାରେ ଜନସାଧାରଣଙ୍କ ବ୍ୟାପକ ଭାଗିଦାରିତା ଓ ଗ୍ରାମୀଣ ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ସଚେତନତାମୂଳକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ରାଜ୍ୟ ଉପଦେଷ୍ଟା ତପସ୍ୱିନୀ ଚୌଧୁରୀ, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର (ଦକ୍ଷତା ବିକାଶ) ଅମ୍ରିତା ମହାନ୍ତି ଏବଂ ଜିଲ୍ଲା ରାଷ୍ଟ୍ରୀୟ ଗ୍ରାମ୍ୟ ସରାଜ ଅଭିଯାନର ଡିପିଏମ ସେଫାଳି ଦାସ ଯୋଗଦେଇ ଗ୍ରାମସଭାର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ଅଧିକାରୀମାନେ କହିଥିଲେ ଯେ, ଗ୍ରାମସଭା ହେଉଛି ଗ୍ରାମ ପଞ୍ଚାୟତର ଲୋକତାନ୍ତ୍ରିକ ଭିତ୍ତିସ୍ତମ୍ଭ । ଗ୍ରାମର ଉନ୍ନୟନ, ପାନୀୟଜଳ, ସ୍ୱଚ୍ଛତା, ରାସ୍ତାଘାଟ, ସାମାଜିକ ସୁରକ୍ଷା ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଅତ୍ୟନ୍ତ ଆବଶ୍ୟକ । ଏହା ଦ୍ୱାରା ସରକାରୀ ଯୋଜନା ଗୁଡ଼ିକ ନିମ୍ନସ୍ତରରେ ସଠିକ ଭାବରେ ପହଞ୍ଚିବା ସହ ଲୋକମାନଙ୍କ ଆବଶ୍ୟକତା ଓ ସମସ୍ୟାର ଯଥାର୍ଥ ସମାଧାନ ସମ୍ଭବ ହୋଇପାରିବ ବୋଲି ସେମାନେ ଉଲ୍ଲେଖ କରିଥିଲେ । ଏହି ଅବସରରେ ସରପଞ୍ଚ ମାନିନୀ ସାହୁଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା କରାଯାଇ ଗ୍ରାମସଭାରେ କିପରି ଅଧିକ ସଂଖ୍ୟକ ଲୋକଙ୍କ ଉପସ୍ଥିତି ସୁନିଶ୍ଚିତ କରାଯାଇପାରିବ ସେଥିପାଇଁ ବିଭିନ୍ନ ପରାମର୍ଶ ନିଆଯାଇଥିଲା । ବିଶେଷକରି ମହିଳା, ଯୁବପିଢ଼ି, ସଓ୍ୱଂ ସହାୟିକା ଗୋଷ୍ଠୀର ସଦସ୍ୟା, ବୃଦ୍ଧବର୍ଗ ଓ ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ମତାମତ ସଂଗ୍ରହ କରାଯାଇଥିଲା । ଶେଷରେ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଭାଗିଦାରିତା ମାଧ୍ୟମରେ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା ।


Tender ID : 2026-ORULB-129634-1

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼

**OFFICE OF THE MUNICIPAL COUNCIL, TITILAGARH**

(Dept. of Housing & Urban Development, Govt. of Odisha)
At/Po.Ps.Titilagarh, Dist.Balangir-767033,
e-mail:titilagarhmunicipality@gmail.com
No. 1541 / Date : 22.5.2026

13001/604/2627

**e-quotation call notice**

**BID Identification No. TIG-MPL-29-2026**

Bid Documents consisting of work, Cost of Tender Paper, EMD, time of completion, and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. | Name of the work | Fitting and Fixing of floating line Jet fountain at Maharaj Sagar. |
| 2. | No. of works. | 1 nos. of Projects |
| 3. | Tender Cost | As per DTCN |
| 4. | Period of Completion | 90 days |
| 5. | Date &Time of availability of Bid Documents in the Portal | From 25.05.2026,12:00 noon to 16.06.2026,5:00 PM. |
| 6. | Last date & time for deposit Of Fees & Documents (in sealed envelope) at Office tender box. | upto 18.06.2026 at 12:00 noon. |
| 7. | Bids received online & Offline will be opened on | on 18.06.2026 at 01:00 pm |
| 8. | Name and address of the officer inviting Bid | Executive Officer, Titilagarh Municipality. |

Further details can be seen from the procurement portal i.e.https://tendersodisha.gov.in

Sd/- Executive Officer,
Titilagarh Municipality

OIPR : 13001/13095/1/26-27/0003



25001/226/2627 e-mail ID- rw_sonepur@yahoo.co.in

No. 2224 /Dated. 13.05.2026

**Government of Odisha**

**"e" procurement Notice**

**Bid Identification No. TENDER ONLINE SNPR-01 OF 2026-27**

| | | |
|---|---|---|
| 1. | Name of the work | Roads Works as per DTCN available in the website. (www.tendersodisha.gov.in) |
| 2. | Total No. of Work | 04 (Four) Nos. |
| 3. | Estimated Cost | Vary from Rs. 73.50 lakhs to 89.28 lakhs |
| 4. | Period of Completion | 06 (Six) Calendar Months. |
| 5. | Period and time of availability of bid document in the portal for bidding | 28.05.2026 at 11.00 AM 18.06.2026 up to 5.00 PM |
| 6. | Date and time of opening of Tender | 19.06.2026 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W.Divn. Sonepur |

(1) Other details can be seen from detailed notice inviting tenders, available in website www.tendersodisha.gov.in.
(2) Corrigendum if any shall only be published in the website : www.tenderodisha.gov.in

Sd/- Executive Engineer
Rural Works Division,
Sonepur

OIPR : 25001/25054/1/26-27/0001



**OFFICE OF THE MUNICIPAL COUNCIL, SONEPUR**

13001/609/2627

Ph.06654-220475, e-Mail-sonepurm.hud@nic.in
No. 1419/ Dt. 18.05.26

**QUOTATION CALL NOTICE**

Sealed Quotations are invited in the Prescribed Proforma from the reputed Agencies/ certified firm/ Authorized Dealer/ Sole Proprietor having up to date GST clearance certificate/ PAN card, Electrical License etc. for providing comprehensive annual maintenance contract (AMC) O General Air Conditioner for one year installed in the Town Hall of Sonepur Municipality. The quotation along with price list should reach the undersigned on or before **dt.28.05.2026** at **01.00 P.M** through Regd. Post /Speed post or in person drop in tender box and the same will be opened on **dt.29.05.2026** at **10.00A.M.** in presence of tender committee members and quotationer or their authorised representatives. Beyond the date and time and any postal delay no quotation shall be entertained. The quotation paper is available in Dist. website of Subarnapur i.e. www.subarnapur.nic.in with effect from **dt. 19.05,2026** to **28,05,2026** up to **01.00P.M.** The quotationer shall have to deposit Rs.1000/- (Rupees One Thousand) only towards cost of tender paper and Rs.10,000/-(Rupees Ten thousand) only towards EMD in shape of Demand draft in favour of **Executive Officer, Sonepur Municipality** Payable at Sonepur Nationalized Bank. The quotationer have to furnish the experience certificate with the quotation paper showing similar nature of work order. **If required the quotationer may visit the Town Hall to inspect the ACs during office hours before submitting the quotation.** The undersigned reserves the right to reject whole or part of quotation without assigning any reason thereof.

Sd/- Executive Officer
Sonepur Municipality

OIPR : 13001/13098/1/26-27/0008



**NOTIFIED AREA COUNCIL: PATNAGARH**

Letter No. 1102/Dt. 22.05.2026

13001/602/2627

**E-Procurement Notice**

1. Name of the work for which e-Tender invited - Supply of Manpower for Sanitation Service including collection of solid waste, Road sweeping, Drain Cleaning, Bush Cutting in NAC Patnagarh area for a period of one year .
2. Estimated cost of work (Annually) - **Rs. 2,33,39,688.00**
3. Eligible Intending Registered & Financially Sound Manpower Service Provider Agency/Firm's/ Trust/ N.G.Os/Company/Contractors/Proprietors having similar nature of work experience of **at least five years** and fulfilling the other criteria as given in the D.T.C.N.
4. The Bid documents will be available in the web-site i.e. **http://www.tendersodisha.gov.in** from **05.00 PM** of **22.05.2026** to **10:00 AM** of **08.06.2026** for online bidding.
5. Last date & time of receipt of Bid through online **10.00 AM** of **Dt. 08.06.2026**
6. Deposit original financial documents online: **05.00 PM** of **22.05.2026** to **10:00 AM** of **08.06.2026**
7. Opening of Bid on **08.06.2026 at 11:00 AM**
8. The bidder has to participate in online bidding only.
9. Security Deposit : **Rs. 2,33,397 /-** in shape of Fixed Deposit/Bank Guarantee in favor of "The Executive Officer, NAC Patnagarh" after award of work.

For further detail information any one can visit the-procurement portal of the Govt.of Odisha i.e.**http://www.tendersodisha.gov.in**

Sd/- Executive Officer
NAC, Patnagarh

OIPR : 13001/13102/1/26-27/0005



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ହାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୧୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ସଦଗୁରୁ ହସ୍ପିଟାଲରେ ବିରଳ କୃତିତ୍ୱ

# ଟେଭାର ପଦ୍ଧତିରେ ମହାଧମନୀ ଆନିଉରିଜମର ସଫଳ ଅସ୍ତ୍ରୋପଚାର

କଟକ, (ସବ୍ୟୁ): ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରେ ସଫଳ ହୋଇଛି ଏକ ବିରଳ ଅସ୍ତ୍ରୋପଚାର । ଜଣେ ବ୍ୟକ୍ତିଙ୍କର ବାହାର ଡାକ୍ତରଙ୍କ ବିନା ସହଯୋଗରେ ସଦଗୁରୁ ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ମାନଙ୍କ ଅକ୍ଲାନ୍ତ ପରିଶ୍ରମରେ ମହାଧମନୀ ଆନିଉରିଜମ ଭଳି ଜଟିଳ ରୋଗର ଅସ୍ତ୍ରୋପଚାର ଆତ୍ୟାଧୁନିକ ଟେଭାର ପଦ୍ଧତିରେ ସଫଳତାର ସହ ସମ୍ପନ୍ନ ହୋଇଛି। ଫଳରେ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ି ହେଇଯାଇଛି। ଟେଭାର ପଦ୍ଧତି ହେଉଛି ଛାତି ଭିତରେ ଥିବା ମହାଧମନୀର ଫୁଲା ବା ଛିଣ୍ଡିଯିବା ଭଳି ଜଟିଳ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ଏକ ଆଧୁନିକ ଓ କମ୍ କଷ୍ଟଦାୟକ ଅସ୍ତ୍ରୋପଚାର ପଦ୍ଧତି ।ଏହି ପଦ୍ଧତିରେ ଛାତିକୁ ବିରାଟ ଆକାରରେ କାଟି ଅପରେସନ କରାଯାଏ ନାହିଁ। ବରଂ ଜଙ୍ଘ ଭିତର ଦେଇ ଧମନୀ ମାଧ୍ୟମରେ ଏକ ବିଶେଷ ଷ୍ଟେଣ୍ଟ-ଗ୍ରାଫ୍ଟ ମହାଧମନୀ ଭିତରକୁ ପହଞ୍ଚାଯାଇ ଫୁଲିଥିବା କିମ୍ବା କ୍ଷତିଗ୍ରସ୍ତ ଅଂଶକୁ ଢାଙ୍କି ଦିଆଯାଏ। ଫଳରେ ରକ୍ତ



ସୁରକ୍ଷିତ ଭାବେ ପ୍ରବାହିତ ହୁଏ ଓ ମହାଧମନୀ ଫାଟିଯିବାର ଆଶଙ୍କା କମିଯାଏ ବୋଲି ଅସ୍ତ୍ରୋପଚାର କରିଥିବା ବିଶେଷଜ୍ଞ ଟିମ୍ ର ମୁଖ୍ୟ ସଦଗୁରୁ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ଡାକ୍ତର ଅନନ୍ତ ବରାଡ କହିଛନ୍ତି। ବରିଷ୍ଠ ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକଙ୍କ ପରାମର୍ଶରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ଓମପ୍ରକାଶ ନାୟକ ଏବଂ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସୁବ୍ରତ କୁମାର ନାୟକ ଏଥିରେ ପୂର୍ଣ୍ଣ ସହଯୋଗ କରିଥିବାରୁ ଏଭଳି ଜଟିଳ ଚିକିତ୍ସା ସଫଳ ହୋଇଥିବା ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ଏହି ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ସଦଗୁରୁ ହସ୍ପିଟାଲ ପୁଣିଥରେ ଉନ୍ନତ ହୃଦବକ୍ଷ ଚିକିତ୍ସା ସେବା କ୍ଷେତ୍ରରେ ନିଜର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ ଦେଇଛି।ସୂଚନା ଥାଉକି ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳର ବାସିନ୍ଦା କୃଷ୍ଣଚନ୍ଦ୍ର ପ୍ରଧାନ ଦୀର୍ଘଦିନ ଧରି ମହାଧମନୀ ଫୁଲା ରୋଗରେ ପୀଡ଼ିତ ଥିଲେ।ପରୀକ୍ଷା ଓ ସ୍କାନ୍ ରିପୋର୍ଟରୁ ଜଣାପଡ଼ିଥିଲା ଯେ ରୋଗୀଙ୍କ ମହାଧମନୀର ବଡ଼ ଅଂଶ ଆନିଉରିଜମ ଦ୍ୱାରା ପ୍ରଭାବିତ ହୋଇଥିବାରୁ ରୋଗଟି ଜଟିଳ ଅବସ୍ଥାରେ ରହିଛି। ଏହାକୁ ସଦଗୁରୁର ବିଶେଷଜ୍ଞ ଡାକ୍ତରୀ ଦଳ ଚ୍ୟାଲେଞ୍ଜିଙ୍ଗ ଭାବେ ଗ୍ରହଣ କରି ଟେଭାରେ ପଦ୍ଧତିରେ ସଫଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟ ଦ୍ରୁତ ଭାବେ ସୁଧାର ଆସିଥିଲା ଏବଂ ମାତ୍ର ପାଞ୍ଚ ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସ୍ଚାର୍ଜ ହୋଇଥିଲେ। ଅତ୍ୟାଧୁନିକ ଓ ବ୍ୟୟବହୁଳ ଚିକିତ୍ସାକୁ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅଧୀନର ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା।

## ଉତ୍କଳ ଭାରତୀୟ ସଂଘଠନ ତରଫରୁ ମେଧାବୀ ପ୍ରତିଭା ସମ୍ମାନ ଅନୁଷ୍ଠିତ

ଜଟଣୀ, (ସବ୍ୟୁ): ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ସିଟି କେୟାର ହସ୍ପିଟାଲ ପରିସରରେ ମହାଡମ୍ବର ସହକାରେ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ଚଳିତ ବର୍ଷ ଦଶମ ଶ୍ରେଣୀରେ ୫୪୦ ନମ୍ବର ରଖି ଜଟଣୀର ଚାରି ଜଣ ମେଧାବୀ ଛତ୍ରଛାତ୍ରୀ ସ୍ଥାନୀୟ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠର ଛାତ୍ର ବାସୁଦେବ ତ୍ରିପାଠୀ, କୁଦିଆରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶନୀ, ଛାତ୍ର ବିଶ୍ୱ ବିଜୟ ସାହାଣୀ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନିଶ୍ମିତା ବାରିକ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ସତ୍ୟବ୍ରତ ତ୍ରିପାଠୀ,ଭାରତୀୟ ଶ୍ରମିକ ସଂଗଠନର ଆବାହକ ରମେଶ କୁମାର ଦାସ, ଉପଦେଷ୍ଟା ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ରକ୍ତ କର୍କଟ ଆଉ ଦୂରାରୋଗ୍ୟ ନୁହେଁ, ଏହାକୁ ପରାସ୍ତ କରିହେବ

ଭୁବନେଶ୍ୱର, (ସବ୍ୟୁ): ରକ୍ତ କର୍କଟ ଆଉ ଦୂରାରୋଗ୍ୟ ହୋଇ ରହିନାହିଁ। ଏହାର ଚିକିତ୍ସା ସମ୍ଭବ ଓ ଏହାକୁ ପରାସ୍ତ କରିବା ସହ ରୋଗୀ ସୁସ୍ଥ ଜୀବନ ଶୈଳୀରେ ବଂଚିପାରିବ ବୋଲି କହିଛନ୍ତି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡାକ୍ତର) ମାନସ ରଞ୍ଜନ ସାହୁ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ତର୍ଗତ




କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଓ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଂଟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ସାହୁ ସମ ହସ୍ପିଟାଲ୍ର ସ୍ୱତନ୍ତ୍ର ବିଭାଗ ପକ୍ଷରୁ ରକ୍ତ କର୍କଟ ରୋଗୀଙ୍କ ଚିକିତ୍ସାକୁ ନେଇ ଉଚ୍ଚ ପ୍ରଶଂସା କରିବା ସହ ଏହି ବିଭାଗ ଦ୍ୱାରା ୧୦୦ଟି ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ କରାଯାଇଥିବା ନେଇ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ସଫଳତାର ସହ ୧୦୦ ରୁ ଅଧିକ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ସମ୍ପନ୍ନ କରାଯିବା ନେଇ ସମ୍ପୃକ୍ତ ବିଭାଗକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ରକ୍ତ କର୍କଟ ବ୍ୟାଧିରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ କୁଳପତି କହିଥିଲେ ଯେ କର୍କଟ ରୋଗ କେବଳ ରୋଗୀକୁ ନୁହେଁ ସମଗ୍ର ପରିବାରକୁ କଷ୍ଟ ଦେଇଥାଏ ତେଣୁ ରୋଗୀଟି ସୁସ୍ଥ ହେବା ପରିବାର ପାଇଁ ଏକ ଆଶ୍ୱସ୍ତିର ବିଷୟ। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ରକ୍ତ କର୍କଟ ରୋଗରେ ରୋଗୀଙ୍କ ସେବା ଓ ଯତ୍ନ ନିହାତି ଜରୁରୀ।

## ସରକାର ଆଗୁଆ ବିଜୁଳି ସମୀକ୍ଷା କରିଥିଲେ

# ଭୟଙ୍କର ଗରମରେ ଲୋକେ ହସ୍ତସନ୍ତ ହୋଇନଥାନ୍ତେ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ଦେଖାଦେଇଥିବା ଭୟଙ୍କର ବିଦ୍ୟୁତ ସଂକଟ ଓ ଏହାକୁ ନେଇ ସାରା ରାଜ୍ୟବାସୀ ହେଉଥିବା ଅକଥନୀୟ ଦୁର୍ଦ୍ଦଶା ଉପରେ ଶନିବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୂର୍ବତନମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ, ସରକାରଙ୍କ ଅପରିଣାମଦର୍ଶିତା ଏବଂ




ଦୂରଦର୍ଶିତା ଅଭାବ ଯୋଗୁଁ ମେ ମାସର ପ୍ରଚଣ୍ଡ ଗରମରେ ରାଜ୍ୟବାସୀଙ୍କୁ ଘୋର ହଇରାଣ ହେବାକୁ ପଡୁଛି । ଯଦି ସରକାର ପୂର୍ବରୁ ବିଜୁଳି ଉତ୍ପାଦନ ଓ ବଣ୍ଟନର ସମୀକ୍ଷା କରି ଆଗୁଆ ପଦକ୍ଷେପ ନେଇଥାନ୍ତେ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ବିଜୁଳି ବିଭାଗ ଆଇନର ପରିଚ୍ଛେଦ ୧୫୩/୫୪ ଅନୁସାରେ ସ୍ୱତନ୍ତ୍ର ବିଜୁଳି କୋର୍ଟ ଗଠନ ପରିଚ୍ଛେଦ ୫୭/୬୨ ଅନୁସାରେ ବିଜୁଳି ବଣ୍ଟନ ସଂସ୍ଥାଙ୍କ କାର୍ଯ୍ୟଦକ୍ଷତା ଏବଂ ଗୁଣବତ୍ତାର ସମୀକ୍ଷା ନିଶ୍ଚିତ କରେ । ପରିଚ୍ଛେଦ ୪୨ (ଏସ) ଅନୁସାରେ ପ୍ରତ୍ୟେକ ବିଜଳି ବଂଟନ କମ୍ପାନୀ ଗ୍ରାହକ ଅଭିଯୋଗ କେନ୍ଦ୍ର ସ୍ଥାପନ କରିବ । ଫଲଫି ମିଟର ବିଲିଙ୍ଗ କନ୍ଦଳ, ବିଜୁଳି କାଟ ଆଦି ବିଷୟରେ ଗ୍ରାହକ ଅଭିଯୋଗ କରିପାରିବେ । ପରିଚ୍ଛେଦ-୬୨ (୬) ଅନୁସାରେ ଗ୍ରାହକଙ୍କର ଅଧିକାର ଅଛି ସେମାନେ ଗୁଣଯୁକ୍ତ ଓ ଧାରା ପ୍ରବାହ ବିଜୁଳି ସେବା ପାଇପାରିବେ ଏବଂ ଏହାର ଖିଲାପରେ ବିଜୁଳି ସଂସ୍ଥାଙ୍କ ଉପରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ହୋଇପାରିବ ।

ଶ୍ରୀ କାନୁନଗୋ ରାଜ୍ୟର ଅଘୋଷିତ ବିଜୁଳିକାଟର ହିସାବ ଦେଇ କହିଲେ ମାର୍ଚ୍ଚରେ ୨୪ ଘଣ୍ଟା, ଅପ୍ରେଲରେ ୩୪ ଘଣ୍ଟା ଏବଂ ୨୦ ତାରିଖ ସୁଧା ମେ ରେ ୪୧ ଘଣ୍ଟା ବିଦ୍ୟୁତକାଟ ହୋଇଛି । ଏ ସବୁ ବିଜୁଳି ବିଭ୍ରାଟ କାରଣ ହେଉଛି ଅତିରିକ୍ତ ବିଜୁଳି ଲୋଡ ଯାହା ତଳ ସ୍ତର ଟ୍ରାନ୍ସଫରମର ଫେଲୁଅର ରୁ ଗ୍ରିଡ୍ ଫେଲୁଅର ପର୍ଯ୍ୟନ୍ତ ଘଟୁଛି । ଫଳରେ ଘରେ ମଟରରୁ ପାଣି ଉଠୁ ନାହିଁ । ପ୍ରବଳ ଗରମରେ ବିଜୁଳିକାଟ ଯୋଗୁ ଏସି, ଫ୍ୟାନ, କୁଲର ବନ୍ଦ ହୋଇ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଓ ଲୋକଙ୍କ କଥା ଶୁଣିବାକୁ କେହି ନାହାନ୍ତି । ଫଳରେ ସାଧାରଣ ଜନତା ଦଳବଦ୍ଧ ହୋଇ ବିଜୁଳି କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ କରି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଛି । ଏ ସମସ୍ତ ବିଭ୍ରାଟର ସମାଧାନ ପାଇଁ ବିଜୁଳି ବିଭାଗ ବିଜୁଳି ଅଡିଟ୍ କରିବା ନେତାଙ୍କ ଜରୁରୀ । ପ୍ରତି ଟ୍ରାନ୍ସଫରମର ପଏଣ୍ଟରେ ଯୋଗାଣ ଅଡିଟ୍ ବ୍ୟବସ୍ଥା କରାଯାଇ କେଉଁ ଘଣ୍ଟାରେ କମ୍ ବିଦ୍ୟୁତ ସରବରାହ ହୋଇଛି ଓ କାରଣ କଣ ଜଣାପଡିବ । ସମ୍ମିଳନୀରେ ଉପସ୍ଥିତ ଥିବ ପୂର୍ବତନମନ୍ତ୍ରୀ ଦେବାଶିଷ ନାୟକ କହିଲେ ବିଜେପି ସରକାର ଆସିବା ପର ଠାରୁ ଘୋର ବିଜୁଳି ସଙ୍କଟ ଦେଖାଯାଉଛି କାହିଁକି ବର୍ତ୍ତମାନ ଜାଣି ସାରିଲେଣି । ଉପସ୍ଥିତ ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ କହିଲେ ସରକାର ଓ ଟାଟା ପାୱାର ବିଭିନ୍ନ ଶିଳ୍ପ ସଂସ୍ଥାକୁ ବିଜୁଳି ଯୋଗାଣ କରିବାରେ କୌଣସି ସୃଷ୍ଟି ହେଉନାହିଁ ।

## ବାପି ଓ ଜେପିଙ୍କୁ ଜାତୀୟ ନିରାପତ୍ତା ଆଇନ୍ ଅଧୀନରେ ଅଟକ ରଖିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ)ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାପି ଓରଫ ଜ୍ୟୋତି ସମ୍ରାଟ ପ୍ରହରାଜ ଏବଂ ଜେପି ଓରଫ ଜ୍ୟୋତି ପ୍ରକାଶ ପ୍ରହରାଜ ଉଭୟଙ୍କ ପିତା–ସ୍ୱର୍ଗତ ଶିଶିର ପ୍ରହରାଜ, ଗାଁ–ଝାଡେଶ୍ୱରପୁର, ଥାନା –ଭଦ୍ରେଶ୍ୱର, ଜିଲ୍ଲା–କଟକଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହାପୂର୍ବରୁ ଆରକ୍ଷୀ ଅଧିକ୍ଷକ, କଟକ ବାପି ଓ ଜେପିଙ୍କୁ ତା ୧୯ .୦୫ .୨୦୨୬ରେ ଜାତୀୟ ନିରାପତ୍ତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବର୍ତ୍ତମାନ ବାପି ଓ ଜେପି ୨୦୨୫ ମସିହାର ଏକ ମାମଲାରେ ଭଦ୍ରେଶ୍ୱର ଥାନାର ବିଭିନ୍ନ କେସ୍ ରେ ମଣ୍ଡଳ କାରାଗାର ଚୌଦ୍ୱାର ଠାରେ ନ୍ୟାୟୀକ ହେପାଜତରେ ଅଛନ୍ତି । ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ମଣ୍ଡଳ କାରାଗାରରେ ଅଟକ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଲବଣ ସତ୍ୟାଗ୍ରହ ସଂଗ୍ରାମୀ ସ୍ମୃତି ପୀଠ କୁହୁଡ଼ିରେ ନିର୍ମାଣ ହେବ ଗାନ୍ଧୀ ମନ୍ଦିର

ଭୁବନେଶ୍ୱର,(ସବ୍ୟୁ): ଜାତିର ପିତା ମହାତ୍ମା ଗାନ୍ଧୀ ଜଣେ ବିଶାଳ ବ୍ୟକ୍ତିତ୍ୱ । ନିଜ ଜୀବନକୁ ସବୁ ସମୟରେ ଏକ ପ୍ରୟୋଗ ଭିତରେ ରଖି ସେ ସାରା ବିଶ୍ୱ ପାଇଁ ଉଦାହରଣ ପାଲଟିଛନ୍ତି । ଗାନ୍ଧିଜୀ ମୂଲ୍ୟବୋଧର ଆଧାର ଓ ବିଶ୍ୱର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ । ସେଥିପାଇଁ ଜାତିସଂଘ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନକୁ ଅହିଂସା ଦିବସ ରୂପେ ପାଳନ କରୁଥିବା ଆମ ଦେଶ ପାଇଁ ଏହା ଗର୍ବ ଓ ଗୌରବ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କ ଦ୍ୱାରା ୧୧.୪.୧୯୭୪ ମସିହାରେ ସମ୍ବଲପୁର ସହରର ଭତରାଠାରେ ଗାନ୍ଧୀ ମନ୍ଦିର ପ୍ରତିଷ୍ଠା କରାଯାଇ ପ୍ରତ୍ୟହ ପୂଜକଙ୍କ ଦ୍ୱାରା ନିୟମିତ ଦୁଇବେଳା ଗାନ୍ଧୀଜୀଙ୍କୁ ପୂଜା କରାଯାଇ ଆସୁଛି । ଯାହାକି ଏହା ଓଡ଼ିଶାର ପ୍ରଥମ ସ୍ଥାନ । ସେହିପରି ଭାରତବର୍ଷର ଅନ୍ୟତମ ଐତିହାସିକ ତୀର୍ଥଭୂମି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କୁହୁଡି । ୧୯୩୦ ମସିହା ମଇ ୨୧ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀବାଦୀ ନେତା ପୂର୍ଣ୍ଣାନନ୍ଦ ସ୍ୱାଇଁ, ମଧୁସୂଦନ ମିଶ୍ର, ଭୁବନାନନ୍ଦ ସ୍ୱାଇଁ ଓ ବାଳକୃଷ୍ଣ ସ୍ୱାଇଁ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ଓ ଲବଣ ସତ୍ୟାଗ୍ରହୀମାନେ ମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଏଠାରେ ଲବଣ ଆଇନ ଭଙ୍ଗ କରିଥିଲେ । ଯାହା ଆଜି ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଗାନ୍ଧୀଜୀଙ୍କ ଆହ୍ୱାନରେ ଅନୁପ୍ରାଣିତ ଏହି ସଂଗ୍ରାମୀ ସ୍ମୃତି ପୀଠ ପ୍ରତିବର୍ଷ ସ୍ମୃତି ବହନ କରି ଚାଲିଛି । ଉକ୍ତ ପୀଠକୁ ଜୀବନ୍ତ", ଐତିହ୍ୟ ଓ ସଂସ୍କୃତିର ଏକ ପ୍ରମୁଖ ତୀର୍ଥସ୍ଥଳୀର ମାନ୍ୟତା ଦିଆଯାଇ ଏହାର ସାମଗ୍ରୀକ ବିକାଶ ପାଇଁ ସରକାର ପଦକ୍ଷେପ ନେବାକୁ ସ୍ମୃତି ସମିତି ପକ୍ଷରୁ ନିବେଦନ କରାଯାଇଛି । ଗତ ମଇ ୨୧ ତାରିଖ ଦିନ କୁହୁଡ଼ିଠାରେ ଆୟୋଜିତ ୯୬ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଳନ ଅବସରରେ ଆଜିର ଦିନରେ ଗାନ୍ଧୀ ଚର୍ଚ୍ଚାର ଆବଶ୍ୟକତା ଶୀର୍ଷକ ଆଲୋଚନା ଚକ୍ର ଖୁବ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବେ ଆୟୋଜନ କରାଯାଇଥିବା ବେଳେ ଦେଶସେବାରେ ଯୁବ ସମାଜଙ୍କ ପାଇଁ ଏକ ମୂଲ୍ୟବୋଧ ଭିତ୍ତିକ ପ୍ରେରଣା ଥିଲା । ଗାନ୍ଧୀଜୀଙ୍କ ଆଦର୍ଶ ଓ ତାଙ୍କର ସାମଗ୍ରୀକ ଜୀବନ ସମ୍ପର୍କରେ ଯୁବସମାଜ ଅଧିକରୁ ଅଧିକ ଜାଣିବା ଦରକାର । ଏହି ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ଦ୍ୱିତୀୟ ସ୍ଥାନ ଭାବରେ ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ିଠାରେ ନିକଟ ଭବିଷ୍ୟତରେ ଦ୍ୱିତୀୟ ଗାନ୍ଧୀ ମନ୍ଦିର ନିର୍ମାଣ କରାଯାଇ ଗାନ୍ଧୀଜୀଙ୍କୁ ନିୟମିତ ପୂଜାରାତି ସହ ଏଠାରେ ପ୍ରତ୍ୟହ ସନ୍ଧ୍ୟାରେ ଗାନ୍ଧୀ ଭଜନ ପରିବେଷଣ କରାଯିବାକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଉପସ୍ଥିତ ସଭାରେ ସମସ୍ତଙ୍କ ସହଯୋଗ ଓ ସଦିଚ୍ଛା କାମନା କରିଛନ୍ତି ।

# କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ ପୋଲିସଙ୍କୁ ଛତା ବଣ୍ଟନ



କଟକ, (ସ୍ୱପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟରେ ରଖି କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟରତ ଟ୍ରାଫିକ ପୋଲିସ କର୍ମଚାରୀମାନଙ୍କୁ ଛତା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଏସିପି ଜୟନ୍ତ ଡୋରା, ଜୋନ ୬ ଏସିପି ଅଶୋକ କୁମାର ଗିରି, ଟ୍ରାଫିକ ଇନ୍ସପେକଟର ଅନିରୁଦ୍ଧ ନାୟକ ଓ ବାଦାମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି ଛତା ବଣ୍ଟନ କାର୍ଯ୍ୟକ୍ରମକୁ ଦ୍ୱରାନିତ୍ୱ କରିଥିଲେ । କମିଶନରେଟ ପୋଲିସ ପକ୍ଷରୁ ଏପରି ମହତ କାର୍ଯ୍ୟକ୍ରମକୁ ଟ୍ରାଫିକ୍ ପୋଲିସ କର୍ମଚାରୀମାନେ ପ୍ରଶଂସା କରିଛନ୍ତି ।

# ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବାକିଥିବା ଜନ ସମ୍ପର୍କ ପଦଯାତ୍ରାକୁ ବିଧାୟିକା ସୋଫିଆ ଫିରଦୋସ ଶନିବାରି ଶେଷ କରିଛନ୍ତି । ରାମଗଡ଼ ଛକରୁ ଏହି ପଦଯାତ୍ରା ବାହାରି ମାନସିଂ ପାଟଣା, ମସ୍ତରାମନାଥ, ଶେଖବଜାର, ଚଣ୍ଡୀଛକ କେଉଁଝରି କଲୋନୀ ଦେଇ କନିକାଛକ ଠାରେ ସମାପ୍ତ ହୋଇଥିଲା । ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଲଗାତାର ଡ୍ରେନ ସଫା ନହେବା, ବରିଷ୍ଠ ନାଗରିକଙ୍କର ଭତ୍ତା, ଆବାସ ଯୋଜନାରେ ଘର, ପାନୀୟଜଳ ଓ ବାରମ୍ବାର ବଦ୍ୟୁତ୍ କାଟ ଭଳି ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ । ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା କହିଛନ୍ତି । ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ



ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଞ୍ଜୟ ଦାସ, ଜଫର ବକ୍ସ, ବସନ୍ତ ନାୟକ, ଯୁଗଳ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ମଧ୍ୟ ସାମିଲ ହୋଇଥିଲେ । ଏହି ଅବସରରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗାଡ଼ଭାଲୁ ମୃତ

ଜଟଣୀ, (ସବ୍ୟୁ): ସ୍ଥାନୀୟ ରେଳବାଇ ଲୋକୋ କଲୋନୀ ଠାରେ ଅବସ୍ଥିତ ଲୋକୋ ସେଟେଲମେଣ୍ଟ ସ୍କୁଲ ଆଖପାଖ ଅଞ୍ଚଳରେ କିଛି ଅଜଣା ଜନ୍ତୁ ଶୁକ୍ରବାର ଗୃହପାଳିତ ପଶୁ ଓ ଜନସାଧାରଣଙ୍କୁ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଥିବା ସାଧାରଣରେ ପ୍ରଚାରିତ ହୋଇଥିଲା କ୍ଷ ଯାହା ଫଳରେ ଉକ୍ତ ଅଞ୍ଚଳର ଲୋକମାନେ ଗତକାଲି ଠାରୁ ଭୟଭୀତ ଅବସ୍ଥାରେ ରହୁଥିଲେ । ତେବେ ଏହି ପରିପ୍ରେକ୍ଷୀରେ ଶନିବାର ଦିନ ସମୟରେ ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଜନ୍ତୁଟି ଲୋକଙ୍କ ହାବୁଡ଼ରେ ପଡ଼ିବା ଫଳରେ ଲୋକମାନେ ତାକୁ ଘେରିଯାଇ ମାରଣାସ୍ତ୍ରରେ ଆକ୍ରମଣ କରି ତାକୁ ଘଟଣା ସ୍ଥଳରେ ମାରିଦେଇଥିଲେ କ୍ଷ ଅପରପକ୍ଷେ ଜନ୍ତୁଟିର ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ସୂଚନା ମିଳିଛି କ୍ଷ ତେବେ ଜନ୍ତୁଟିକୁ ଦେଖିବାପରେ ଜଣାପଡିଛି ସେଇଟି ଏକ ଗାଡ଼ଭାଲୁ । ଅନ୍ୟ ପକ୍ଷରେ ଏ ବାବଦରେ ଶନିବାର ଖୋର୍ଦ୍ଧା ବନବିଭାଗ ରେଞ୍ଜରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇ ଘଟଣା ବାବଦରେ ସୂଚନା ଦିଆଯିବା ସହିତ ଜନତାଙ୍କ ସୁରକ୍ଷା ତଥା ଉକ୍ତ ଅଞ୍ଚଳରେ ଲୁଚି ରହିଥିବା ଅନ୍ୟ ଗାଡ଼ଭାଲୁ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଘଞ୍ଚ ଜଙ୍ଗଲରେ ନେଇ ଛାଡିବା ପାଇଁ ଅନୁରୋଧ କରାଯାଇଥିଲା ଖବରପାଇ ରେଞ୍ଜର ଜୟକୃଷ୍ଣ ପଣ୍ଡା ଘଟଣାସ୍ଥଳକୁ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ନିକଟବର୍ତ୍ତୀ ଡେଲାଙ୍ଗ ରେଞ୍ଜରଙ୍କୁ ଅବଗତ କରାଇଥିଲେ । ଏହି ଅଞ୍ଚଳ ଠାରୁ କେଇ କିଲୋମିଟର ମଧ୍ୟରେ ଅରାଗଡ଼ ମୁଣ୍ଡିଆ ତତସଂଲଗ୍ନ ଘଞ୍ଚ ଜଙ୍ଗଲ ଜମିରୁ ପ୍ରଶାସନିକ ଉଦାସୀନତା ପାଇଁ ବେଧଡ଼କ ମୋରମ ଖନନ ଓ ମାଙ୍କଡା ପଥର ଚୋରା ଚାଲାଣ ଯୋଗୁଁ ଜୀବ ଜନ୍ତୁମାନେ ସହର ମୁହାଁ ହେଉଥିବା ମୁଖ୍ୟ କାରଣ ସାଜିଛି ।

## ବନ୍ଧନ ଲାଇଫ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ

# ସୁରକ୍ଷା ଏବଂ ସୁଲଭ ବୀମା କ୍ଷେତ୍ର ଉପରେ ଦୃଷ୍ଟି ଆକର୍ଷଣ କରିଛି

ଭୁବନେଶ୍ୱର, (ସବ୍ୟୁ): ଏପରି ଏକ ସମୟରେ ଯେତେବେଳେ ଭାରତର ଜୀବନ ବୀମା ପ୍ରବେଶ ଜିଡ଼ିପିର ପ୍ରାୟ ୨.୭% ଏବଂ ଆର୍ଥିକ ବର୍ଷ ୨୦୨୪-୨୫ରେ ସମଗ୍ର ବୀମା ପ୍ରବେଶ ୩.୭% ରହିଛି, ଯାହା ବିଶ୍ୱସ୍ତରୀୟ ମାନଦଣ୍ଡଠାରୁ ଯଥେଷ୍ଟ କମ୍, ସେତେବେଳେ ବନ୍ଧନ ଲାଇଫ ସୁରକ୍ଷା-ଭିତିକ ଅଫର ଏବଂ ସ୍ୱଳ୍ପ ମୂଲ୍ୟର ସୁଲଭ ବୀମା ସମାଧାନ ଉପରେ ନିଜର ଦୃଷ୍ଟି କେନ୍ଦ୍ରିଭୂତ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ବୀମା ସେବାରୁ ବଂଚିତ ଥିବା ଗ୍ରାହକମାନଙ୍କ ପାଇଁ ଆର୍ଥିକ ସୁରକ୍ଷାର ପରିସରକୁ ବୃଦ୍ଧି କରିବା। କମ୍ପାନୀ ବର୍ତ୍ତମାନ ସହଜରେ ଉପଲବ୍ଧ ହେଉଥିବା ସୁରକ୍ଷା ଉତ୍ପାଦଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେଉଛି, ଯାହାକି ନୂତନ ଗ୍ରାହକ ଶ୍ରେଣୀର ପରିବର୍ତ୍ତିତ ଆବଶ୍ୟକତା ଏବଂ ଆୟର ଶୈଳୀ ସହିତ ସାମଞ୍ଜସ୍ୟ ରକ୍ଷା କରି ପ୍ରସ୍ତୁତ କରାଯାଇଛି। ଏହି ଅଫର ଗୁଡ଼ିକର ଲକ୍ଷ୍ୟ ହେଉଛି ପ୍ରଥମ ଥର ପାଇଁ ବୀମା କିଣୁଥିବା ଗ୍ରାହକମାନଙ୍କ ପାଇଁ ଜୀବନ ବୀମାକୁ ଅଧିକ ସରଳ, ନମନୀୟ ଏବଂ ଗ୍ରହଣଯୋଗ୍ୟ କରିବା।

ସତୀଶ୍ୱର ବି, ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫ ମତବ୍ୟକ୍ତ କରି କହିଛନ୍ତି, "ଜୀବନ ବୀମା କ୍ଷେତ୍ରରେ ଗ୍ରାହକଙ୍କ କ୍ରୟ ନିଷ୍ପତିକୁ ସୁଲଭତା ଏବଂ ସରଳତା ଅଧିକ ପ୍ରଭାବିତ କରୁଛି। ଜିଏସଟି ଛାଡ଼ ଦ୍ୱାରା ସୁଲଭତା ବୃଦ୍ଧି ପାଇଛି ଏବଂ ଏକ ଅତ୍ୟାବଶ୍ୟକ ଆର୍ଥିକ ଯୋଜନା ଉପକରଣ ଭାବରେ ବୀମା ଗ୍ରହଣ କରିବା ପ୍ରକ୍ରିୟା ମଧ୍ୟ ମଜବୁତ ହୋଇଛି। •କିରିଆ ଗ୍ରାହକଙ୍କ ସହିତ ସ୍ୱ-ରୋଜଗାରୀ ଶ୍ରେଣୀର ଲୋକଙ୍କ ମଧ୍ୟରେ ମଧ୍ୟ ଏହାକୁ ନେଇ ଆଗ୍ରହ ବଢୁଥିବା ଆମେ ଦେଖୁଛୁ, ଯାହା ଦର୍ଶାଉଛି ଯେ ବିଭିନ୍ନ ଗ୍ରାହକ ଗୋଷ୍ଠୀ ଆର୍ଥିକ ସୁରକ୍ଷାକୁ କିପରି ଦେଖୁଛନ୍ତି ଯେଉଁଥିରେ କି ଏକ ବ୍ୟାପକ ପରିବର୍ତ୍ତନ ଆସିଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁଙ୍ଗେରରେ ନୂତନ ସାର୍ବଜନୀନ ସ୍ୱାସ୍ଥ୍ୟ କେନ୍ଦ୍ରର ନବିକରଣ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଦୂରଦୂରାନ୍ତ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ସୁବିଧାକୁ ସୁଦୃଢ଼ କରିବା ପାଇଁ, ବେଦାନ୍ତ ଆଲୁମିନିୟମ, ଏହାର ସିଜିମାଲି ବକ୍ସାଇଟ୍ ଖଣିର ସିଏସଆର ପଦକ୍ଷେପ ଅଧୀନରେ, ଦକ୍ଷ ଡାକ୍ତରୀ ମାନବଶକ୍ତି ଏବଂ ଅତ୍ୟାବଶ୍ୟକୀୟ ଜରୁରୀକାଳୀନ ସେବା ନିୟୋଜନ ମାଧ୍ୟମରେ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ବିସ୍ତାର କରିଛି, ଯାହାକି ଏହି ଅଂଚଳରେ ସ୍ୱାସ୍ଥ୍ୟସେବା ସୁବିଧାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ, ରାୟଗଡ଼ା ସହିତ ମିଳିତ ଭାବରେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର (ପିଏଚସି) ରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ମାନବଶକ୍ତି ଅଭାବକୁ ପୂରଣ କରିଛି, ଯାହା ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ (ଆଇପିଏଚଏସ) ମାନଦଣ୍ଡ ଅନୁଯାୟୀ ପାହାଡିଆ ଏବଂ ଆଦିବାସୀ ଅଂଚଳରେ ପ୍ରାୟ ୨୦,୦୦୦ ଲୋକଙ୍କୁ ସେବା ଯୋଗାଇଥାଏ। ବେଦାନ୍ତ ଆଲୁମିନିୟମ ପିଏଚସିରେ ସମସ୍ତ ୧୧ଟି କର୍ମଚାରୀ ପଦବୀରେ ନିୟୋଜନକୁ ସମର୍ଥନ କରିଛି, ଯେଉଁଥିରେ ଜଣେ ଏମବିବିଏସ ଡାକ୍ତର, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ନର୍ସିଂ କର୍ମଚାରୀ, ଆମ୍ବୁଲାନ୍ସ ସହାୟତା ଅନ୍ତର୍ଭୁକ୍ତ। ଅଂଚଳରେ ଗତ ସ୍ୱାସ୍ଥ୍ୟ ଶିବିର ସମୟରେ, ସମ୍ପ୍ରଦାୟର ସଦସ୍ୟମାନେ ନିର୍ଦ୍ଦିଷ୍ଟ ଭାବରେ ଜଣେ ସ୍ଥାୟୀ ଡାକ୍ତର ଏବଂ ନର୍ସିଂ କର୍ମଚାରୀ ଯୋଗାଇବାକୁ ଦାବି କରିଥିଲେ ଏବଂ ଏହି ହସ୍ତକ୍ଷେପ ସିଧାସଳଖ ସେହି ଆବଶ୍ୟକତାକୁ ପୂରଣ କରିଛି। ପ୍ରସ୍ତାବିତ ଶବ ପରିବହନ ବାହନ, ବ୍ୟାପକ ସ୍ୱାସ୍ଥ୍ୟସେବାର ସୁଦୃଢ଼ ପ୍ରୟାସର ଏକ ଅଂଶ ଭାବରେ ଏପର୍ଯ୍ୟନ୍ତ ନିୟୋଜିତ ହୋଇନାହିଁ।

ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ସହାୟତାକୁ ଆନୁଷ୍ଠାନିକ ଭାବରେ ୨୨ ମଇ, ୨୦୨୬ ରେ ଉଦଘାଟନ କରାଯାଇଥିଲା, ଯାହା ସିଜିମାଲି ଅଂଚଳର ସମ୍ପ୍ରଦାୟ ପାଇଁ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ




ପଦକ୍ଷେପ। ସୁଦୃଢ଼ ଚିକିତ୍ସା ସେବା ଦ୍ୱାରା ଗ୍ରାମବାସୀମାନଙ୍କୁ ମୌଳିକ ଚିକିତ୍ସା ଏବଂ ଜରୁରୀକାଳୀନ ସେବା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡ଼ିବା ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହା ଗର୍ଭବତୀ ମହିଳା, ପିଲା, ବୃଦ୍ଧ ଏବଂ ଦୂରବର୍ତ୍ତୀ ଗ୍ରାମଗୁଡ଼ିକରେ ଗୁରୁତର ରୋଗୀଙ୍କ ପାଇଁ ଶୀଘ୍ର ଚିକିତ୍ସା ସୁବିଧା ସୁନିଶ୍ଚିତ କରିବ। ଉଦଘାଟନ ଉତ୍ସବରେ କାଶୀପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ କୁନି କୁମାରୀ ନାଏକଙ୍କ ସ୍ୱାମୀ ଗୋବିନ୍ଦ ଚ. ନାଏକ, କାଶୀପୁର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ଜାତୀୟ ସ୍ୱାସ୍ଥ୍ୟ ମିଶନ), ଦମୟନ୍ତୀ ସାହୁ, ଏଏନଏମ, ଗୌରବ ମଣି ନାଏକ, ପ୍ରଧାନ ଶିକ୍ଷକ, କଂଟାମାଲର ସୂର୍ଯ୍ୟନାରାୟ ସିଂହ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ସମିତି ସଦସ୍ୟ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ସମ୍ପ୍ରଦାୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଉପସ୍ଥିତ ଥିଲେ, ଯାହା ଏହି ପଦକ୍ଷେପ ପାଇଁ ଦୃଢ଼ ସମ୍ପ୍ରଦାୟ ସମର୍ଥନକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ଡୁମେରପଦର ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସିଂହ କହିଥିଲେ, "ସୁଙ୍ଗେର ପିଏଚସି କ୍ୟାଚମେଂଟ ଅଂଚଳ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଅଭାବର ସମ୍ମୁଖୀନ ହେଉଥିଲା, ଯାହା ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଚିକିତ୍ସା ସେବାର ଉପଲବ୍ଧତାକୁ ପ୍ରଭାବିତ କରୁଥିଲା। ବେଦାନ୍ତ ଆଲୁମିନିୟମର ହସ୍ତକ୍ଷେପ ପ୍ରାଥମିକ ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ଼ କରି, ଦ୍ରୁତ ଚିକିତ୍ସା ପ୍ରତିକ୍ରିୟାକୁ ସକ୍ଷମ କରିଛି ଏବଂ ଆଖପାଖ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ପାଇଁ ଉତମ ନିରନ୍ତରତା ସୁନିଶ୍ଚିତ କରି ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବ ବୋଲି ଆଶା କରାଯାଉଛି।

# ୫୧,୦୦୦ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୧,୦୦୦ ରୁ ଅଧିକ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୧୯ତମ ନିଯୁକ୍ତି ମେଳାରେ ଯୋଗ ଦେଇ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଆପଣମାନେ ସମସ୍ତେ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେଉଛନ୍ତି। ଆପଣମାନେ ସମସ୍ତେ ଅନେକ କ୍ଷେତ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଆଗାମୀ ବର୍ଷଗୁଡ଼ିକରେ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତର ସଂକଳ୍ପ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ପଦବୀରେ ପହଞ୍ଚିବା ପାଇଁ, ଆପଣମାନେ ସମସ୍ତେ ଦୀର୍ଘ ପ୍ରସ୍ତୁତି ଏବଂ କଠିନ ପରିଶ୍ରମ କରିଛନ୍ତି। ଏହି ସଫଳତା ପାଇଁ ମୁଁ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ବିଶ୍ୱର ଯେକୌଣସି ସ୍ଥାନକୁ ଯାଏ, ମୁଁ ଭାରତର ଯୁବଶକ୍ତି ବିଷୟରେ ଆଲୋଚନା କରେ। ମୁଁ ଏକ ନୂତନ ସଂକଳ୍ପ ବିଷୟରେ କଥା ହୁଏ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ପ୍ରତିଶ୍ରୁତି ଆଧାରରେ ଦେଶ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଛି। ଏହା ଯୁବପିଢ଼ିଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଭବିଷ୍ୟତରେ, ଭାରତର ୧୦ଟି ବୃହତ୍ତମ ସେମିକଣ୍ଡକ୍ଟର ୟୁନିଟ୍ ବିଶ୍ୱ ସ୍ତରରେ ନିଜର ଛାପ ସୃଷ୍ଟି କରିବ। ଏହା ବହୁ ସଂଖ୍ୟକ ଭାରତୀୟ ଯୁବବର୍ଗଙ୍କ ପ୍ରତିଭାକୁ ଉପଯୋଗ କରିବ। ସ୍ୱାଭାବିକ ଭାବରେ, ଏହା ନିଯୁକ୍ତି ସୃଷ୍ଟି କରିବ। ସମ୍ପ୍ରତି ଭାରତ ଜାହାଜ ନିର୍ମାଣ ଠାରୁ ଆରମ୍ଭ କରି ଜାହାଜ ମରାମତି ଏବଂ ଓଭରହାଲିଂ ପର୍ଯ୍ୟନ୍ତ ଏକ ଇକୋସିଷ୍ଟମ ସୃଷ୍ଟି କରୁଛି। ଭାରତ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ନିର୍ମାତା। ଭାରତର ସରକାରୀ ଏବଂ ବେସରକାରୀ କ୍ଷେତ୍ର ମିଳିତ ଭାବରେ ଏପରି ଅନେକ ପଦକ୍ଷେପରେ ବ୍ୟାପକ ନିବେଶ କରୁଛନ୍ତି। ଏହି ନିବେଶ ଏଠାରେ ଦେଶର ଯୁବବର୍ଗମାନଙ୍କୁ ନିଯୁକ୍ତି ପ୍ରଦାନ କରୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରୁଛି।ସରକାରୀ ଚାକିରି ଲୋକଙ୍କ ଜୀବନକୁ ସହଜ କରିବାର ଏକ ମାଧ୍ୟମ। ଆପଣ ଯେଉଁ ବିଭାଗରେ କାମ କରିବେ, ଆପଣଙ୍କର ଆଚରଣ, ସମ୍ବେଦନଶୀଳତା ଏବଂ ଆଭିମୁଖ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଆପଣଙ୍କ କାମ, ଆପଣଙ୍କ ଆଚରଣ, ଆପଣଙ୍କ କଥା ଏବଂ ଆପଣଙ୍କ ଆଚରଣ ମାଧ୍ୟମରେ ବିଶ୍ୱାସକୁ ସୁଦୃଢ଼ କରିବା ଆପଣଙ୍କର ଦାୟିତ୍ୱ। ପ୍ରତ୍ୟେକ ଯୁବବର୍ଗ ନିଜ କାମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କରିବା ଉଚିତ। ଆପଣ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ସରକାରଙ୍କ ବାହୁ, ସରକାରଙ୍କ ଶକ୍ତି। ଆଜି, ଭାରତର ଲୋକଙ୍କ ଆକାଂକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମୁଁ ଏହାକୁ ବିକାଶର ଏକ ସକାରାତ୍ମକ ସଙ୍କେତ ମଧ୍ୟ ମନେ କରେ। ମୁଁ ଆପଣଙ୍କୁ କର୍ମଯୋଗୀ ପ୍ଲାଟଫର୍ମର ସୁଯୋଗ ନେବାକୁ ଅନୁରୋଧ କରୁଛି। ଭାରତର ଯୁବପିଢ଼ି ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରୁଛନ୍ତି। ଏହି ସମାନ ଶକ୍ତି ସାର୍ବଜନୀନ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେବା ଉଚିତ। ଲୋକଙ୍କ ସେବା କରିବା ହେଉଛି ଈଶ୍ୱରଙ୍କ ସେବା। ମୁଁ ବିଶ୍ୱାସ କରେ ଯେ ନିଯୁକ୍ତି ପତ୍ର ପାଉଥିବା ଯୁବ ସହକର୍ମୀମାନେ ଏଥିରେ ଯୋଗଦାନ ଦେବେ। ଆମର ମନ୍ତ୍ର ହେଉଛି 'ନାଗରିକ ଦେବୋ ଭବଃ'। ନାଗରିକଙ୍କ କଲ୍ୟାଣ ଆମର କର୍ତ୍ତବ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମୋଦୀଙ୍କୁ ଭେଟିଲେ ରୁବିଓ



## ହ୍ୱାଇଟ୍ ହାଉସ୍ ଯିବାକୁ ନିମନ୍ତ୍ରଣ

ନୂଆଦିଲ୍ଲୀ : ୩ ଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକାର ବିଦେଶ ସଚିବ ମାର୍କ ରୁବିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନା ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ରୁବିଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହ୍ୱାଇଟ୍ ହାଉସ୍ ଗସ୍ତ କରିବା ଲାଗି ନିମନ୍ତ୍ରଣ କରିଛନ୍ତି।ଦୁଇଜଣଙ୍କ ମଧ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ବିବାଦ ନେଇ ସୃଷ୍ଟି ହୋଇଥିବା ସଙ୍କଟ ସମ୍ପର୍କରେ ଆଲୋଚନା ହୋଇଥିଲା।

ବାଣିଜ୍ୟ ଓ ଶକ୍ତି କ୍ଷେତ୍ରରେ ଦେଖାଯାଇଥିବା ସଙ୍କଟ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଆଲୋଚନା ସମ୍ପର୍କରେ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗୀୟ ଗୋର ଏକ୍ସରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଆଲୋଚନା ବେଶ୍ ଫଳପ୍ରଦ ହେବା ସହ ଭାରତ ଓ ଆମେରିକା ମଧ୍ୟରେ ସୁରକ୍ଷା, ବାଣିଜ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଜ୍ଞାନ କୌଶଳର ସହଭାଗିତା ନେଇ ଆଲୋଚନା ହୋଇଛି। ଆମେରିକାର ଶକ୍ତି ସାମଗ୍ରୀ ଗୁଡିକ ଭାରତକୁ ଯୋଗାଣ ହେବ ବୋଲି ମଧ୍ୟ କୁହାଯାଇଛି।ଭାରତ ପାଇଁ ଚିନ୍ତାର କାରଣ ହେଉଛି ଯେ, ହର୍ମୁଜ ପ୍ରଣାଳୀ ଦେଇ ଆସୁଥିବା ୮୦ ପ୍ରତିଶତ ଅଶୋଧିତ ତୈଳ ଏବେ ବାଧାପ୍ରାପ୍ତ ହୋଇଛି। ତେବେ ରୁବିଓ କହିଛନ୍ତି ଯେ, ଇରାନକୁ ବିଶ୍ୱ ଶକ୍ତି ବଜାରରେ ଏଭଳି ଅଚଳ ଅବସ୍ଥା ସୃଷ୍ଟି କରିବାକୁ ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ବ୍ୟାପକ ବିଶ୍ୱ ରଣନୈତିକ ସହଭାଗିତାରେ ନିରନ୍ତର ପ୍ରଗତି, ଆଞ୍ଚଳିକ ଓ ବିଶ୍ୱ ଶାନ୍ତି ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଉପରେ ଆଲୋଚନ କରାଯାଇଛି। ଭାରତ ଆମେରିକା ବିଶ୍ୱ ପାଇଁ ନିବିଡ ଭାବରେ କାମ କରିବା ଜାରି ରଖିବେ। ଆମେରିକାର ବିଦେଶ ସଚିବ ନୂଆଦିଲ୍ଲୀରେ ୱାର୍ଡ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେବା ସହ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରୁବିଓ ଶନିବାର କୋଲକାତାରେ ପହଞ୍ଚି ନୂଆଦିଲ୍ଲୀ ଯିବାକୁ ମଦର ଟେରେସାଙ୍କ ମିସ୍‌ନାରିଜ୍ ଅଫ ଚାରିଟିର ମୁଖ୍ୟାଳୟ ମଦର ହାଉସ୍ ପରିଦର୍ଶନ କରିଥିଲେ।

# ୧୫୦ ପ୍ରତିନିଧିଙ୍କ ସହ କାନାଡା ଗସ୍ତରେ ଗଲେ ବାଣିଜ୍ୟ ମନ୍ତ୍ରୀ

**ନୂଆଦିଲ୍ଲୀ:** କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଶନିବାର ରାତିରେ କାନାଡା ଗସ୍ତରେ ଯାଇଛନ୍ତି। ପାଖାପାଖି ୧୫୦ ଜଣ ବ୍ୟବସାୟ ପ୍ରତିନିଧିଙ୍କୁ ନେଇ ସେ ଏହି ଗସ୍ତ କରିଛନ୍ତି। ୨୫ ତାରିଖରେ ଅଟାୱାରେ ଏବଂ ୨୬ ଓ ୨୭ ତାରିଖରେ ଟରଣ୍ଟୋରେ ତାଙ୍କର ଆଲୋଚନା କାର୍ଯ୍ୟକ୍ରମ ରହିଛି। କାନାଡା ଗସ୍ତ ପୂର୍ବରୁ ସେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସଂପର୍କ ଏବଂ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମାକୁ ନେଇ ଦୃଢ଼ ଆଶା ପୋଷଣ କରିଛନ୍ତି। ଗତ ମାର୍ଚ୍ଚରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ଭାରତ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମାର ସର୍ତ୍ତାବଳୀ ସ୍ୱାକ୍ଷର ହୋଇଥିଲା। ସେହି ମାସରେ ଦୁଇ ଦେଶ ମଧ୍ୟରେ ଆଭାସୀ ଜରିଆରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏହା ପରେ ଚଳିତ ମାସ ୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି।ଚଳିତବର୍ଷ ମୁକ୍ତ ବାଣିଜ୍ୟ ରାଜିନାମା ଶେଷ କରିବା ପାଇଁ ଉଭୟ ପକ୍ଷ କାର୍ଯ୍ୟ କରୁଛନ୍ତି। ୨୦୩୦ ମସିହା ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୪.୬୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଭାରତରେ କାନାଡା ୧୦୦ ବିଲିଅନ ଡଲାର ନିବେଶ କରିଛି। କାନାଡାର ୬୦୦ କମ୍ପାନି ଭାରତରେ କାର୍ଯ୍ୟ କରୁଛନ୍ତି। ଭାରତ ସହ ମୁକ୍ତ ବାଣିଜ୍ୟ ରାଜିନାମା ନେଇ କାନାଡାରେ ଯଥେଷ୍ଟ ଆଗ୍ରହ ଓ ଉତ୍ସାହ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ବହିର୍ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁଙ୍କୁ ଭେଟିବା ଆଦି କାର୍ଯ୍ୟକ୍ରମ ରହିଛି।

# ଭାରତର ଡିପ-ଟେକ୍, ଅଭିନବ ଗବେଷଣା ସୁଦୃଢ଼ ହେବ - ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍‌ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ



ମନ୍ତବ୍ୟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । 'ବିକଶିତ ଭାରତ' ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ-ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ଦେଶର ୪୦% ଓକିଲ ନକଲି

**ନୂଆଦିଲ୍ଲୀ:** ବାର୍ କାଉନସିଲ ଅଫ ଇଣ୍ଡିଆ(ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ରା ବଡ଼ ତଥା ଚକିତ କରିବା ଭଳି ଦାବି କରିଛନ୍ତି। ତାଙ୍କ କହିବା କଥା ଯେ ଦେଶର ବିଭିନ୍ନ କୋର୍ଟରେ ଓକିଲାତି କରୁଥିବା ୩୫ରୁ ୪୦% ଆଇନଜୀବୀ ନକଲି। ସେମାନେ ସମ୍ଭବତଃ ବେଆଇନ ଭାବେ ଆଇନ ଡିଗ୍ରୀ ହାସଲ କରିଥିବା ଶ୍ରୀ ମିଶ୍ରା କହିଛନ୍ତି। ଗୋଟିଏ ନ୍ୟୁଜ ଏଜେନ୍ସିକୁ ସାକ୍ଷାତକାର ଦେବା ବେଳେ ମନନ କୁମାର ମିଶ୍ରା ଦେଶର ନ୍ୟାୟିକ ବ୍ୟବସ୍ଥାରେ ଦିନକୁ ଦିନ ଅଯୋଗ୍ୟ ଓକିଲଙ୍କ ଉପସ୍ଥିତି ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଓକିଲାତି କରୁଥିବା ଅଧିକାଂଶ ବ୍ୟକ୍ତିବିଶେଷ ଟଙ୍କା ଦେଇ ନକଲି ପ୍ରମାଣପତ୍ର କିଣୁଛନ୍ତି କିମ୍ବା ବେଆଇନ ଭାବେ ଶିକ୍ଷାଗତ ଯୋଗ୍ୟତାକୁ ହାସଲ କରୁଛନ୍ତି। ନିକଟରେ ବାର କାଉନସିଲ ଅଫ ଇଣ୍ଡିଆ ଦେଶବ୍ୟାପୀ ବିଭିନ୍ନ କୋର୍ଟରେ କାର୍ଯ୍ୟ କରୁଥିବା ଆଇନଜୀବୀନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଡିଗ୍ରୀ ଜାଣିବାକୁ ଗୋଟିଏ ଅଭିଯାନ ଆରମ୍ଭ କରିଥିଲା। ଅଭିଯାନ ସମୟରେ ଦେଶରେ କାର୍ଯ୍ୟରତ ଆଇନଜୀବୀଙ୍କୁ ସେମାନଙ୍କ ଶିକ୍ଷାଗତ ଡିଗ୍ରୀ ଓ ଏହା ସହ ଜଡ଼ିତ ଦସ୍ତାବିଜକୁ ଯାଞ୍ଚ ପାଇଁ ଦାଖଲ କରିବାକୁ କୁହାଯାଇଥିଲା। କିନ୍ତୁ ଏହି ଅଭିଯାନରେ ଦେଶର ୪୦% କାର୍ଯ୍ୟରତ ଓକିଲ ସାମିଲ ହୋଇ ନାହାନ୍ତି। ଅର୍ଥାତ ଏହି ୪୦% ଆଇନଜୀବୀ ନକଲି ବୋଲି ଶ୍ରୀ ମିଶ୍ରା କହିଛନ୍ତି। ସେ କହିଛନ୍ତି, "କଳା କୋଟ ପିନ୍ଧି ବିଭିନ୍ନ କୋର୍ଟରେ ବୁଲୁଥିବା ୩୫ରୁ ୪୦% ଓକିଲ ନକଲି ବୋଲି ବାର କାଉନସିଲ ଅଫ ଇଣ୍ଡିଆ ଭଲ ଭାବେ ଜାଣିଛି। ସେମାନଙ୍କ ଡିଗ୍ରୀ ସଂପୂର୍ଣ୍ଣ ଭାବେ ନକଲି। ସେମାନେ ଏହାକୁ କେଉଁଠୁ ତିଆରି କରିଛନ୍ତି କିମ୍ବା କେଉଁଠୁ ଆଣିଛନ୍ତି। ଏହାକୁ ଦେଖାଇ ସେମାନେ କୋର୍ଟରେ ଓକିଲାତି କରୁଛନ୍ତି।" ଦେଶର ୩୫ରୁ ୪୦% ଆଇନଜୀବୀ ନକଲି ପ୍ରସଙ୍ଗ ସେ ବ୍ୟକ୍ତିଗତ ଭାବେ ପ୍ରଧାନ ବିଚାରପତଙ୍କୁ ଅବଗତ କରାଇଥିବା କଥା ମଧ୍ୟ କହିଛନ୍ତି। ସୋଶାଲ ମିଡିଆରେ ଏବେ ଭାଇରାଲ ହେଉଥିବା କକ୍ରୋଚ ଜନତା ପାର୍ଟି ସମ୍ପର୍କରେ ମତ ରଖିବା ବେଳେ ଶ୍ରୀ ମିଶ୍ରା ଏପରି ତଥ୍ୟ ଉପସ୍ଥାପନ କରିଛନ୍ତି।



# ଶୀର୍ଷ ଇରାନ ବାର୍ତ୍ତାକାର ଗାଲିବଫଙ୍କ ଆମେରିକାକୁ ଚେତାବନୀ

**ତେହେରାନ:** ଇରାନର ଶୀର୍ଷ ବାର୍ତ୍ତାକାର ତଥା ଇରାନ ସଂସଦର ଅଧ୍ୟକ୍ଷ ମହମ୍ମଦ ବାକର ଗାଲିବଫ ଶନିବାର ଯୁକ୍ତରାଷ୍ଟ୍ର ଆମେରିକାକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯଦି ଆମେରିକା 'ମୂର୍ଖତାପୂର୍ଣ୍ଣ' ଭାବେ ଯୁଦ୍ଧକୁ ପୁଣି ଆରମ୍ଭ କରେ ତେବେ ତାକୁ ଆହୁରି ଅଧିକ କଡ଼ା ଜବାବ ଦିଆଯିବ। ସେ କହିଛନ୍ତି ଯେ ଇରାନ ସଶସ୍ତ୍ର ବଳ ଯୁଦ୍ଧବିରାମ କାଳରେ ନିଜ କ୍ଷମତାର ପୁନର୍ନିର୍ମାଣ କରିନେଇଛି। ଇରାନ ସରକାରୀ ଟେଲିଭିଜନ ଅନୁସାରେ ଗାଲିବଫ ତେହେରାନରେ ପାକିସ୍ତାନୀ ସେନାମୁଖ୍ୟ ଅସୀମ ମୁନିରଙ୍କ ସହ ଏକ ବୈଠକରେ କହିଛନ୍ତି ଯେ ଇରାନ ନିଜ ଦେଶର ଅଧିକାର ସହ କୌଣସି ବୁଝାମଣା କରିବନି। ଇରାନ ସରକାରୀ ଗଣମାଧ୍ୟମ ଗାଲିବଫଙ୍କ ସୂତ୍ରରୁ କହିଛନ୍ତି ଯେ 'ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୂର୍ଖତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନରେ ପୁଣି ଯୁଦ୍ଧ ଆରମ୍ଭ ହୁଏ ଇରାନ ସଶସ୍ତ୍ର ସେନା ଯୁଦ୍ଧର ପ୍ରଥମ ଦିନ ତୁଳନାରେ ଅନେକ ଅଧିକ କଡ଼ା ଜବାବ ଦେବେ'। ଏଥି ମଧ୍ୟରେ କତାର ବିଦେଶ ମନ୍ତ୍ରାଳୟ ଏକ ବୟାନରେ କହିଛି ଯେ କତାରର ଅମୀର ଶେଖ ତମିମ ବିନ୍ ହମଦ ଅଲ ଥାନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ କ୍ଷେତ୍ରିୟ ଉତ୍ତେଜନାକୁ ପାକିସ୍ତାନ ନେତୃତ୍ୱରେ କମ୍ କରିବାକୁ ହୋଇଥିବା କୂଟନୈତିକ ପଦକ୍ଷେପ ଉପରେ ଚର୍ଚ୍ଚା କରିବା ପାଇଁ ଟେଲିଫୋନରେ ଆଲୋଚନା କରିଛନ୍ତି। ଅଲ ଜଜିରା ରିପୋର୍ଟ ଅନୁସାରେ ଉଭୟ ପକ୍ଷ ଉତ୍ତେଜନା ହ୍ରାସ କରିବା ଓ ସ୍ଥିରତା କାୟମ ରଖିବା ପ୍ରୟାସର ସମୀକ୍ଷା କରିଛନ୍ତି, ଯେଉଁଥିରେ ଆମେରିକା ଓ ଇରାନ ମଧ୍ୟରେ ପାକିସ୍ତାନର ମଧ୍ୟସ୍ଥତାକୁ ସମର୍ଥନ କରିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ଏହି ଚର୍ଚ୍ଚାରେ ଏବେକା ପ୍ରସଙ୍ଗର ସମାଧାନ, ସାମୁଦ୍ରିକ ନୌ ପରିବହନ ସୁରକ୍ଷା ଓ ରଣନୈତିକ ଜଳ ମାର୍ଗର ସୁରକ୍ଷା ସହିତ ବୈଶ୍ୱିକ ଉର୍ଜା ଓ ଯୋଗାଣ ଶୃଙ୍ଖଳାର ସ୍ଥିରତା ସୁନିଶ୍ଚିତ କରିବା ଲାଗି ନିରନ୍ତର ବାର୍ତ୍ତାର ଗୁରୁତ୍ୱ ଉପରେ ଉପରେ ଜୋର ଦିଆଯାଇଛି। ଏଥି ମଧ୍ୟରେ ଡିଜିଟାଲ ମନିଟର ନେଟ୍ ବ୍ଲକ୍ସ କହିଛି ଯେ ଇରାନରେ ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍ ଲଗାତାର ୧୩ତମ ସପ୍ତାହକୁ ପ୍ରବେଶ କରିଛି।

# ତାମିଲନାଡୁରେ ୧୦ ବର୍ଷର ଝିଅର ମୃତଦେହ ପାଣିଟାଙ୍କିରୁ ଜବତ

**ଚେନ୍ନାଇ:** ତାମିଲନାଡୁର କୋଏମ୍ବାଟୁର ଜିଲ୍ଲାରେ ଦୁଇ ଜଣ ଦିନ ମଜୁରିଆ ଜଣେ ୧୦ ବର୍ଷର ଝିଅକୁ ଅପହରଣ କରିବା ପରେ ଯୌନ ନିର୍ଯାତନା ଦେଇ ହତ୍ୟା କରିବା ଘଟଣାକୁ ନେଇ ଶନିବାର ବଡ଼ଧରଣର ବିକ୍ଷୋଭ ଓ ପ୍ରତିବାଦ ଦେଖିବାକୁ ମିଳିଥିଲା। ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ରାଜନୈତିକ ଦଳ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଝିଅଟି ମେ ୨୧ ତାରିଖରେ ଘର ନିକଟରେ ଖେଳୁଥିବା ସମୟରେ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ମିଳିନଥିଲା। ଝିଅଟିର ବାପାମା' ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରିବା ସମୟରେ କନ୍ନମପାଲାୟମ୍ ହ୍ରଦ ନିକଟରୁ ଝିଅଟିର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତାମିଲନାଡୁ ୱେଷ୍ଟ ଜୋନ୍ ଆଇଜିପି ଆର୍ଭି ରମ୍ୟା କହିଛନ୍ତି, ସିସିଟିଭି ଫୁଟେଜରୁ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ଝିଅଟିକୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ଝିଅଟିର ପଡ଼ୋଶୀ ଥିଲା। ୩୩ ବର୍ଷୀୟ କାର୍ତ୍ତିକ ଓ ଅନ୍ୟ ଅଭିଯୁକ୍ତ ମୋହନରାଜ ଦିନ ମଜୁରିଆ। ମୋହନରାଜ ଝିଅଟିକୁ ଅପହରଣ କରିବା ପଛରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର କ୍ରୋଧ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଓ କର୍ତ୍ତୃପକ୍ଷଙ୍କଠାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ଥାନୀୟ ଲୋକ ଜୋରଦାର ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀ ବିଜୟ ବିବୃତି ରଖିବା କିମ୍ବା ନ୍ୟାୟ ପାଇଁ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଝିଅର ମୃତଦେହ ସେମାନେ ଗ୍ରହଣ କରିବେ ନାହିଁ ବୋଲି ମୃତ ଝିଅଟିର ମା' କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରି ବିବୃତି ଜାରି କରାଯାଇଛି ଓ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଶ୍ୱାସନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ପୀଡ଼ିତ ପରିବାର ପ୍ରତି ସମ୍ବେଦନା ପ୍ରକଟ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ପୁଲିସକୁ ଘଟଣାର ସମ୍ପୂର୍ଣ୍ଣ ଓ ତ୍ୱରିତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେପି ନେତା କେ ଆନ୍ନାମଲାଇ ଘଟଣାର ନିନ୍ଦା କରି ସରକାରରେ ପରିବର୍ତ୍ତନ ସତ୍ତ୍ୱେ ରାଜ୍ୟରେ ଏବେବି ମହିଳା ଓ ଶିଶୁ ଅସୁରକ୍ଷିତ ବୋଲି କହିଛନ୍ତି। ଏଏମ୍ଏମ୍କେ ମୁଖ୍ୟ ଟିଟିଭି ଦିନାକରନ ଓ ପିଏମ୍କେ ନେତା ଅମ୍ବୁମନି ରାମାଦୋସ୍ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହେଲେ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି। ରାମାଦୋସ ସରକାରଙ୍କୁ ମହିଳା ଓ ଶିଶୁ ସୁରକ୍ଷା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି।



# ଭାରତ ଗସ୍ତରେ ସାଇପ୍ରସ ଗଣରାଜ୍ୟର ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ସାଇପ୍ରସ୍ ଗଣରାଜ୍ୟର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଭାରତ ଗସ୍ତରେ ଆସିଛନ୍ତି। ଏହା ସାଇପ୍ରସର ୟୁରୋପୀୟ ସଂଘ ପରିଷଦର ସଭାପତିତ୍ୱ ସମୟରେ ଅନୁଷ୍ଠିତ ହେଉଥିବାରୁ ଏହି ଗସ୍ତର ବିଶେଷ ଗୁରୁତ୍ୱ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଗସ୍ତ ସମୟରେ ସୃଷ୍ଟି ହୋଇଥିବା ଐତିହାସିକ ଗତିକୁ ତ୍ୱରାନ୍ୱିତ କରିଛି। ଏହା ଏକ ରଣନୈତିକ ସହଭାଗୀତାର ମୂଳଦୁଆ ସ୍ଥାପନ କରିଛି। ଭାରତ - ସାଇପ୍ରସ ସମ୍ପର୍କକୁ ଫଳାଫଳ-ମୁଖୀ କରିବା ଏବଂ କାର୍ଯ୍ୟାନ୍ୱୟନ-ଚାଳିତ ପର୍ଯ୍ୟାୟରେ ପ୍ରବେଶ କରିବାର ଏହା ହେଉଛି ପ୍ରତୀକ। ରାଜନୈତିକ ଆଲୋଚନାର ଅଗ୍ରଗତି,ବୃଦ୍ଧି ପାଉଥିବା ବ୍ୟବସାୟିକ ସମ୍ପୃକ୍ତି, ବର୍ଦ୍ଧିତ ପ୍ରତିରକ୍ଷା ସମ୍ପର୍କ ଏବଂ ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟାରେ ସହଯୋଗର ଆରମ୍ଭ ସମେତ ୨୦୨୫ ରେ ଜାରି ହୋଇଥିବା ମିଳିତ ଘୋଷଣାପତ୍ରକୁ କାର୍ଯ୍ୟକାରୀ କରିବାରେ ହାସଲ ହୋଇଥିବା ଯଥେଷ୍ଟ ଅଗ୍ରଗତିକୁ ଦୁଇ ନେତା ସ୍ୱାଗତ କରିଥିଲେ। ବିକଶିତ ଭୂ ରାଜନୈତିକ ଦୃଶ୍ୟପଟ ଏବଂ ଭାରତ - ସାଇପ୍ରସ୍ ସହଭାଗୀତାର ଗଭୀରତାକୁ ସ୍ୱୀକାର କରି, ନୂତନ ବାସ୍ତବତା ଏବଂ ସୁଯୋଗକୁ ପ୍ରତିଫଳିତ କରିବା ପାଇଁ ଦ୍ୱିପାକ୍ଷିକ ବ୍ୟାପକ ସହଭାଗୀତାକୁ ଏକ ରଣନୈତିକ ସହଭାଗୀତାରେ ଉନ୍ନୀତ କରିବାକୁ ନେତାମାନେ ସହମତ ହୋଇଥିଲେ। ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡେସ୍‌ଙ୍କୁ ରାଷ୍ଟ୍ରପତି ଭବନରେ ଭାରତର ମାନ୍ୟବର ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁ ସ୍ୱାଗତ କରିଥିଲେ। ସେ ରାଜଘାଟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମାନ୍ୟବର ରାଷ୍ଟ୍ରପତି ଗସ୍ତରେ ଥିବା ମହାମହିମଙ୍କ ସମ୍ମାନାର୍ଥେ ଏକ ରାଷ୍ଟ୍ର ଭୋଜିର ମଧ୍ୟ ଆୟୋଜନ କରିଥିଲେ। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ବ୍ୟାପକ ଆଲୋଚନା କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ନବୀକରଣର ଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଭାରତ ଏବଂ ସାଇପ୍ରସ ମଧ୍ୟରେ ଘନିଷ୍ଠ ଏବଂ ବିଶ୍ୱସ୍ତ ସହଭାଗୀତାକୁ ପୁନଃସ୍ଥାପିତ କରିଥିଲେ, ଯାହା ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ଏବଂ ପାରସ୍ପରିକ ସମ୍ମାନ ଉପରେ ପ୍ରତିଷ୍ଠିତ। ସେମାନେ ଭାରତ - ୟୁରୋପୀୟ ସଂଘ ସମ୍ପର୍କ, ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱବ୍ୟାପୀ ପ୍ରସଙ୍ଗ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଥିଲେ। ଭାରତ - ସାଇପ୍ରସ ବ୍ୟାପକ ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ଉଚ୍ଚ ରାଜନୈତିକ ସ୍ତରରେ ନିୟମିତ ଯୋଗାଯୋଗକୁ ଦୁଇ ନେତା ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ୨୦୨୫ ମସିହାରେ ଗସ୍ତ ସମୟରେ ଘୋଷଣା କରାଯାଇଥିବା ଭାରତ - ସାଇପ୍ରସ ମିଳିତ କାର୍ଯ୍ୟ ଯୋଜନା ୨୦୨୫ - ୨୦୨୯ କାର୍ଯ୍ୟକାରୀ କରିବାରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସେମାନେ ସ୍ୱାଗତ କରିଛନ୍ତି। ଉଭୟ ପକ୍ଷ ୨୦୨୭ ମସିହାରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୫ତମ ବାର୍ଷିକୀକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପାଳନ କରିବାକୁ ମଧ୍ୟ ସହମତ ହୋଇଛନ୍ତି। ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାଇପ୍ରସର ଗବେଷଣା, ନବସୃଜନ ଏବଂ ଡିଜିଟାଲ ନୀତିର ଉପମନ୍ତ୍ରୀ ତାଙ୍କ ଦେଶର ପ୍ରତିନିଧିତ୍ୱ କରିଥିଲେ ଏବଂ ସମ୍ମିଳନୀର ଘୋଷଣାପତ୍ରକୁ ଅନୁମୋଦନ କରିଥିଲେ। ଉଭୟ ନେତା ଏଆଇର ନିରାପଦ, ବିଶ୍ୱସନୀୟ ଏବଂ ସମାବେଶୀ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସେମାନଙ୍କର ମତାମତ ବାଣ୍ଟିଥିଲେ। ଦୁଇ ନେତା ଶାନ୍ତି, ଗଣତନ୍ତ୍ର, ଆଇନର ଶାସନ, ପ୍ରଭାବଶାଳୀ ବହୁପାକ୍ଷିକତା ଏବଂ ସ୍ଥାୟୀ ବିକାଶ ପ୍ରତି ସେମାନଙ୍କର ସମାନ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନରେ ଆଧାରିତ ନିୟମ -ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ପ୍ରତି ସେମାନଙ୍କର ସମର୍ଥନକୁ ପୁଣି ଥରେ ଦୋହରାଇଥିଲେ। ନୌଚାଳନା ଏବଂ ଉଡ଼ାଣର ସ୍ୱାଧୀନତା, ଅବାଧ ବାଣିଜ୍ୟ ଏବଂ ସାର୍ବଭୌମ ସାମୁଦ୍ରିକ ଅଧିକାର ସମ୍ପର୍କରେ ମିଳିତ ଜାତିସଂଘ ସମୁଦ୍ର ଆଇନ ଉପରେ ସମ୍ମିଳନୀ (ୟୁଏନସିଏଲଓଏସ୍) ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଉଭୟ ନେତା ପ୍ରମୁଖ ବିଶ୍ୱ ଆହ୍ୱାନ ଗୁଡିକର ମୁକାବିଲା ଏବଂ ସଂସ୍କାରପୂର୍ଣ୍ଣ ଏବଂ ପ୍ରଭାବଶାଳୀ ବହୁପାକ୍ଷିକତା ମାଧ୍ୟମରେ ଉଦୀୟମାନ ବିକାଶ ପାଇଁ ବିଶ୍ୱକୁ ପ୍ରସ୍ତୁତ କରିବା ଲାଗି ସେମାନଙ୍କର ମତକୁ ଦୋହରାଇଥିଲେ। ଏହି ପରିପ୍ରେକ୍ଷୀରେ, ସେମାନେ ଜାତିସଂଘ ଏବଂ ରାଜ୍ୟଗୋଷ୍ଠୀ ସମେତ ଅନ୍ତର୍ଜାତୀୟ ସଂଗଠନ ମଧ୍ୟରେ ସମନ୍ୱୟକୁ ମଜବୁତ କରିବା ପାଇଁ ସେମାନଙ୍କର ଅଭିପ୍ରାୟ ପ୍ରକାଶ କରିଥିଲେ।



## ଆଜିର ମ୍ୟାଚ

- ମୁମ୍ବାଇ-ରାଜସ୍ଥାନ
- ସ୍ଥାନ- ୱାଙ୍ଖେଡେ
- ସମୟ- ଅପରାହ୍ଣ ୩.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୪ | ୯ | ୫ | ୧୮ |
| ଗୁଜରାଟ | ୧୪ | ୯ | ୫ | ୧୮ |
| ହାଇଦ୍ରାବାଦ | ୧୪ | ୯ | ୫ | ୧୮ |
| ରାଜସ୍ଥାନ | ୧୩ | ୭ | ୬ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ଚେନ୍ନାଇ | ୧୪ | ୬ | ୮ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୩ | ୬ | ୬ | ୧୩ |
| ମୁମ୍ବାଇ | ୧୩ | ୪ | ୯ | ୮ |
| ଲକ୍ଷ୍ନୌ | ୧୩ | ୪ | ୯ | ୮ |

# ପଞ୍ଜାବର ପ୍ଲେ ଅଫ୍ ଆଶା ଉଜ୍ଜିବିତ

### ଆଇପିଏଲ୍ ମହାସମର

ଲକ୍ଷ୍ନୌ,୨୩।୫(ଏଜେନ୍ସି): ଆଇପିଏଲର ୬୮ତମ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୭ ୱିକେଟରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସକୁ ପରାଜିତ କରି ପ୍ଲେ ଅଫ୍ସ ଆଶା ଉଜ୍ଜିବିତ ରଖିଛି। ପଏଣ୍ଟ ଟେବୁଲ ଉପରେ ଦୃଷ୍ଟି ପକାଇଲେ ପଞ୍ଜାବ ୧୪ ମ୍ୟାଚରୁ ୧୫ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନକୁ ଉଠିଛି। ପୂର୍ବରୁ ବେଙ୍ଗାଲୁରୁ, ଗୁଜରାଟ ଓ ହାଇଦ୍ରାବାଦ ପ୍ଲେ ଅଫରେ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ପଞ୍ଜାବ, ରାଜସ୍ଥାନ, କୋଲକାତା ମଧ୍ୟରେ ଟଣାଓଟରା ଚାଲିଛି। ରବିବାର ରାଜସ୍ଥାନ ଓ କୋଲକାତା ନିଜ ନିଜର ଶେଷ ନିର୍ଣ୍ଣାୟକ ମ୍ୟାଚ ଖେଳିବେ। ଯଦି ରାଜସ୍ଥାନ ବିଜୟୀ ହୁଏ ତେବେ ଚତୁର୍ଥ ଦଳ ଭାବେ ପ୍ଲେ ଅଫରେ ପ୍ରବେଶ କରିବ। ଅନ୍ୟଥା ପଞ୍ଜାବ ପାଇଁ ବାଟ ପରିଷ୍କାର ହେବ। ଏହି ମ୍ୟାଚରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୬ ରନ କରିଥିଲା। ଜବାବରେ ପଞ୍ଜାବକିଙ୍ଗ୍ସ ୧୮ ଓଭରରେ ୩ ୱିକେଟ୍ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ ଜୋଶ ଇଂଲିଶ ୭୨, ଆୟୁଷ ବଦୋନୀ ୪୩, ରିଷଭ ପନ୍ତ ୨୬ ଓ ଅବଦୁଲ୍ଲ ସମଦ ୩୭ ରନ କରିଥିଲେ। ବୋଲିଂରେ ପଞ୍ଜାବର ମାର୍କୋ ଜନସେନ ଓ ଯୁଜଭେନ୍ଦ୍ର ଚହଲଙ୍କୁ ଦୁଇଟି କରି ୱିକେଟ୍ ସଫଳତା ମିଳିଥିଲା।

୧୯୭ ରନର ବିଜୟଲକ୍ଷ୍ୟକୁ ପିଛା କରି ପଞ୍ଜାବକିଙ୍ଗ୍ସ ପାଇଁ ପ୍ରଭସିମରନ ସିଂ ୬୯, କୋନୋଲି ୧୮, ଅଧିନାୟକ ଶ୍ରେୟାସ ଆୟର ୧୦୧ ରନ୍ କରିଥିଲେ। ତେଣୁ ଦଳ ୨ ଓଭର ପୂର୍ବରୁ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ମ୍ୟାଚ ଖେଳୁଥିବା ଅର୍ଜୁନ ତେନ୍ଦୁଲକର ବ୍ୟାଟିଂରେ ୫ ରନ ସାଙ୍ଗକୁ ବୋଲିଂରେ ୪ ଓଭର ପକାଇ ୩୬ ରନ ବ୍ୟୟରେ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ।

## ଆଜିର ମ୍ୟାଚ

- କୋଲକାତା-ଦିଲ୍ଲୀ
- ସ୍ଥାନ- ଇଡେନଗାର୍ଡେନ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

### ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି

# ରାଉରକେଲା, ସାଇ କୋଲକାତା, ସୁନ୍ଦରଗଡ଼, ହକି ସିମଡେଗା ବିଜୟୀ



ଭୁବନେଶ୍ୱର,୨୩।୫(ସବ୍ୟୁ): ରାଜ୍ୟର କିମ୍ବଦନ୍ତୀ ହକି ଖେଳାଳି ମାଇକେଲ କିଣ୍ଡୋଙ୍କ ସ୍ମୃତିରେ ଦ୍ୱିତୀୟ ସର୍ବଭାରତୀୟମାଇକେଲକିଣ୍ଡୋ ମହିଳା ହକି ଚାମ୍ପିଅନସିପର ଦ୍ୱିତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ରାଉରକେଲା କ୍ରୀଡା ଛାତ୍ରାବାସ, ସାଇ କୋଲକାତା, ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସ ଓ ହକି ସିମଡେଗା ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ପଞ୍ଚମ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ୨-୦ ଗୋଲରେ ଦକ୍ଷିଣ-ପୂର୍ବ ରେଳବାଇକୁ ଧରାଶାୟୀ କରିଛି। ରାଉରକେଲା ସ୍ପୋର୍ଟ୍ସ ହଷ୍ଟଲ ପକ୍ଷରୁ ମ୍ୟାଚର ୪୮ ଓ ୫୫ତମ ମିନିଟରେ ଦୁଇଟି ଗୋଲସ୍କୋର ହୋଇଥିଲା। ଅତିନ ଟୋପ୍ନୋ ଓ ପ୍ରତିଭା ଏକ୍କା ଏହି ଗୋଲ କରିଥିଲେ। ଟୁର୍ଣ୍ଣାମେଣ୍ଟର ଷଷ୍ଠ ମ୍ୟାଚରେ ସାଇକୋଲକାତାର ଗୋଲବର୍ଷା ଦେଖିବାକୁ ମିଳିଥିଲା। ସାଇ କୋଲକାତା ୬-୧ ଗୋଲରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟକୁ ପରାଜିତ କରିଥିଲା। ମ୍ୟାଚର ୧୫,୧୮,୨୨,୨୩, ୫୪,୫୫ତମ ମିନିଟରେ ସାଇ କୋଲକାତା ପକ୍ଷରୁ ଗୋଲସ୍କୋର ହୋଇଥିଲା। ସପ୍ତମ ମ୍ୟାଚରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ୪-୧ ଗୋଲରେ ସିଆଇଏସଏଫକୁ ହରାଇଛି। ମ୍ୟାଚର ୫ମ, ୨୪ତମ, ୩୩ତମ, ୪୩ତମ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ ଗୋଲ ହୋଇଥିଲା। ୫୯ତମ ମିନିଟରେ ସିଆଇଏସଏଫ ଏକମାତ୍ର ଗୋଲ ପରିଷଦ କରିଥିଲା। ସେହିଭଳି ଅଷ୍ଟମ ମ୍ୟାଚରେ ହକି ସିମଡେଗା ୭-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇଛି। ମ୍ୟାଚର ୧୨ତମ, ୨୪ତମ, ୨୫ତମ, ୨୮ତମ, ୪୫ ଓ ୫୪ତମ ମିନିଟରେ ହକି ସିମଡେଗା ପକ୍ଷରୁ ଗୋଲ ହୋଇଥିଲା।

# ଟ୍ରେଭିସଙ୍କ ସହ ହାତ ମିଳାଇଲେନି କୋହଲି




ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିବା ହାଇଭୋଲ୍ଟେଜ ମ୍ୟାଚ ପରେ ବିରାଟ କୋହଲି ଓ ଟ୍ରେଭିସ ହେଡଙ୍କ ମଧ୍ୟରେ ତିକ୍ତତା ଦେଖିବାକୁ ମିଳିଥିଲା। ମ୍ୟାଚ ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହାଇଦ୍ରାବାଦର ୨୫୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ହେଡଙ୍କ କମେଣ୍ଟର ପ୍ରତିକ୍ରିୟା ଦେଇ କୋହଲି କହିଥିଲେ ଠିକ ଅଛି ଆସ କିଛି ଓଭର ବୋଲିଂ କର। ଏହାର କିଛି ସମୟ ପରେ କୋହଲି ଆଉଟ୍ ହୋଇଯିବାରୁ ହେଡ କହିଥିଲେ ଭାଇ ମୁଁ ବୋଲିଂ କରିବାକୁ ଆସିବା ପୂର୍ବରୁ ତୁମେ ଆଉଟ୍ ହୋଇଗଲ। ଏଭଳି ମନ୍ତବ୍ୟ କୋହଲିଙ୍କୁ ଆହୁରି ଅସନ୍ତୁଷ୍ଟ କରିଥିଲା। ଏହି ବିବାଦ ମ୍ୟାଚ ଶେଷ ହେବା ପରେ ମଧ୍ୟ ଜାରି ରହିଥିଲା। ଖେଳ ସରିବା ପରେ ଯେତେବେଳେ ଦୁଇ ଦଳର ଖେଳାଳିମାନେ ପରସ୍ପର ସହ ହାତ ମିଳାଉଥିଲେ ସେତେବେଳେ ଟ୍ରେଭିସ ହେଡ ହାତ ମିଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ କୋହଲି ତାଙ୍କୁ ଅଣଦେଖା କରି ଆଗକୁ ଚାଲି ଯାଇଥିଲେ। କୋହଲି ହାଇଦ୍ରାବାଦ ଅଧିନାୟକ ପାଟ କୁମିନ୍ସଙ୍କ ସହ ଅନ୍ୟ ସମସ୍ତ ଖେଳାଳିଙ୍କ ସହ ହାତ ମିଳାଇଥିବାରୁ ଏହି ମୁହୂର୍ତ୍ତଟି କ୍ୟାମେରାରେ ସ୍ପଷ୍ଟ ଭାବେ ଅଲଗା ଜଣାପଡିଥିଲା। ଏହି ମ୍ୟାଚରେ ବେଙ୍ଗାଲୁରୁ ୫୫ ରନରେ ପରାଜିତ ହୋଇଥିଲେ ମଧ୍ୟ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଛି। କ୍ୱାଲିଫାୟ କରିବାକୁ ଆରସିବି ପାଇଁ ଅତିକମରେ ୧୬୬ ରନର ଆବଶ୍ୟକତା ଥିଲା। ଯାହାକୁ ଦଳ ହାସଲ କରିନେଇଥିଲା। ଶୀର୍ଷ ଦୁଇରେ ରହିବା ଯୋଗୁଁ ବେଙ୍ଗାଲୁରୁକୁ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ସୁଯୋଗ ମିଳିବ।

# ଧୋନୀଙ୍କ ଯୋଗୁଁ ଚେନ୍ନାଇକୁ ମିଳୁନି କୋଚ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଚେନ୍ନାଇ ସୁପରକିଙ୍ଗ୍ସ ସହ ମହେନ୍ଦ୍ର ସିଂ ଧୋନୀ ୧୮ ବର୍ଷ ହେଲା ଜଡିତ ଅଛନ୍ତି। ଫ୍ରାଞ୍ଚାଇଜ୍ ମଧ୍ୟ ତାଙ୍କର ସମସ୍ତ କଥା ମାନୁଛି। ପ୍ରଥମଥର ୧୯ତମ ସିଜନରେ ଧୋନୀଙ୍କ ଗୁରୁତ୍ୱ ଚେନ୍ନାଇ ଟିମରେ ଦେଖିବାକୁ ମିଳିନଥିଲା। ଚେନ୍ନାଇର ପ୍ରଦର୍ଶନ ଭଲ ନାହିଁ। ଦଳ ପ୍ଲେ ଅଫରେ ପ୍ରବେଶ କରିନାହିଁ। ପ୍ରଥମଥର ପାଇଁ କ୍ରମାଗତ ୩ଟି ସିଜନରେ ଦଳ ପ୍ଲେ ଅଫକୁ ଯାଇପାରିନାହିଁ। ଆଘାତ ସମସ୍ୟା ଯୋଗୁଁ ଧୋନୀ ଗୋଟିଏ ବି ମ୍ୟାଚ ଖେଳିନାହାନ୍ତି। ଧୋନୀଙ୍କ ଯୋଗୁଁ କୌଣସି ବଡ଼ କୋଚ ଚେନ୍ନାଇ ସହ ଯୋଡି ହେବାକୁ ଚାହୁଁନାହାନ୍ତି। ଧୋନୀଙ୍କ ଉପସ୍ଥିତି ବର୍ତ୍ତମାନ ପରିସ୍ଥିତିରେ ଦଳକୁ ବ୍ୟାକଫୁଟକୁ ନେଉଥିବା ଇଣ୍ଡିଆ ଏକ୍ସପ୍ରେସରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚେନ୍ନାଇର ଟିମ୍ ମ୍ୟାନେଜମେଣ୍ଟ ନୂଆ କୋଚ ହେବାକୁ ଚାହୁଁଥିଲେ। ମଧ୍ୟ ଧୋନୀ ଦଳରୁ ଗଲେ ସେ ଦାୟିତ୍ୱ ନେବେ ବୋଲି କହିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। ଧୋନୀ କଣ ସିଏସକେ ପାଇଁ ବୋଝ ପାଲଟି ଗଲେଣି ବୋଲି ପ୍ରଶ୍ନ ହୋଇଛି। ଯାହାଙ୍କ ପଛରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି ସେ ଦଳ ଗଢ଼ିବାରେ କିମ୍ବା ପ୍ରଦର୍ଶନ ମାଧ୍ୟମରେ କୌଣସି ସହଯୋଗ କରୁନାହାନ୍ତି। ନ୍ୟୁଜିଲାଣ୍ଡର ଷ୍ଟିଫେନ ଫ୍ଲେମିଂ ସିଏସକେର କୋଚ ଦାୟିତ୍ୱ ତୁଳାଉଛନ୍ତି। ସଞ୍ଜୁ ସାମସନଙ୍କ ଉପସ୍ଥିତି ଦଳକୁ ମଜଭୂତ କରିଛି। ସେ ଧୋନୀଙ୍କ ସ୍ଥାନ ନେବେ ବୋଲି ଆଶା କରାଯାଉଛି।




# ଟି-୨୦ ବିଶ୍ୱକପ: ଲଣ୍ଡନ ଗଲା ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ମହିଳା ଦଳ ଶନିବାର ମୁମ୍ବାଇରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଛି। ପ୍ରଶଂସକ ବାଜା ବଜାଇ ତିଳକ ଲଗାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତବର୍ଷ ଦିନିକିଆ ବିଶ୍ୱକପ ଟାଇଟଲ ଜିତିଥିଲା। ବିଶ୍ୱକପ ପୂର୍ବରୁ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ଟି-୨୦ ଶୃଙ୍ଖଳା ଖେଳିବ। ମେ ୨୮ରୁ ଏହି ଶୃଙ୍ଖଳା ଆରମ୍ଭ ହେବ। ଟି-୨୦ ବିଶ୍ୱକପରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଜୁନ ୧୪ରେ ଭେଟିବେ। ଏହି ମ୍ୟାଚ ଏଜବାଷ୍ଟନରେ ଖେଳାଯିବ। ୧୨ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପରୁ ଦୁଇଟି ଲେଖାଏଁ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ମହିଳା ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ସର୍ବାଧିକ ୬ଥର ଚାମ୍ପିଅନ ହୋଇଛି।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିକ୍ସ, ଦିପ୍ତୀ ଶର୍ମା, ରିଚା ଘୋଷ, ଭାରତୀ ଫୁଲମାଲି, ଶ୍ରୀଚରଣୀ, ଯଷ୍ଟିକା ଭାଟିଆ, ନନ୍ଦିନୀ ଶର୍ମା, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ, ରେଣୁକା ସିଂ ଠାକୁର, ଶ୍ରେୟାସ ପାଟିଲ ଓ ରାଧା ଯାଦବ।



# ଜାତୀୟ ଶକ୍ତିଉତ୍ତୋଳନ:ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୨୩।୫(ସବ୍ୟୁ): ଆନ୍ଧ୍ରପ୍ରଦେଶର ଅମଲାପୁରମ ଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡିଶାର ପ୍ରତିଯୋଗୀମାନେ ବେଶ ଭଲ ପ୍ରଦର୍ଶନ କରିଛନ୍ତି । ମହିଳା କନିଷ୍ଠ ବର୍ଗରେ ୮୪ କିଲୋ ରୁ ଅଧିକ ବର୍ଗରେ ଆକାଂକ୍ଷା ପରିଡା ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ମହିଳା ବର୍ଗରେ ଦିତୀୟ ବେଷ୍ଟ ଲିଫଟର ଆଖ୍ୟା ଅର୍ଜନ କରିଛନ୍ତି । ଅନନ୍ୟା ଅନନ୍ଦିତା ଗିରି ମହିଳା କନିଷ୍ଠ ୭୬ କିଲୋ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କିଲୋ କନିଷ୍ଠ ବର୍ଗରେ ରୌପ୍ୟ ପଦକ , ଅଖିଲ ନାଗ କନିଷ୍ଠ ୭୪ କିଲୋ ବର୍ଗରେ ରୌପ୍ୟ , ରୋହିତ ପାତ୍ର କନିଷ୍ଠ ୧୨୦ କିଲୋ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ଉପ କନିଷ୍ଠ ପୁରୁଷ ୫୯ କିଲୋ ବର୍ଗ ରେ ନିଲେଶ ଗୌଡ କାଂସ୍ୟ ପଦକ ଲାଭ କରିଛନ୍ତି । ୧ ଟି ସ୍ୱର୍ଣ୍ଣ , ୨ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ସହ ଓଡିଶା କୁ ମୋଟ ୬ ଟି ପଦକ ଲାଭ ହୋଇଛି । ବ୍ୟକ୍ତିଗତ ଲିଫ୍ଟ ରେ ଅବିନାଶ ହିମିରିକା ଉପ କନିଷ୍ଠ ପୁରୁଷ ୫୯ କିଲୋ ବର୍ଗରେ ରୌପ୍ୟ ପଦକ ଓ ବିକ୍ରମ ସିଂ ଉପ କନିଷ୍ଠ ପୁରୁଷ ୬୬ କିଲୋ ବର୍ଗରେ ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଓଡିଶା ଦଳ ସହ କୋଚ ଭାବେ ବ୍ରହ୍ମପଦ ବେହେରା ଓ ଟିମ ମ୍ୟାନେଜର ଭାବେ ସୋମେନ ସେନାପତି ଥିଲେ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡିଶା ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଏବଂ ସଂଘର ସଭାପତି ଇଂ ଚିତ୍ତ ରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି ।

### ଏଫଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍

# ରୌପ୍ୟ ଜିତିଲେ ପ୍ରଣତୀ




ଭୁବନେଶ୍ୱର,୨୩।୫(ସବ୍ୟୁ): ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏଫଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଓଡ଼ିଆ ଝିଅ ପ୍ରଣତୀ ନାୟକ ରୌପ୍ୟ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଭଲ୍ଟ ଇଭେଣ୍ଟରେ ପ୍ରଣତୀଙ୍କୁ ଏହି ସଫଳତା ମିଳିଛି। ଅନ୍ତର୍ଜାତୀୟସ୍ତରରେ ଶକ୍ତିଶାଳୀ ପ୍ରତିପକ୍ଷଙ୍କୁ ଚମକା ଦେଇ ପ୍ରଣତୀ ଭଲ୍ଟ ଇଭେଣ୍ଟ ଫାଇନାଲରେ ୧୩.୦୨୫ ସ୍କୋର କରି ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲେ। ଫଳରେ ଭାରତୀୟ ଜିମ୍ନାଷ୍ଟିକ୍ସ କ୍ରୀଡାରେ ଆଉ ଏକ ମାଇଲଖୁଣ୍ଟ ଯୋଡି ହୋଇଛି। ଅକ୍ଳାନ୍ତ ପରିଶ୍ରମ ଶୃଙ୍ଖଳା ଓ ନିଷ୍ଠାପର ସାଧାନ ତଥା କ୍ରୀଡା ପ୍ରତିବଦ୍ଧାତାର ପ୍ରମାଣ ପଦକ ଜିତି ପ୍ରଣତୀ ପ୍ରମାଣିତ କରିଛନ୍ତି। ପ୍ରଣତୀଙ୍କ ସଫଳତା ପାଇଁ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ଅଶୋକ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି। ପ୍ରଶିକ୍ଷକ ଅଶୋକ ମିଶ୍ର କହିଛନ୍ତି ପ୍ରଣତୀଙ୍କ ସଫଳତା ଭାରତୀୟ ଜିମ୍ନାଷ୍ଟିକ ପାଇଁ ଗର୍ବ ଓ ପ୍ରେରଣାଦାୟକ ମୁହୂର୍ତ୍ତ। ତାଙ୍କ ଉତ୍ସର୍ଗ ଏବଂ ଶ୍ରେଷ୍ଠ ପ୍ରଦର୍ଶନ ଦେଶର ଯୁବ ଖେଳାଳିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଆଗକୁ ଆହୁରି ବଡ଼ ସଫଳତା ହାସଲ କରିବେ ବୋଲି ମୋର ବିଶ୍ୱାସ ଥିବା କୋଚ ଅଶୋକ ମିଶ୍ର କହିଛନ୍ତି।


**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ପୋଲିସ କବାଡି, ହ୍ୟାଣ୍ଡବଲ ଚାମ୍ପିଅନସିପ ଉଦଯାପିତ



ଅନୁଗୁଳ,୨୩।୫(ସବ୍ୟୁ): ଅନୁଗୁଳ ପୋଲିସ ପକ୍ଷରୁ ଆୟୋଜିତ ୭୯ତମ ରାଜ୍ୟ ପୋଲିସ କବାଡ଼ି ଏବଂ ୧୧ତମ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଶୁକ୍ରବାର ଉଦଯାପିତ ହୋଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, କ୍ରୀଡ଼ା ପୋଲିସ କର୍ମଚାରୀଙ୍କ ମାନସିକ ଓ ଶାରୀରିକ ସୁସ୍ଥତା ବଢ଼ାଇଥାଏ। ଏହି ପାଞ୍ଚଦିନିଆ ପ୍ରତିଯୋଗିତାରେ କଟକ ଓଏସଓପି ୬ଷ୍ଠ ବାଟାଲିଅନ ଉଭୟ ବିଭାଗରେ ଚାମ୍ପିଅନ ହୋଇ ଡବଲ୍ ଖିତାବ ହାସଲ କରିଛି। କବାଡ଼ିରେ ଦେଓଗଡ଼ ୪ର୍ଥ ଆଇଆରବି ରନର୍ସଅପ୍ ହୋଇଥିବା ବେଳେ ମନୀନ୍ଦ୍ର କୁମାର ନାୟକ ସର୍ବଶ୍ରେଷ୍ଠ ଖେଳାଳି ଏବଂ ଅନୁଗୁଳ ସର୍ବଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଛି । ସେହିପରି ହ୍ୟାଣ୍ଡବଲରେ କେନ୍ଦୁଝର ପୋଲିସ ରନର୍ସଅପ୍ ହୋଇଥିବା ବେଳେ କଟକ ବାଟାଲିଅନର ବିଶ୍ୱନାଥ କହଁର ସର୍ବଶ୍ରେଷ୍ଠ ଖେଳାଳି ଏବଂ ରାଉରକେଲା ପୋଲିସ ସର୍ବଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଛନ୍ତି। ଅନୁଗୁଳ ଏସପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବ କଡ଼ା ସୁରକ୍ଷା ମଧ୍ୟରେ ସଫଳତାର ସହ ଶେଷ ହୋଇଛି।

### ଓଡ଼ିଶା ମହିଳା ଲିଗ୍

# ୟଙ୍ଗ, ତାରିଣୀ, ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ

ଭୁବନେଶ୍ୱର,୨୩।୫(ସବ୍ୟୁ): ଓଡ଼ିଶା ମହିଳା ଲିଗ୍ ଫୁଟବଲର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ୟଙ୍ଗ ଆସୋସିଏସନ୍ କ୍ଲବ ତାରିଣୀ ଫୁଟବଲ ଏକାଡେମୀ ଏବଂ ସ୍ପୋର୍ଟ୍ସ ଓଡ଼ିଶା ବିଜୟଲାଭ କରିଛନ୍ତି। ଏସଆରଏମ ସ୍ପୋର୍ଟ୍ସ କ୍ଲବ ଏବଂ ଓଜିପି ମଧ୍ୟରେ ମ୍ୟାଚ ଗୋଲଶୂନ୍ୟ ଭାବେ ଡ୍ର' ରହିବା ସହ ପଏଣ୍ଟ ଭାଗ ହୋଇଛି। ପ୍ରଥମ ମ୍ୟାଚରେ ୟଙ୍ଗ ଆସୋସିଏସନ୍ କ୍ଲବ୍ ୧-୪ ଗୋଲରେ ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡାକୁ ପରାଜିତ କରିଥିଲା। ତୃତୀୟ ମ୍ୟାଚରେ ତାରିଣୀ ଫୁଟବଲ ଏକାଡେମୀ କେନ୍ଦୁଝର ୩-୧ ଗୋଲରେ କିଟ-କିସକୁ ପରାଜିତ କରିଛି। ତୃତୀୟ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨-୧ ଗୋଲରେ ଆଉଲ ମହିଳା ଫୁଟବଲ କ୍ଲବକୁ ପରାଜିତ କରିଥିଲା। ମ୍ୟାଚର ନବମ ମିନିଟରେ ବବିତା ନାୟକ ଓ ୪୨ତମ ମିନିଟରେ ସୁମିତା ସିଂ ଏହି ଦୁଇଟି ଗୋଲ କରିଥିଲେ।


ସମୟ
ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod | IOS

Download Now:
https://play.google.com/store/app/details/id- com.samayalive.app


### ▸▸ କାଭା ମହିଳା ଭଲିବଲ ଚାମ୍ପିଅନସିପ

# ଭାରତୀୟ ଦଳର କ୍ରମାଗତ ବିଜୟ

ଭୁବନେଶ୍ୱର,୨୩।୫(ସବ୍ୟୁ): କାଭା ମହିଳା ଚାମ୍ପିଅନସିପରେ ଭାରତୀୟ ମହିଳା ଦଳର ଜୟଯାତ୍ରା ଜାରି ରହିଛି। ଦ୍ୱିତୀୟ ମ୍ୟାଚରେ ଭାରତୀୟ ସିନିୟର ମହିଳା ଭଲିବଲ ଦଳ ୩-୦ ସେଟ (୨୫-୯, ୨୫-୧୪, ୨୫-୧୭)ରେ ମାଳଦୀପକୁ ଧରାଶାୟୀ କରିଥିଲା। ପ୍ରଥମ ମ୍ୟାଚରେ ଭାରତ ୫-୦ ସେଟରେ ନେପାଳକୁ ପରାଜିତ କରିଥିଲା। ଦ୍ୱିତୟ ମ୍ୟାଚ ବିଜୟୀ ହୋଇଥିବାରୁ ଆଗକୁ ବଢ଼ିବାର ପଥ ପରିଷ୍କାର ହୋଇଛି। ଓଡ଼ିଶା ଭଲିବଲ ଆସୋସିଏସନର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ମହିଳା ଦଳର ସମସ୍ତ ଖେଳାଳି ଓ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋମବାର ତାର ପରବର୍ତ୍ତୀ ମ୍ୟାଚରେ କିର୍ଗିଜସ୍ତାନକୁ ଭେଟିବ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି